◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-120 ◆SUNDAY ◆25 OCTOBER 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୧୨୦ ◆ରବିବାର ◆୨୫ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨+୪(ସିନ୍ଦୂରା) ◆ଟ.୭.୦୦

ଅବପାତ ଘନୀଭୂତ

ଉଗ୍ର ହେଉଛି ବାତ୍ୟା 'ଅର୍ଣ୍ଣବ'

ଆନ୍ଧ୍ରରେ ଭୀଷଣ ପବନ, ଓଡ଼ିଶାରେ ଅତି ପ୍ରବଳ ବର୍ଷା

■ ଭୁବନେଶ୍ୱର, ୨୪।୧୦ (ସମିସ): ସମ୍ଭାବ୍ୟ ବାତ୍ୟା ଅର୍ଣ୍ଣବକୁ ନେଇ ରାଜ୍ୟବାସୀଙ୍କ ମଧ୍ୟରେ ଆଶଙ୍କା ବଢ଼ୁଥିବା ବେଳେ ରବିବାର ଗୁରୁତ୍ୱପୂର୍ଣ୍ଣ ସୂଚନା ଜାରି କରିଛି ଭାରତୀୟ ପାଣିପାଗ ବିଭାଗ(ଆଇଏମଡି)। ପୂର୍ବ-କେନ୍ଦ୍ରୀୟ ଓ ସଂଲଗ୍ନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ



ସୃଷ୍ଟି ହୋଇଥିବା ସୁସ୍ପଷ୍ଟ ଲଘୁଚାପ ଶନିବାର ଅବପାତରେ ପରିଣତ ହୋଇଛି। ୨୮ ତାରିଖ ସକାଳ ବେଳକୁ ଏହା କ୍ରମଶଃ ଅତି ଭୀଷଣ ବାତ୍ୟା(ଅର୍ଣ୍ଣବ)ରେ ପରିଣତ ହୋଇ ଆନ୍ଧ୍ରପ୍ରଦେଶ ଉପକୂଳ ନିକଟରେ ପହଞ୍ଚିବ। ପୂର୍ବାହ୍ଣରେ ଏହା ବାପ୍‌ଟଲା ଓ ବିଶାଖାପଟନମ୍ ମଧ୍ୟରେ ଆନ୍ଧ୍ରପ୍ରଦେଶ ଓ ୟାନମ୍ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି। ସ୍ଥଳଭାଗ ଛୁଇଁବା(ଲ୍ୟାଣ୍ଡଫଲ୍) ସମୟରେ ପବନର ବେଗ ଘଣ୍ଟାପ୍ରତି ୧୧୫ରୁ ୧୨୫ କିମି ଓ ଝଟ୍‌କା ପବନର ବେଗ ୧୪୦ କିମି ଛୁଇଁପାରେ ବୋଲି ଆଇଏମଡି ପକ୍ଷରୁ ଆକଳନ କରାଯାଇଛି। ବାତ୍ୟାର ସର୍ବାଧିକ ପ୍ରଭାବ ଆନ୍ଧ୍ର ଉପରେ ରହିବାକୁ ଥିବାବେଳେ ଓଡ଼ିଶାର ରାୟଗଡ଼, କୋରାପୁଟ, ମାଲକାନଗିରି, ଗଜପତି ଓ ଗଞ୍ଜାମ ଜିଲ୍ଲା ବିଶେଷ ପ୍ରଭାବିତ

- ◆ ଅତି ଭୀଷଣ ବାତ୍ୟା ରୂପ ନେଇ ୨୮ରେ ଆନ୍ଧ୍ରର ବାପ୍‌ଟଲା ନିକଟରେ ସ୍ଥଳଭାଗ ଛୁଇଁବ
- ◆ ଲ୍ୟାଣ୍ଡଫଲ୍ ସମୟରେ ୧୪୦ କିମି ଯାଏଁ ରହିବ ପବନର ବେଗ
- ◆ ୨୮ରେ ଓଡ଼ିଶାର ୫ ଜିଲ୍ଲାରେ ଭୀଷଣ, ଅନ୍ୟ ସବୁ ଜିଲ୍ଲାରେ ପ୍ରବଳ ବର୍ଷା
- ◆ ବାତ୍ୟା ପ୍ରଭାବରେ ୨୭ରୁ ୨୯ ତାରିଖ ଯାଏଁ ଲାଗିରହିବ ବର୍ଷା

ହେବ। ୨୮ ତାରିଖରେ ଓଡ଼ିଶାର ଉପରୋକ୍ତ ୫ ଜିଲ୍ଲାରେ ଭୀଷଣ ବର୍ଷା ସହ ପବନର ବେଗ ୬୦ରୁ ୭୦ କିମି ଏବଂ ପବନର ଝଟ୍‌କା ୮୦ କିମି ରହିପାରେ। ଏହାକୁ ଦୃଷ୍ଟିରେ ରଖି ଉପରୋକ୍ତ ଜିଲ୍ଲାଗୁଡ଼ିକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡ଼ିକ ବ୍ୟତୀତ ଅନ୍ୟ ସମସ୍ତ ଜିଲ୍ଲାରେ ଉକ୍ତଦିନ ପ୍ରବଳ ବର୍ଷା ସମ୍ଭାବନା ଥିବାବେଳେ ପାଣିପାଗ କେନ୍ଦ୍ର ପକ୍ଷରୁ ଅରେଞ୍ଜ ଓ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ▶ପୃଷ୍ଠା-୭

ମୁଖ୍ୟମନ୍ତ୍ରୀଙ୍କ ବାତ୍ୟା ମୁକାବିଲା ପ୍ରସ୍ତୁତି ସମୀକ୍ଷା

ଶୂନ୍ୟ ମୃତ୍ୟୁକୁ ଗୁରୁତ୍ୱ

■ ଭୁବନେଶ୍ୱର, ୨୪।୧୦ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଲୋକସେବା ଭବନରେ ସମ୍ଭାବ୍ୟ ବାତ୍ୟା ପରିସ୍ଥିତିର ମୁକାବିଲା ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ଅବସରରେ ଗଣମାଧ୍ୟମକୁ ବିବୃତି ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବନ୍ୟା ଓ ବାତ୍ୟା ମୁକାବିଲାରେ ଆମର ପୂର୍ବରୁ ଅଭିଜ୍ଞତା ରହିଛି। ବାତ୍ୟା ଦାନା ଓ ମୋନ୍ଥା'ର ସଫଳ ମୁକାବିଲା କରାଯାଇଥିଲା। ଏହାସହିତ ଅନେକ ବନ୍ୟା ପରିସ୍ଥିତିର ମୁକାବିଲା ମଧ୍ୟ କରାଯାଇଛି। ତେଣୁ ପ୍ରତ୍ୟେକ ଥର ଭଳି ଏଥର ମଧ୍ୟ ଜିରୋ କାଜୁଆଲ୍‌ଟି ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛନ୍ତି। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ଅଛି, ଏଥର ମଧ୍ୟ ଆମ ଜିରୋ କାଜୁଆଲ୍‌ଟି ଲକ୍ଷ୍ୟ ହାସଲ କରିବୁ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ▶ପୃଷ୍ଠା-୭

୬୦ ଓଡ୍ରାଫ୍, ୧୭ ଏନ୍‌ଡିଆର୍‌ଏଫ୍, ୨୨୫ ଅଗ୍ନିଶମ ଦଳ ପ୍ରସ୍ତୁତ

୫ଟି ଜିଲ୍ଲାରେ ୨୮ ଓ ୨୯ ତାରିଖ ସ୍କୁଲ, କଲେଜ ଛୁଟି ଘୋଷଣା

ଆଜି ଆସୁଛନ୍ତି ପ୍ରଧାନମନ୍ତ୍ରୀ

■ ଭୁବନେଶ୍ୱର, ୨୪।୧୦ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ରବିବାର ଓଡ଼ିଶା ଗସ୍ତରେ ଆସୁଛନ୍ତି। ପ୍ରଧାନମନ୍ତ୍ରୀ ଖୋର୍ଦ୍ଧାରେ ରିଜର୍ଭ ବ୍ୟାଙ୍କର ଗ୍ରୀନ୍ ଫିଲ୍ଡ ଡାଟା ସେଣ୍ଟର ଓ ସାଇବର ସୁରକ୍ଷା ପ୍ରଶିକ୍ଷଣ କେନ୍ଦ୍ରର ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ପ୍ରଶାସନିକ ସ୍ତରରେ ସମସ୍ତ ପୂର୍ବ ପ୍ରସ୍ତୁତି ଶେଷ ହୋଇଛି।

ସୂଚନା ଅନୁଯାୟୀ ଆସନ୍ତାକାଲି ଅପରାହ୍ନରେ ପ୍ରଧାନମନ୍ତ୍ରୀ ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚି ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ସୂର୍ଯ୍ୟାସ୍ତ ପୂର୍ବରୁ ଖୋର୍ଦ୍ଧା ହେଲିପ୍ୟାଡରେ ପହଞ୍ଚିବେ। ସେଠାରୁ ସଡ଼କ ପଥରେ ଯାଇ କାର୍ଯ୍ୟକ୍ରମ ସ୍ଥଳରେ ପହଞ୍ଚି ଆରବିଆଇର ଗ୍ରୀନ୍ ଫିଲ୍ଡ ଡାଟା ସେଣ୍ଟର ଓ ପ୍ରଶିକ୍ଷଣ କେନ୍ଦ୍ରର ଉଦଘାଟନ କରିବେ। ଏହି ଅବସରରେ ସେ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ମଧ୍ୟ ଦେବେ। ସେଠାରେ ପ୍ରଧାନମନ୍ତ୍ରୀଙ୍କର ପ୍ରାୟ ୧ ଘଣ୍ଟା ଧରି କାର୍ଯ୍ୟକ୍ରମ ରହିଛି। ଏହାପରେ ପ୍ରଧାନମନ୍ତ୍ରୀ ସଡ଼କ ପଥରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚି ସନ୍ଧ୍ୟାରେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ। ▶ପୃଷ୍ଠା-୭

ଖୋର୍ଦ୍ଧାରେ ଆର୍‌ବିଆଇର ଗ୍ରୀନ୍ ଫିଲ୍ଡ ଡାଟା ସେଣ୍ଟର ଓ ସାଇବର ସୁରକ୍ଷା ପ୍ରଶିକ୍ଷଣ କେନ୍ଦ୍ରର କରିବେ ଉଦ୍‌ଘାଟନ

୪ ମାସ ହେଲା ଭତ୍ତା ନାହିଁ

ଜୀବନ ହାରିଲେ ବୃଦ୍ଧ

■ ପରଜଙ୍ଗ, ୨୪।୧୦ (ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ରୋଡ଼ ପଞ୍ଚାୟତ ରୋଡ଼ ଗ୍ରାମର ଜଣେ ହିତାଧିକାରୀ ୪ ମାସ ହେବ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ହୋଇ ଆର୍ଥିକ ଅନଟନ ଯୋଗୁଁ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ହେଲେ ଗ୍ରାମର ଘନଶ୍ୟାମ ସାହୁ। ଘନଶ୍ୟାମ ବହୁ ଅଭାବରେ ଅନଟନରେ ଜୀବନ ଅତିବାହିତ କରୁଥିଲେ। ଭାଇ ଓ ପଡ଼ୋଶୀ ଯାହା ଦେଉଥିଲେ, ତାହାକୁ ଖାଇ ବଞ୍ଚିଥିଲେ। ତେବେ ଦୈନନ୍ଦିନ ଚଳଣିରେ ଔଷଧ ସେବନ ନିମନ୍ତେ ମାସିକ ଭତ୍ତା ଉପରେ ନିର୍ଭରଶୀଳ ଥିଲେ। ସେ କେନ୍ଦ୍ର ସରକାରଙ୍କ ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ମାସିକ ହଜାରେ ଟଙ୍କା ପାଉଥିଲେ। ତେବେ ଗତ ୪ ମାସ ହେବ ତାଙ୍କୁ ▶ପୃଷ୍ଠା-୭

ଆଇଟିଆଇ ଛାତ୍ରୀଙ୍କୁ ଅପହରଣ ଓ ଦୁଷ୍କର୍ମ

■ ବ୍ରହ୍ମପୁର, ୨୪।୧୦ (ସମିସ): ଜଣେ ନାବାଳିକା ଆଇଟିଆଇ ଛାତ୍ରୀଙ୍କୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ବ୍ରହ୍ମପୁର ସଦର ଥାନା ପୁଲିସ ଜଣେ ଯୁବକଙ୍କୁ ଭୁବନେଶ୍ୱରରୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସଦର ଥାନା ଅନ୍ତର୍ଗତ ପୁରୁଣା ରାମଚନ୍ଦ୍ରପୁର ବାଉଁଶିଆପଲ୍ଲୀ ଗ୍ରାମର ଶୁଭମ୍ ବାରିକ (୨୨)। ▶ପୃଷ୍ଠା-୭

ଭୁବନେଶ୍ୱରରୁ ଅଭିଯୁକ୍ତ ଗିରଫ



ସକାଳ THE SAKALA

www.sakalaepaper.com

ବିଶେଷ ଟିପ୍ପଣୀ



ଭାରତ ବିରୋଧୀ ଆତଙ୍କବାଦୀ କାର୍ଯ୍ୟକଳାପ ଅଭିଯୋଗରେ ଗିରଫ ଆମେରିକୀୟ ମାଥ୍ୟୁ ଭାନ୍‌ଡାଇକ୍‌ଙ୍କୁ ୪ ମାସ ପାଇଁ ବିଦେଶ ଫେରିବାକୁ ଅନୁମତି ମିଳିଛି। ଅଥଚ ଭୋଟ ଚୋରି ବିରୋଧରେ ଦେଶର ଯୁବ ଆନ୍ଦୋଳନକାରୀଙ୍କୁ ନିର୍ଦ୍ଦୟତାର ସହ ଗିରଫ କରାଯାଉଛି।

- ଜୟରାମ ରମେଶ (କଂଗ୍ରେସ ନେତା)

ନିଶା ସେବନ ଦ୍ୱାରା ପ୍ରଭାବିତ ଯେକୌଣସି ରାଜ୍ୟର ସରକାରଙ୍କ ବିରୁଦ୍ଧରେ ଆନ୍ଦୋଳନ ହେବ। ପଞ୍ଜାବ ହେଉ ଅବା କୌଣସି ବି ରାଜ୍ୟରେ ନିଶା କାରବାରକୁ ପ୍ରୋତ୍ସାହିତ କରୁଥିବା କାରଖାନାଗୁଡ଼ିକୁ ବନ୍ଦ କରିଦିଆଯିବା ଉଚିତ। ନଚେତ୍ ନିଶା ସମଗ୍ର ଯୁବବର୍ଗକୁ ନଷ୍ଟ କରିଦେବ।

-ଚୌଧୁରୀ ରାକେଶ ଟିକୈତ (ଚାଷୀ ନେତା)

ଜେନ୍ Z

କାପୁରୁଷମାନେ ଜଣେ ମହିଳା ଛାତ୍ରନେତ୍ରୀଙ୍କ ସ୍ୱରକୁ ଚାପିଦେଇ ପାରୁନାହାନ୍ତି। ନେହା ବୋରା ମିଥ୍ୟା ମାମଲା କିମ୍ବା ସରକାରୀ ଗୁଣ୍ଡାମାନଙ୍କୁ ଭୟ କରିବେ ନାହିଁ। ସମଗ୍ର ଦେଶ ଏହି ସାହସୀ ଝିଅ ସହିତ ଠିଆ ହୋଇଛି।

-କୁଦସୀ ରାଜା @KudsiRaza_21

ବଣ୍ଡରେ ସ୍ୱାକ୍ଷର କରିବାକୁ ମନାକଲେ ନେହା ବୋରା

ନୂଆଦିଲ୍ଲୀ,୨୪।୧୦(ଏଜେନ୍ସି): ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଆସୋସିଏସନ୍ (ଏଆଇଏସ୍ଏ)ର ସଭାପତି ନେହା ବୋରା ଦିଲ୍ଲୀ ପୁଲିସ ଦ୍ୱାରା ଜାରି କରାଯାଇଥିବା ଶାନ୍ତି ମୁଚାଲିକା (ପିସ୍ ବଣ୍ଡ) ନୋଟିସରେ ସ୍ୱାକ୍ଷର କରିବାକୁ ସ୍ପଷ୍ଟ ମନା କରିଦେଇଛନ୍ତି। ଦିଲ୍ଲୀ ହାଇକୋର୍ଟଙ୍କ ଆବେଦନ ଖାରଜ ପରେ ବି ସେ ଏହି ନୋଟିସକୁ ଆଇନଗତ ଭାବେ ଚ୍ୟାଲେଞ୍ଜ କରିବେ ବୋଲି ଘୋଷଣା କରିଛନ୍ତି। ଏଥିରେ ନେହାଙ୍କୁ ୧୦,୦୦୦ ଟଙ୍କାର ବ୍ୟକ୍ତିଗତ ମୁଚାଲିକା ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହେଲେ ବିଚାରପତି ସୁବ୍ରମଣ୍ୟମ ପ୍ରସାଦଙ୍କ ଖଣ୍ଡପୀଠ ଏହି ଆବେଦନକୁ ଖାରଜ କରିଦେଇଛନ୍ତି। ତେବେ, ହାଇକୋର୍ଟ ନେହାଙ୍କ ବିରୋଧରେ ଥିବା ସମସ୍ତ ପ୍ରମାଣ ଓ ତଥ୍ୟ ପ୍ରଦାନ କରିବାକୁ ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ (ଏସ୍ଇଏମ୍) କୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ନେହା ପ୍ରଶ୍ନ କରିଛନ୍ତି ଯେ, ଗଣତାନ୍ତ୍ରିକ ପ୍ରତିବାଦ ଓ ସରକାରଙ୍କୁ ପ୍ରଶ୍ନ ପଚାରିବା କଣ ଶାନ୍ତି ଭଙ୍ଗ? ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଏବଂ ଭିନ୍ନମତ ପ୍ରକାଶ କରିବା ନାଗରିକଙ୍କ ମୌଳିକ ଗଣତାନ୍ତ୍ରିକ ଅଧିକାର। ଗତ ଅକ୍ଟୋବର ୧୬ରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶଙ୍କ ଇସ୍ତଫା ଦାବିରେ ଆୟୋଜିତ ଏକ ଶୋଭାଯାତ୍ରା ସମୟରେ ପୁଲିସ ନେହାଙ୍କୁ ଅଟକ ରଖିଥିଲା। ନେହା ସ୍ପଷ୍ଟ କରିଛନ୍ତି ଯେ ସେ ଏସ୍ଇଏମ୍ କୋର୍ଟରେ ହାଜର ହୋଇ ଆଇନଗତ ସଂଗ୍ରାମ ଜାରି ରଖିବେ, କିନ୍ତୁ କୌଣସି ଶାନ୍ତି ମୁଚାଲିକାରେ ସ୍ୱାକ୍ଷର କରିବେ ନାହିଁ।

ଦିଲ୍ଲୀ ସ୍କୁଲରେ ନିଜ ଦେହରେ ନିଆଁ ଲଗାଇଦେଲେ ଛାତ୍ରୀ

ନୂଆଦିଲ୍ଲୀ,୨୪।୧୦(ଏଜେନ୍ସି): ଦିଲ୍ଲୀର ଶାହଦରା ଜିଲ୍ଲା ଅନ୍ତର୍ଗତ କୃଷ୍ଣାନଗରର ଏକ ସରକାରୀ ବିଦ୍ୟାଳୟରେ ଏକ ଅଘଟଣ ଘଟିଛି। ଶନିବାର ଦ୍ୱାଦଶ ଶ୍ରେଣୀର ଜଣେ ୧୭ ବର୍ଷୀୟା ଛାତ୍ରୀ ନିଜ ଦେହରେ ନିଆଁ ଲଗାଇଦେଇଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟର ସୁରକ୍ଷା କର୍ମୀଙ୍କ କକ୍ଷ ପଛପଟୁ ତାଙ୍କୁ ପୋଡ଼ିଯାଇଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି। ଘଟଣାସ୍ଥଳରୁ ତିନି ପୃଷ୍ଠାର ଏକ ଚିଠି ମିଳିଥିବା ବେଳେ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି। ତେବେ ଛାତ୍ରୀଙ୍କ ମୃତ୍ୟୁ ହୋଇଛି କି ନାହିଁ, ତାହା ପୁଲିସ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ। ପୁଲିସର ସୂଚନା ଅନୁଯାୟୀ, ବିଦ୍ୟାଳୟରେ ନିଆଁ ଲାଗିଥିବା ନେଇ ଏକ ଫୋନ୍ କଲ୍ ମିଳିବା ପରେ କୃଷ୍ଣାନଗର ଥାନାର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ଛାତ୍ରୀଙ୍କୁ ପୋଡ଼ିଯାଇଥିବା ଅବସ୍ଥାରେ ଠାବ କରାଯାଇଥିଲା। ସେ ଶାହଦରାର ସର୍ବୋଦୟ ବାଳିକା ବିଦ୍ୟାଳୟର ଛାତ୍ରୀ ବୋଲି ଜଣାପଡ଼ିଛି। ପ୍ରାଥମିକ ତଦନ୍ତ ସମୟରେ ଘଟଣାସ୍ଥଳ ଓ ଛାତ୍ରୀଙ୍କ ସ୍କୁଲ ବ୍ୟାଗରୁ କିଛି ସାମଗ୍ରୀ ଜବତ କରାଯାଇଛି। ଛାତ୍ରୀଙ୍କଠାରୁ ମିଳିଥିବା ତିନି ପୃଷ୍ଠାର ଚିଠି ଏବଂ ଅନ୍ୟ ସାମଗ୍ରୀର ଯାଞ୍ଚ କରାଯାଉଛି। ଘଟଣା ପଛର କାରଣ, ଚିଠିର ବିଷୟବସ୍ତୁ ଓ ଛାତ୍ରୀଙ୍କ ବର୍ତ୍ତମାନର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପୁଲିସ ପକ୍ଷରୁ ସବିଶେଷ ସୂଚନା ଦିଆଯାଇନାହିଁ।

ମଝି ଆକାଶରେ ଦୁଇ ବିମାନ ଧକ୍କା; ୪ ପାଇଲଟ୍ ମୃତ

ମାନିଲା,୨୪।୧୦(ଏଜେନ୍ସି): ଫିଲିପାଇନ୍ସରେ ଏକ ପ୍ରଶିକ୍ଷଣ ଅଭ୍ୟାସ ସମୟରେ ବାୟୁସେନାର ଦୁଇଟି ବିମାନ ଆକାଶରେ ପରସ୍ପର ସହ ଧକ୍କା ହେବାରୁ ୪ ଜଣ ପାଇଲଟ୍‌ଙ୍କ ମୃତ୍ୟୁ ହୋଇଛି। ଶୁକ୍ରବାର ଫର୍ନାଣ୍ଡୋ ବାୟୁସେନା ଘାଟିରେ ଏହି ଦୁର୍ଘଟଣା ଘଟିଛି। ଘଟଣା ପରେ ଦୁର୍ଘଟଣାର କାରଣ ଜଣାପଡ଼ିବା ପର୍ଯ୍ୟନ୍ତ ଏସ୍ଏଫ୍-୨୬୦ ଶ୍ରେଣୀର ସମସ୍ତ ବିମାନ ଉଡ଼ାଣ ଉପରେ ରୋକ ଲଗାଯାଇଛି। ଆସୋସିଏଟେଡ୍ ପ୍ରେସ୍‌ର ରିପୋର୍ଟ ଅନୁଯାୟୀ, ଦୁଇଟି ବିମାନ କମ୍ ଉଚ୍ଚତାରେ ଉଡ଼ାଣ କରୁଥିବାବେଳେ ପରସ୍ପର ସହ ଧକ୍କା ହୋଇଥିଲେ। ଏହା ପରେ ବିମାନ ଦୁଇଟି ବାୟୁସେନା ଘାଟି ପରିସରରେ ଖସିପଡ଼ିଥିଲା। ଗୋଟିଏ ବିମାନ ସାମରିକ କର୍ମଚାରୀଙ୍କ ବାରାକ୍ ନିକଟରେ ପଡ଼ିଥିଲା। ତେବେ ଏହି ଘଟଣାରେ ଅନ୍ୟ କାହାରି ମୃତାହତ ହେବାର ସୂଚନା ମିଳିନାହିଁ। ଫିଲିପାଇନ୍ସ ବାୟୁସେନା ଦୁର୍ଘଟଣାର କାରଣ ଖୋଜିବା ପାଇଁ ତଦନ୍ତ ଆରମ୍ଭ କରିଛି।

ପ୍ରଶାନ୍ତ ମହାସାଗରର ତାପମାତ୍ରା ୩୦ ଡିଗ୍ରୀ

● ଏଲ୍ ନିନୋର ଉଗ୍ର ରୂପ
● ଭାରତ ପାଇଁ ଚିନ୍ତା ବଢ଼ିଲା

ନୂଆଦିଲ୍ଲୀ,୨୪।୧୦(ଏଜେନ୍ସି): ଜଳବାୟୁ ପରିବର୍ତ୍ତନକୁ ନେଇ ଚିନ୍ତା ବଢ଼ାଇଛି ଶକ୍ତିଶାଳୀ ଏଲ୍ ନିନୋ। ଅକ୍ଟୋବର ୨୨ ତାରିଖରେ ପ୍ରଶାନ୍ତ ମହାସାଗରର କେନ୍ଦ୍ରୀୟ ବିଷୁବୀୟ ଅଞ୍ଚଳର ସମୁଦ୍ର ଜଳପୃଷ୍ଠ ତାପମାତ୍ରା ପ୍ରାୟ ୩୦ ଡିଗ୍ରୀ ସେଲ୍‌ସିୟସ୍‌ରେ ପହଞ୍ଚିଛି। ମିଳିଥିବା ରେକର୍ଡ ଅନୁଯାୟୀ, ଏହା ପ୍ରଥମ ଥର ପାଇଁ ଏହି ସ୍ତର ଛୁଇଁଥିବା ଦାବି କରାଯାଇଛି। ଆମେରିକାର ଜାତୀୟ ସାମୁଦ୍ରିକ ଓ ବାୟୁମଣ୍ଡଳୀୟ ପ୍ରଶାସନ (ଏନ୍ଓଏଏ)ର ତଥ୍ୟ ଆଧାରରେ ଏହି ସୂଚନା ଦିଆଯାଇଛି। ବିଶ୍ୱ ପାଣିପାଗ ସଂଗଠନ (ଡବ୍ଲ୍ୟୁଏମ୍ଓ)ର ଆକଳନ ଅନୁଯାୟୀ, ୨୦୨୬ ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ମଧ୍ୟ ଓ ପୂର୍ବ ଉଷ୍ଣକଟିବନ୍ଧୀୟ ପ୍ରଶାନ୍ତ ମହାସାଗରର ତାପମାତ୍ରା ରେକର୍ଡ ସ୍ତରରେ ପହଞ୍ଚିପାରେ। ଡିସେମ୍ବର ବେଳକୁ ଏଲ୍ ନିନୋ ଶିଖରରେ ପହଞ୍ଚିବାର ସମ୍ଭାବନା ରହିଛି। ଏଲ୍ ନିନୋ ହେଉଛି ଏକ ପ୍ରାକୃତିକ ଜଳବାୟୁ ପ୍ରକ୍ରିୟା। ଏହି ସମୟରେ ପ୍ରଶାନ୍ତ ମହାସାଗରର କେନ୍ଦ୍ରୀୟ ଓ ପୂର୍ବ ଅଞ୍ଚଳର ଜଳ ଅସ୍ୱାଭାବିକ ଭାବେ ଉଷ୍ମ ହୋଇଯାଏ। ଏହାଦ୍ୱାରା ପବନର ଗତି, ବାଦଲର ଚଳନ ଓ ବର୍ଷାର ଧାରା ପ୍ରଭାବିତ ହୋଇଥାଏ। ଏହାର ପ୍ରଭାବ ବିଶ୍ୱର ବିଭିନ୍ନ ଅଞ୍ଚଳର ପାଣିପାଗ ଉପରେ ପଡ଼ିପାରେ। ରିପୋର୍ଟ ଅନୁଯାୟୀ, ଏଲ୍ ନିନୋ ସହ ସମ୍ପୃକ୍ତ ନିନୋ ୩.୪ ଅଞ୍ଚଳରେ ସମୁଦ୍ର ଜଳପୃଷ୍ଠର ତାପମାତ୍ରା ଅସ୍ୱାଭାବିକ ବୃଦ୍ଧି ଜୁନ୍‌ରେ ସ୍ୱାଭାବିକଠାରୁ ୧.୬ ଡିଗ୍ରୀ ଅଧିକ ଥିବାବେଳେ ଅଗଷ୍ଟରେ ୨.୫ ଡିଗ୍ରୀ ଅଧିକ ରହିଥିଲା। ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ଏହା ୩.୭ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିପାରେ। ଏହା ୨୦୧୫-୧୬ରେ ରେକର୍ଡ ହୋଇଥିବା ୨.୬ ଡିଗ୍ରୀର ସର୍ବାଧିକ ଅସ୍ୱାଭାବିକ ବୃଦ୍ଧିକୁ ଟପିପାରେ।

ଏଲ୍ ନିନୋର ପ୍ରଭାବ ଭାରତର ବର୍ଷା ଓ ତାପମାତ୍ରା ଉପରେ ପଡ଼ିବା ଆଶଙ୍କା ରହିଛି। ୨୦୨୬ରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷା ସ୍ୱାଭାବିକଠାରୁ ୧୩ ପ୍ରତିଶତ କମ୍ ରହିଥିବା ଭାରତୀୟ ପାଣିପାଗ ବିଭାଗର ତଥ୍ୟରୁ ଜଣାପଡ଼ିଛି। ଆଗାମୀ ମାସଗୁଡ଼ିକରେ ଦକ୍ଷିଣ ଏସିଆର ବହୁ ଅଞ୍ଚଳରେ ସ୍ୱାଭାବିକଠାରୁ ଅଧିକ ତାପମାତ୍ରା ରହିବା ନେଇ ମଧ୍ୟ ଆକଳନ କରାଯାଇଛି। ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ଦକ୍ଷିଣ ଏସିଆର ମଧ୍ୟ ଓ ଦକ୍ଷିଣ ଉପଦ୍ୱୀପୀୟ ଅଞ୍ଚଳରେ କମ୍ ବର୍ଷା ହେବାର ଆଶଙ୍କା ରହିଛି। ତେବେ ଏଲ୍ ନିନୋ ଏକାକୀ ଭାରତର ପାଣିପାଗ ନିର୍ଦ୍ଧାରଣ କରେନାହିଁ। ଅନ୍ୟ ଜଳବାୟୁ ପ୍ରକ୍ରିୟା ଓ ସ୍ଥାନୀୟ ପରିସ୍ଥିତି ମଧ୍ୟ ଏଥିରେ ପ୍ରଭାବ ପକାଇଥାଏ। ଏହି ଜଳବାୟୁ ପ୍ରକ୍ରିୟା ୨୦୨୭ର ପ୍ରାରମ୍ଭ ପର୍ଯ୍ୟନ୍ତ ଶକ୍ତିଶାଳୀ ରହିପାରେ ବୋଲି ଆକଳନ କରାଯାଉଥିବାରୁ ବୈଜ୍ଞାନିକମାନେ ଏହା ଉପରେ ନଜର ରଖିଛନ୍ତି।

ପୁଣି ଯୁଦ୍ଧକୁ ଓହ୍ଲାଇବେ ଇରାନ, ଆମେରିକା

'ଏପିକ୍ ଫ୍ୟୁରି' ଆକ୍ରମଣ ଧମକ ଦେଲେ ଟ୍ରମ୍ପ

ଇଣ୍ଟରନେଟ୍ କେବୁଲ କାଟିବାକୁ ତେହେରାନର ଚେତାବନୀ

ୱାଶିଂଟନ,୨୪।୧୦(ଏଜେନ୍ସି): ଇରାନ ଆମେରିକା ସହ ଚୁକ୍ତି ନ କଲେ ପୁଣି ସାମରିକ ଆକ୍ରମଣ କରାଯାଇପାରେ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚେତାବନୀ ଦେଇଛନ୍ତି। ଏହାର ଜବାବରେ ଆମେରିକା ଓ ଇସ୍ରାଏଲ ପୁଣି ଆକ୍ରମଣ କଲେ ଉପସାଗରୀୟ ଦେଶଗୁଡ଼ିକର ସମୁଦ୍ରତଳ ଇଣ୍ଟରନେଟ୍ କେବୁଲକୁ ଟାର୍ଗେଟ୍ କରାଯାଇପାରେ ବୋଲି ଇରାନ ଚେତାବନୀ ଦେଇଛି। ଏହାଦ୍ୱାରା ଇଣ୍ଟରନେଟ୍, ବ୍ୟାଙ୍କିଂ ଓ ଅନଲାଇନ୍ ବାଣିଜ୍ୟ ପ୍ରଭାବିତ ହେବା ଆଶଙ୍କା ରହିଛି। ଫ୍ଲୋରିଡାରେ ଏକ ସଭାରେ ଟ୍ରମ୍ପ କହିଛନ୍ତି, ଇରାନ ଚୁକ୍ତି କରୁ, ନଚେତ୍ ଆମେରିକା ପୁଣି 'ଅପରେସନ୍ ଏପିକ୍ ଫ୍ୟୁରି' ଆରମ୍ଭ କରିପାରେ। ତେବେ ଆମେରିକା ଓ ଇରାନ ମଧ୍ୟରେ ଆଲୋଚନା ବିଫଳ ହେଲେ କେବେ ଆକ୍ରମଣ ହେବ, ସେ ସମ୍ପର୍କରେ ସେ ନିର୍ଦ୍ଦିଷ୍ଟ ସମୟସୀମା ଦେଇନାହାନ୍ତି। ଇରାନର ଦୁଇଜଣ ସୁରକ୍ଷା ଅଧିକାରୀଙ୍କ ସୂଚନା ଆଧାରରେ ରଏଟର୍ସ ରିପୋର୍ଟ କରିଛି ଯେ, ନୂଆ ଆକ୍ରମଣ ହେଲେ ଇରାନ ସମୁଦ୍ରତଳ ଯୋଗାଯୋଗ କେବୁଲକୁ କ୍ଷତି ପହଞ୍ଚାଇବା ସହ ମରାମତିରେ ବାଧା ସୃଷ୍ଟି କରିପାରେ। ହର୍ମୁଜ୍ ପ୍ରଣାଳୀ ତଳେ ଥିବା ପ୍ରମୁଖ କେବୁଲଗୁଡ଼ିକ ଏହାର ଟାର୍ଗେଟ୍ ହୋଇପାରନ୍ତି। ଉପସାଗରୀୟ ଅଞ୍ଚଳରେ ଆମେରିକା ସହ ସମ୍ପୃକ୍ତ ତଥ୍ୟ କେନ୍ଦ୍ର ଓ କୃତ୍ରିମ ବୁଦ୍ଧିମତ୍ତା କେନ୍ଦ୍ର ଉପରେ ଆକ୍ରମଣ ନେଇ ମଧ୍ୟ ଇରାନ ପକ୍ଷରୁ ଧମକ ଦିଆଯାଇଛି। ଜାତିସଂଘର ଅନୁଯାୟୀ, ବିଶ୍ୱର ପ୍ରାୟ ୯୯ ପ୍ରତିଶତ ଇଣ୍ଟରନେଟ୍ ତଥ୍ୟ ସମୁଦ୍ରତଳ କେବୁଲ ଦେଇ ଯାତାୟାତ କରେ। ତେବେ ହର୍ମୁଜ୍ ପ୍ରଣାଳୀ ଦେଇ ବିଶ୍ୱର ଆନ୍ତର୍ଜାତିକ ଇଣ୍ଟରନେଟ୍ କ୍ଷମତାର ଏକ ପ୍ରତିଶତରୁ କମ୍ ତଥ୍ୟ ପରିବହନ ହୁଏ। ତେଣୁ ଏଠାରେ କେବୁଲ କଟିଲେ ବିଶ୍ୱବ୍ୟାପୀ ଇଣ୍ଟରନେଟ୍ ବନ୍ଦ ହେବା ନିଶ୍ଚିତ ନୁହେଁ; ହେଲେ ଏକାଧିକ କେବୁଲ କ୍ଷତିଗ୍ରସ୍ତ ହେଲେ ବିକଳ୍ପ ମାର୍ଗରେ ତଥ୍ୟ ପରିବହନ ଯୋଗୁଁ ସେବା ମନ୍ଥର ହୋଇପାରେ।

ଆମେରିକୀୟ ଅଧିକାରୀଙ୍କୁ ହତ୍ୟା ପାଇଁ ଇରାନର ଷଡ଼ଯନ୍ତ୍ର!

ୱାଶିଂଟନ,୨୪।୧୦(ଏଜେନ୍ସି): ବିଦେଶରେ ଆମେରିକୀୟ କୂଟନୀତିଜ୍ଞ ଓ ସରକାରୀ ଅଧିକାରୀଙ୍କୁ ଟାର୍ଗେଟ୍ କରିବା ପାଇଁ ଇରାନର ଉଦ୍ୟମ ବଢୁଥିବା ନେଇ ଆମେରିକା ଗୁଇନ୍ଦା ସଂସ୍ଥା ଚେତାବନୀ ଦେଇଛି। କେତେକ ସମ୍ଭାବ୍ୟ ହତ୍ୟା ଷଡ଼ଯନ୍ତ୍ର ଉନ୍ନତ ପର୍ଯ୍ୟାୟରେ ପହଞ୍ଚିଥିବା ଆକ୍ସିଓସ୍‌ର ଏକ ରିପୋର୍ଟରେ କୁହାଯାଇଛି। ତେବେ ଏହି ଅଭିଯୋଗ ସମ୍ପର୍କରେ ଆମେରିକା ସର୍ବସାଧାରଣରେ ବିସ୍ତୃତ ପ୍ରମାଣ ଦେଇନାହିଁ। ଅକ୍ଟୋବର ୨୩ ତାରିଖର ଏକ ଗୁଇନ୍ଦା ନୋଟ୍ ଆମେରିକା ବୈଦେଶିକ ସଚିବ ମାର୍କ ରୁବିଓଙ୍କୁ ପଠାଯାଇଥିଲା। ଏଥିରେ ସମ୍ଭାବ୍ୟ ବିପଦରେ ଥିବା ଅଧିକାରୀଙ୍କୁ ସତର୍କ କରାଇବା ପାଇଁ ଅଧିକ କର୍ମଚାରୀଙ୍କ ସହ ଗୁଇନ୍ଦା ସୂଚନା ବାଣ୍ଟିବାକୁ ପରାମର୍ଶ ଦିଆଯାଇଛି। ହେଲେ କେଉଁ ଅଧିକାରୀ କିମ୍ବା କେଉଁ ଦେଶକୁ ଟାର୍ଗେଟ୍ କରାଯାଇଛି, ତାହା ସ୍ପଷ୍ଟ କରାଯାଇନାହିଁ। ଏହି ଆଶଙ୍କା ମଧ୍ୟରେ ସାଉଦି ଆରବର ରିୟାଦ, ଜେଦ୍ଦା ଓ ଧାହରାନ୍ ସମେତ ପଶ୍ଚିମ ଏସିଆର ବିଭିନ୍ନ ଦେଶରେ ଆମେରିକା ନିଜର କୂଟନୈତିକ କର୍ମଚାରୀଙ୍କ ଉପସ୍ଥିତି ହ୍ରାସ କରୁଛି। ଇରାନ ସମର୍ଥିତ ହୁତି ବିଦ୍ରୋହୀଙ୍କ ଆକ୍ରମଣ ଆଶଙ୍କା ମଧ୍ୟ ଏହାର ଅନ୍ୟତମ କାରଣ। ଅନ୍ୟପକ୍ଷରେ, ଇରାନ ଆମେରିକା ସହ ଚୁକ୍ତି ନ କଲେ ପୁଣି ସାମରିକ ଆକ୍ରମଣ କରାଯାଇପାରେ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚେତାବନୀ ଦେଇଛନ୍ତି। ଏହାଦ୍ୱାରା ୱାଶିଂଟନ୍ ଓ ତେହେରାନ୍ ମଧ୍ୟରେ ନୂଆ ସଂଘର୍ଷ ଆଶଙ୍କା ବଢ଼ିଛି।

ଟ୍ରମ୍ପଙ୍କ ସଭାରେ 'ଅପରେସନ୍ ସିନ୍ଦୂର'

ନୂଆଦିଲ୍ଲୀ,୨୪।୧୦(ଏଜେନ୍ସି): ଆମେରିକାର ମଧ୍ୟବର୍ତ୍ତୀ ନିର୍ବାଚନ ପାଇଁ ପ୍ରଚାର ସଭାରେ ପୁଣି ଉଠିଛି ଭାରତର 'ଅପରେସନ୍ ସିନ୍ଦୂର' ପ୍ରସଙ୍ଗ। ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ବନ୍ଦ କରିବାରେ ନିଜର ଭୂମିକା ଥିବା ଦାବିକୁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଦୋହରାଇଛନ୍ତି। ଉଭୟ ଦେଶ ଉପରେ ୨୫୦ ପ୍ରତିଶତ ଶୁଳ୍କ ଲଗାଇବାର ଧମକ ଦେଇ ସେ ଯୁଦ୍ଧ ରୋକିଥିବା ଟ୍ରମ୍ପ କହିଛନ୍ତି। ତେବେ ତାଙ୍କର ଏହି ଦାବିକୁ ଭାରତ ବାରମ୍ବାର ଖଣ୍ଡନ କରିଆସିଛି। ଶୁକ୍ରବାର ଫ୍ଲୋରିଡାରେ ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇ ଟ୍ରମ୍ପ କହିଥିଲେ ଯେ, ଦୁଇ ପରମାଣୁ ଶକ୍ତିସମ୍ପନ୍ନ ଦେଶ ଯୁଦ୍ଧ ଜାରି ରଖିବାକୁ ଯାଉଥିବାବେଳେ ସେ ଆମେରିକାରେ ବାଣିଜ୍ୟ ବନ୍ଦ କରିଦେବା ଏବଂ ଅତ୍ୟଧିକ ଶୁଳ୍କ ଲଗାଇବାର ଚେତାବନୀ ଦେଇଥିଲେ। ଏହାପରେ ଉଭୟ ଦେଶ ଗୁଳି ଚାଳନା ବନ୍ଦ କରିଥିଲେ ଏବଂ ଯୁଦ୍ଧ ଶେଷ ହୋଇଥିଲା ବୋଲି ସେ ଦାବି କରିଥିଲେ। ଏହି ସଂଘର୍ଷରେ ୧୧ଟି ବିମାନ ଖସାଯାଇଥିବା ମଧ୍ୟ ଟ୍ରମ୍ପ କହିଥିଲେ। ଜାତିସଂଘର ସହାୟତା ନ ନେଇ ସେ ଅନେକ ଯୁଦ୍ଧ ବନ୍ଦ କରାଇଥିବା ତାଙ୍କର ଦାବି। ଏଥିସହିତ, ଆଠଟି ଯୁଦ୍ଧର ସମାଧାନ କରିଥିବା ସତ୍ତ୍ୱେ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ମିଳିନଥିବାରୁ ସେ ନିରାଶା ପ୍ରକାଶ କରିଥିଲେ। ୨୦୨୫ ଏପ୍ରିଲ ୨୨ରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ଅନେକ ଲୋକଙ୍କ ମୃତ୍ୟୁ ପରେ ଭାରତ ମେ' ମାସରେ 'ଅପରେସନ୍ ସିନ୍ଦୂର' ଆରମ୍ଭ କରିଥିଲା। ଏହା ଅଧୀନରେ ପାକିସ୍ତାନ ଓ ପାକ୍ ଅଧିକୃତ ଜମ୍ମୁ-କଶ୍ମୀରରେ ଥିବା ଆତଙ୍କବାଦୀ ଭିତ୍ତିଭୂମିକୁ ଲକ୍ଷ୍ୟ କରାଯାଇଥିଲା। ଭାରତର ଆଭିମୁଖ୍ୟ ଅନୁଯାୟୀ, ପାକିସ୍ତାନର ଅନୁରୋଧ ପରେ ମେ' ୧୦ରେ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବା ନେଇ ସହମତି ହୋଇଥିଲା। ଭାରତ ଓ ପାକିସ୍ତାନ ମଧ୍ୟରେ ଏହି ବୁଝାମଣା ସିଧାସଳଖ ହୋଇଥିଲା ଏବଂ ଏଥିରେ ଟ୍ରମ୍ପ ମଧ୍ୟସ୍ଥତା କରିଥିବା ଦାବିକୁ ଭାରତ ଗ୍ରହଣ କରିନାହିଁ।

'ଏକ୍ସ'ରେ ସୋନିଆଙ୍କ ଡେବ୍ୟୁ: ବଖାଣିଲେ ରାଜୀବଙ୍କ ସହ ପ୍ରେମ ସ୍ମୃତି

ନୂଆଦିଲ୍ଲୀ,୨୪।୧୦(ଏଜେନ୍ସି): ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ସହ ପ୍ରଥମ ସାକ୍ଷାତ ଓ ପ୍ରେମ ସମ୍ପର୍କର ପୁରୁଣା ସ୍ମୃତିକୁ ମନେ ପକାଇଛନ୍ତି କଂଗ୍ରେସ ସଂସଦୀୟ ଦଳର ଅଧ୍ୟକ୍ଷା ସୋନିଆ ଗାନ୍ଧୀ। ସୋସିଆଲ ମିଡିଆ 'ଏକ୍ସ'ରେ ପ୍ରଥମ ପୋଷ୍ଟ କରି ସେ ନିଜର ଆଗାମୀ ସ୍ମୃତିଗ୍ରନ୍ଥ 'ବିଲଙ୍ଗିଂ: ଏ ଜର୍ଣ୍ଣି ଅଫ୍ ଲଭ୍' ସମ୍ପର୍କରେ ସୂଚନା ଦେଇଛନ୍ତି। ୧୯୬୫ରେ ଇଂଲଣ୍ଡର କେମ୍ବ୍ରିଜ୍ ସହରର ଏକ ଛୋଟ ଗ୍ରୀକ୍ ରେଷ୍ଟୋରାଁରେ ରାଜୀବଙ୍କ ସହ ତାଙ୍କର ପ୍ରଥମ ସାକ୍ଷାତ ହୋଇଥିଲା। ରାଜୀବଙ୍କ ବ୍ୟକ୍ତିତ୍ୱ ସମ୍ପର୍କରେ ସୋନିଆ କହିଛନ୍ତି, ସେ ଖୁବ୍ ସୁନ୍ଦର ଥିଲେ। ତାଙ୍କର କୋମଳ ଓ ଶାନ୍ତ ସ୍ୱଭାବ ତାଙ୍କୁ ପ୍ରଥମରୁ ଆକର୍ଷିତ କରିଥିଲା। ଜଣେ ସାଧାରଣ ବନ୍ଧୁଙ୍କ ଜରିଆରେ ଉଭୟଙ୍କ ପରିଚୟ ହୋଇଥିଲା ଏବଂ ପରେ ସେମାନେ ବନ୍ଧୁ ହୋଇଥିଲେ। ତାଙ୍କର ୫୪୪ ପୃଷ୍ଠାର ଏହି ଆତ୍ମଜୀବନୀମୂଳକ ପୁସ୍ତକରେ ଇଟାଲୀରେ ବିତାଇଥିବା ପିଲାଦିନ, ରାଜୀବଙ୍କ ସହ ସମ୍ପର୍କ, ଇନ୍ଦିରା ଗାନ୍ଧୀ ଓ ରାଜୀବ ଗାନ୍ଧୀଙ୍କ ହତ୍ୟାଜନିତ ବ୍ୟକ୍ତିଗତ ଦୁଃଖ ଏବଂ ଭାରତୀୟ ରାଜନୀତିରେ ତାଙ୍କ ଭୂମିକା ସ୍ଥାନ ପାଇଛି। ପୁସ୍ତକଟି ନଭେମ୍ବର ୧୦ରେ ପ୍ରକାଶ ପାଇବ।

ସ୍ୱତନ୍ତ୍ର ଅଧିବେଶନ ସଂପର୍କରେ ନିଷ୍ପତ୍ତି ସରକାର ନେବେ: ବାଚସ୍ପତି



ନୂଆଦିଲ୍ଲୀ,୨୪।୧୦(ଏଜେନ୍ସି): ସୀମା ପୁନଃନିର୍ଧାରଣ ଏବଂ ମହିଳା ସଂରକ୍ଷଣ ବିଲ୍ ଆଗତ କରିବା ଲାଗି ସଂସଦର ସ୍ୱତନ୍ତ୍ର ଅଧିବେଶନ ସଂପର୍କରେ କିଛି କହିବାକୁ ମନା କରିଦେଇଛନ୍ତି ଲୋକସଭା ବାଚସ୍ପତି ଓମ୍ ବିର୍ଲା। ସାମ୍ବାଦିକମାନେ ତାଙ୍କୁ ଏସଂପର୍କରେ ପ୍ରଶ୍ନ କରିବାରୁ ସେ କହିଲେ ଯେ ଏହା ସରକାରଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ। ନିୟମ ଅନୁଯାୟୀ ସରକାର ଚାହିଁଲେ ଏଭଳି ଅଧିବେଶନ ଡାକିପାରିବେ। ସ୍ୱତନ୍ତ୍ର ଅଧିବେଶନ ହେଉ କି ଅଧିବେଶନ ସମାପ୍ତ କରିବା ହେଉ ଏସଂପର୍କରେ ସରକାରଙ୍କ ସଂସଦୀୟ କମିଟି ରାଷ୍ଟ୍ରପତିଙ୍କୁ ସୁପାରିସ କରିବ। ଏଥିରେ ବାଚସ୍ପତିଙ୍କର କୌଣସି ଭୂମିକା ନାହିଁ। ସମ୍ବିଧାନର ଧାରା ୮୫ରେ ଏସଂପର୍କରେ ବିସ୍ତୃତ ରୂପେ ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ ଯେ ଅଗଷ୍ଟ ୧୩ରୁ ସଂସଦର ଉଭୟ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରଖାଯାଇଛି। କିନ୍ତୁ ସମାପ୍ତ କରାଯାଇ ନାହିଁ। ନିର୍ବାଚନମଣ୍ଡଳୀ ସୀମା ପୁନର୍ଗଠନ ଏବଂ ମହିଳା ସଂରକ୍ଷଣ ସଂକ୍ରାନ୍ତ ସମ୍ବିଧାନ ସଂଶୋଧନ ବିଲ୍ ଆଣିବା ଲାଗି ସରକାର ଯୋଜନା କରୁଛନ୍ତି ଏବଂ ଏଥିପାଇଁ ସ୍ୱତନ୍ତ୍ର ଅଧିବେଶନ ଡାକିବେ ବୋଲି ଚର୍ଚ୍ଚା ଚାଲିଛି। କିନ୍ତୁ ସରକାର ଏସଂପର୍କରେ କିଛି ସ୍ପଷ୍ଟ କରୁ ନଥିବାରୁ ସସପେନ୍ସ ଜାରି ରହିଛି। ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ସଂପର୍କରେ ବାଚସ୍ପତି କହିଲେ ଯେ ଏଥିପାଇଁ ନୂଆ ନୋଟିସ ଆସିଲେ ନିୟମ ଅନୁଯାୟୀ ଏହା ଉପରେ ପଦକ୍ଷେପ ନିଆଯିବ।

ଫ୍ରାନ୍ସରେ ପୁଣି ହିଂସା, ମୁକାବିଲା ପାଇଁ ୭୦ ହଜାର ଫୋର୍ସ

ପ୍ୟାରିସ,୨୪।୧୦(ଏଜେନ୍ସି): ଦରଦାମ ବୃଦ୍ଧି, ଜୀବନଯାପନ ଖର୍ଚ୍ଚ ଓ ସରକାରୀ ସେବାରେ କାଟଛାଟ୍‌କୁ ବିରୋଧ କରି ଫ୍ରାନ୍ସରେ ପୁଣି ଆନ୍ଦୋଳନ ଡାକରା ଦିଆଯାଇଛି। ଗତ ସପ୍ତାହର ହିଂସାର ପୁନରାବୃତ୍ତି ରୋକିବାକୁ ସାରା ଦେଶରେ ୭୦ ହଜାର ସୁରକ୍ଷାକର୍ମୀ ମୁତୟନ କରାଯାଇଛି। ପ୍ରାୟ ୨୦ଟି ସଶସ୍ତ୍ର ଯାନ ଓ ୧୫ଟି ଜଳତୋପ ମଧ୍ୟ ପ୍ରସ୍ତୁତ ରଖାଯାଇଛି। ଗତ ଶନିବାର ୫ ଲକ୍ଷରୁ ଅଧିକ ଲୋକ ରାସ୍ତାକୁ ଓହ୍ଲାଇଥିବାବେଳେ ବିଭିନ୍ନ ସହରରେ ଦୋକାନ ଭଙ୍ଗାରୁଜା, ଲୁଟ୍‌ପାଟ ଓ ଗାଡ଼ି ପୋଡ଼ାଜଳା ହୋଇଥିଲା। ଏହି ଘଟଣାରେ ୨,୭୦୦ରୁ ଅଧିକ ଲୋକ ଗିରଫ ହୋଇଛନ୍ତି। ହିଂସା ରୋକିବାକୁ ଅନେକ ସହରରେ ରାତ୍ରିକାଳୀନ କର୍ଫ୍ୟୁ ଓ ସମାବେଶ ଉପରେ କଟକଣା ଲଗାଯାଇଛି। ପ୍ୟାରିସର ଲୁଭ୍ରେ ସଂଗ୍ରହାଳୟ ବନ୍ଦ ରହିବା ସହ ପ୍ୟାରିସ୍ ସେଣ୍ଟ୍ ଜର୍ମେନ୍ ଓ ଲିଓନ୍ ମଧ୍ୟରେ ଫୁଟ୍‌ବଲ୍ ମ୍ୟାଚ୍ ସ୍ଥଗିତ ରଖାଯାଇଛି। ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍ ଶୁକ୍ରବାର ଛାତ୍ର ସଂଗଠନର ପ୍ରତିନିଧିଙ୍କୁ ଭେଟିଥିଲେ। ତେବେ ପ୍ରତିବାଦ ଉପରେ କଟକଣାକୁ ନେଇ ଛାତ୍ର ସଂଗଠନଗୁଡ଼ିକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆନ୍ଦୋଳନ ସ୍କୁଲଗୁଡ଼ିକର ଦୁରବସ୍ଥାକୁ ବିରୋଧ କରି ଆରମ୍ଭ ହୋଇଥିଲେ ମଧ୍ୟ ଏବେ ଦରଦାମ ବୃଦ୍ଧି ଓ ଜନସେବାରେ କାଟଛାଟ୍ ବିରୋଧରେ ବ୍ୟାପକ ରୂପ ନେଇଛି। ଗତ ସପ୍ତାହର ହିଂସାରେ ଫ୍ରାନ୍ସରେ ଅତି କମ୍‌ରେ ୩,୦୦୦ ଦୋକାନ କ୍ଷତିଗ୍ରସ୍ତ ହୋଇଥିବା କିମ୍ବା ଲୁଟ୍‌ର ଶିକାର ହୋଇଥିବା ସରକାରୀ ଆକଳନରୁ ଜଣାପଡ଼ିଛି। ଏଥିଯୋଗୁଁ ବ୍ୟବସାୟୀମାନଙ୍କର କୋଟି କୋଟି ଡଲାର କ୍ଷତି ହୋଇଛି।

୩୦ରୁ ପୁଣି ଗର୍ଜିବ ଇଣ୍ଡିଆ ମେଣ୍ଟ

● ୩୦ରେ ଜନତାଙ୍କ ସଂସଦରେ ଆସିବ ମହାଭିଯୋଗ
● ନଭେମ୍ବର ୧ରେ ରାମଲୀଳା ମଇଦାନରେ ରାଲି

ନୂଆଦିଲ୍ଲୀ, ୨୪।୧୦: 'ଭୋଟଚୋରି' ବିବାଦରେ ଫସିଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଦାବିରେ ଆନ୍ଦୋଳନକୁ ଆହୁରି ଜୋରଦାର କରିବା ଲାଗି ରଣନୀତି ପ୍ରସ୍ତୁତ କରିଛି ଇଣ୍ଡିଆ ମେଣ୍ଟ। ଆସନ୍ତା ୩୦ ତାରିଖରେ ମେଣ୍ଟର ନେତାମାନେ ରାଜଧାନୀ ନୂଆଦିଲ୍ଲୀରେ ଏକାଠି ହେବାକୁ ଯାଉଛନ୍ତି। ୩୦ରୁ ନଭେମ୍ବର ପହିଲା ପର୍ଯ୍ୟନ୍ତ ବ୍ୟାପକ ଆନ୍ଦୋଳନ ହେବ। ଏହି ତିନି ଦିନ ଧରି ମେଣ୍ଟର ନେତା ଓ କର୍ମକର୍ତ୍ତା ଦିଲ୍ଲୀରେ ରହିବା ଲାଗି ପରାମର୍ଶ ଦେଇଛନ୍ତି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ। ଏସଂପର୍କରେ ମେଣ୍ଟର ସମସ୍ତ ଅଂଶୀଦାର ଦଳର ନେତାଙ୍କୁ ପତ୍ର ଲେଖିଛନ୍ତି।

ମେଣ୍ଟର ରଣନୀତି ଅନୁଯାୟୀ ଆସନ୍ତା ୩୦ ତାରିଖରେ ନୂଆଦିଲ୍ଲୀରେ ସାଧାରଣ ଜନତାର ସଂସଦ ବସିବ ଏବଂ ଏଥିରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ମହାଭିଯୋଗ ପ୍ରସ୍ତାବ ଆଗତ କରାଯିବ। ତେବେ ଏଥିପାଇଁ ସ୍ଥାନ ଓ ସମୟକୁ ଗୋପନୀୟ ରଖାଯାଇଛି। ଉକ୍ତ ଦିନ ହିଁ ସମସ୍ତ ନେତାଙ୍କୁ ଠିକ୍ ସମୟରେ ଅବଗତ କରାଯିବ। ଏହାପରେ ନଭେମ୍ବର ୧ ତାରିଖରେ ମେଣ୍ଟ ନେତା ଓ କର୍ମୀଙ୍କ ଏକ ଶୋଭାଯାତ୍ରା ବାହାରିବ ଏବଂ ଏହା ରାମଲୀଳା ମଇଦାନ ପର୍ଯ୍ୟନ୍ତ ଯିବ। ରାମଲୀଳା ମଇଦାନରେ ଭୋଟ ଚୋରି ଏବଂ ନିର୍ବାଚନରେ ଅନିୟମିତତା ପ୍ରତିବାଦରେ ବଡ଼ ଧରଣର ସମାବେଶ ଅନୁଷ୍ଠିତ ହେବ। ଏଥିରେ ଲକ୍ଷାଧିକ ଆନ୍ଦୋଳନକାରୀ ସାମିଲ ହେବେ ବୋଲି କୁହାଯାଉଛି।

ସୂଚନାଯୋଗ୍ୟ ଯେ ଏବେ ଦେଶର ବିଭିନ୍ନ ଭାଗରେ ଜ୍ଞାନେଶ ହଟାଅ ଦାବିରେ ପ୍ରତିବାଦ ସଭା ଓ ଶୋଭାଯାତ୍ରା ଚାଲିଛି। ୧୪୫ଟି ସଂଗଠନ ୧୮ଟି ରାଜ୍ୟର ୮୮ଟି ସହରରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଏଥିରେ ଚାଷୀ, ଛାତ୍ରଛାତ୍ରୀ, ସାମାଜିକ ସଂଘ ଏବଂ ଅନେକ ଶ୍ରମିକ ସଂଗଠନ ମଧ୍ୟ ସାମିଲ ହୋଇଛନ୍ତି।

ଜାମିଆରେ ନିର୍ବାଚନ ପାଇଁ ଉତ୍ତେଜନା

ନୂଆଦିଲ୍ଲୀ,୨୪।୧୦(ଏଜେନ୍ସି): ଦିଲ୍ଲୀର ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପୁନଃ ଆରମ୍ଭ ଦାବିକୁ ନେଇ ଚାଲିଥିବା ଆନ୍ଦୋଳନ ଶନିବାର ଉଗ୍ର ରୂପ ନେଇଛି। ଆନ୍ଦୋଳନକାରୀ ଛାତ୍ରଛାତ୍ରୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ସଂଘର୍ଷ ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପାଠପଢ଼ାକୁ ଅନ୍‌ଲାଇନ୍ ମାଧ୍ୟମକୁ ସ୍ଥାନାନ୍ତର କରିଛନ୍ତି। ଛାତ୍ରଛାତ୍ରୀମାନେ ଧାରଣାରେ ବସିଥିବାବେଳେ ସୁରକ୍ଷାକର୍ମୀମାନେ ସେମାନଙ୍କ ଟେଣ୍ଟ ହଟାଇବାକୁ ଉଦ୍ୟମ କରିବାରୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ଆନ୍ଦୋଳନକାରୀଙ୍କ ମଧ୍ୟରେ କିଛି ଛାତ୍ରଛାତ୍ରୀ ଅନଶନରେ ମଧ୍ୟ ବସିଥିଲେ। ଅକ୍ଟୋବର ୧୨ରୁ ଏହି ଆନ୍ଦୋଳନ ଚାଲିଛି। ଛାତ୍ରଛାତ୍ରୀଙ୍କ ମୁଖ୍ୟ ଦାବି ହେଉଛି ଜାମିଆ ମିଲିଆ ଇସଲାମିଆ ଛାତ୍ର ସଂଘ (ଜେଏମ୍ଆଇଏସ୍ୟୁ)ର ପୁନଃ ପ୍ରତିଷ୍ଠା ଏବଂ ଛାତ୍ର ସଂସଦ ନିର୍ବାଚନ ପୁଣି ଆରମ୍ଭ କରିବା। ୨୦୦୬ରେ କ୍ୟାମ୍ପସ୍‌ରେ ହିଂସା ଓ ପାଠପଢ଼ାରେ ବାଧା ସୃଷ୍ଟି ହେବା ପରେ ଛାତ୍ର ସଂଘକୁ ଭଙ୍ଗ କରାଯାଇଥିଲା। ବାମପନ୍ଥୀ ଛାତ୍ର ସଂଗଠନ ଏଆଇଏସ୍ଏ ଅଭିଯୋଗ କରିଛି ଯେ, ଅନଶନରେ ବସିଥିବା ଛାତ୍ରଛାତ୍ରୀଙ୍କ ବିରୋଧରେ କର୍ତ୍ତୃପକ୍ଷ ବିନା କାରଣରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ତେବେ ବିଶ୍ୱବିଦ୍ୟାଳୟ ପ୍ରଶାସନ ଏହି ଅଭିଯୋଗକୁ ଖଣ୍ଡନ କରିଛି। ଏହା ସହିତ ବିଶ୍ୱବିଦ୍ୟାଳୟର କାନ୍ଥରେ ଜମ୍ମୁ-କଶ୍ମୀର ସମ୍ପର୍କିତ ଭାରତବିରୋଧୀ ସ୍ଲୋଗାନ ଲେଖାଯିବା ଘଟଣାକୁ ନେଇ ମଧ୍ୟ ବିବାଦ ଉପୁଜିଛି।

‘ସକାଳ’ ଓ ‘ନନ୍ଦିଘୋଷ ଟିଭି’ର ଉଦ୍ୟମ ସଫଳ

ଡାକ୍ତରୀ ଛାତ୍ର ସୁଶାନ୍ତଙ୍କ ସ୍ୱପ୍ନରେ ଲାଗିଲା ଡେଣା

ସହାୟତାର ହାତ ବଢ଼ାଇଲେ ସମାଜସେବୀ, ଭତ୍ତା କାର୍ଡ ବନ୍ଧକମୁକ୍ତ କରିବାକୁ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି

ଭୁବନେଶ୍ୱର,୨୪।୧୦(ସମିସ): ମେଧାବୀ ପୁଅକୁ ଡାକ୍ତର କରିବାକୁ କେଇ ଗୁଣ୍ଠ ଜମିକୁ ଜମି ବନ୍ଧା ପକାଇ ଦେଲେ କନ୍ଧମାଳ ଜିଲ୍ଲା ଦାରିଙ୍ଗିବାଡ଼ି ବ୍ଲକ ଧୁସୁରା ଗାଁର କେପାଙ୍ଗ ସୁନାମାଝୀ; ମାତ୍ର ବନ୍ଧା ଟଙ୍କା ଅଣ୍ଟିଲାନି। ଶେଷରେ ଅସହାୟ, ଗରିବ ଓ ଦିବ୍ୟାଙ୍ଗ ବାପା ମାଆ ବନ୍ଧା ନିଜ ବାର୍ଦ୍ଧକ୍ୟ ଭତ୍ତା କାର୍ଡକୁ ସ୍ୱୟଂ ସହାୟକ ଗୋଷ୍ଠୀ ନିକଟରେ ବନ୍ଧା ପକାଇଦେଲେ। ନିଜର ସର୍ବସ୍ୱ ହରାଇସାରିବା ପରେ ପୁଅ ସୁଶାନ୍ତ ସୁନାମାଝୀ ଯାଜପୁରସ୍ଥିତ ମହାରାଜା ଯଯାତି କେଶରୀ ସରକାରୀ ମେଡିକାଲ କଲେଜରେ ନାମଲେଖାଇ ପାରିଲେ। ଏପରି ହୃଦୟବିଦାରକ, ସ୍ୱର୍ଶକାତର ଘଟଣାକୁ ଦେଖି ପାରିଥିଲା ରାଜ୍ୟର ଅଗ୍ରଣୀ ଗଣମାଧ୍ୟମ ‘ନନ୍ଦିଘୋଷ ଟିଭି’ ଓ ଦୈନିକ ‘ସକାଳ’। ସୁଶାନ୍ତଙ୍କୁ ସହାୟତା ଲକ୍ଷ୍ୟରେ ‘ସକାଳ’ ଓ ‘ନନ୍ଦିଘୋଷ ଟିଭି’ରେ ଖବର ପ୍ରସାରଣ ହୋଇଥିଲା। ସେହିପରି ବିଜେଡି ରାଜ୍ୟସଭା ସଂସଦୀୟ ଦଳ ନେତା ମାନସ ମଙ୍ଗରାଜ ମଧ୍ୟ ଏପରି ଘଟଣାକୁ ନେଇ ସାମାଜିକ ଗଣମାଧ୍ୟମ ଏକ୍ସରେ ଗଭୀର ଉଦ୍‌ବେଗ ପ୍ରକାଶ କରି ସୁଶାନ୍ତଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି ଜଣାଇଥିଲେ। ଯାହା ଶେଷରେ ଫଳବତୀ ହୋଇଛି। ‘ନନ୍ଦିଘୋଷ ଟିଭି’ ଓ ‘ସକାଳ’ରେ ଖବର ପ୍ରସାରଣ ପରେ ସମାଜସେବୀ ଅନୀଲ ମହାଳିକ ସୁଶାନ୍ତଙ୍କୁ ସହାୟତା ପାଇଁ ଆଗେଇ ଆସିଛନ୍ତି। କନ୍ଧମାଳ ଜିଲ୍ଲାପାଳ ମଧ୍ୟ ସାହାଯ୍ୟର ପ୍ରତିଶ୍ରୁତି ଦେଇଥିବା ବେଳେ ଭତ୍ତାକାର୍ଡ ଫେରସ୍ତ ଏବଂ

- ପୁଅକୁ ଡାକ୍ତର କରିବା ପାଇଁ ଜମି, ଭତ୍ତା କାର୍ଡ ବନ୍ଧା ପକାଇଥିଲେ ବାପାମାଆ।
- ବିଜେଡି ସଂସଦୀୟ ଦଳ ନେତା ମାନସ ମଙ୍ଗରାଜ କରିଥିଲେ ଉଦ୍‌ବେଗ ପ୍ରକାଶ

ପୂର୍ବପରି ଭତ୍ତା ପ୍ରଦାନ ନେଇ ପ୍ରତିଶ୍ରୁତି ଦେଇଛନ୍ତି।

ଅର୍ଥର ଦାରୁଣ ଅଭାବ ଏବଂ ସବୁ ପ୍ରତିକୂଳ ସ୍ଥିତି ସତ୍ତ୍ୱେ ସର୍ବଭାରତୀୟ ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ପୁଅ ସୁଶାନ୍ତକୁ ଡାକ୍ତର କରିବାକୁ ପଣ କରିଥିଲେ କେପାଙ୍ଗ ସୁନାମାଝୀ। ପ୍ରଥମେ ନିଜ ପାଖରେ ଥିବା ସ୍ୱଳ୍ପ ଜମିକୁ ୧୫ ହଜାର ଟଙ୍କାରେ ବନ୍ଧା ପକାଇଥିଲେ। ଏହାପରେ ନିଜର ଏବଂ ନିଜ ପତ୍ନୀଙ୍କ ବାର୍ଦ୍ଧକ୍ୟ ଭତ୍ତା କାର୍ଡକୁ ୨୨ ହଜାର ଟଙ୍କାରେ ଗାଁର ଏକ ସ୍ୱୟଂ ସହାୟକ ଗୋଷ୍ଠୀ ନିକଟରେ

ବନ୍ଧା ପକାଇଥିଲେ; ଯାହାକୁ ନେଇ ‘ନନ୍ଦିଘୋଷ ଟିଭି’ ଏବଂ ଦୈନିକ ‘ସକାଳ’ ଏହି ଖବର ପ୍ରକାଶ କରିଥିଲା। କେବଳ ଖବର ପ୍ରକାଶ କରି ନ ଥିଲା; ‘ନନ୍ଦିଘୋଷ ଟିଭି’ର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗୋଟିଏ ମଞ୍ଚରେ ସୁଶାନ୍ତ, ତାଙ୍କ ବାପାମାଆ, ସହାୟତାର ହାତ ବଢ଼ାଇଥିବା ଅନୀଲ ମହାଳିକ ଏବଂ କନ୍ଧମାଳ ଜିଲ୍ଲାପାଳଙ୍କୁ ଯୋଡ଼ିବା ପାଇଁ ପ୍ରୟାସ କରାଯାଇଥିଲା। ଏହି ପ୍ରୟାସରେ ‘ନନ୍ଦିଘୋଷ ଟିଭି’ ସଫଳ ହୋଇଛି। ଖବର ପ୍ରସାରଣ ପରେ ସୁଶାନ୍ତଙ୍କ ପାଠପଢ଼ା ପାଇଁ ସହାୟତାର ହାତ ବଢ଼ାଇଛନ୍ତି ସମାଜସେବୀ ଅନୀଲ ମହାଳିକ । ଆଗାମୀ ୫ ବର୍ଷ ପାଇଁ ସମସ୍ତ ପାଠପଢ଼ା ଖର୍ଚ୍ଚ ତୁଲାଇବାକୁ ସେ ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି।

ସେହିପରି ‘ନନ୍ଦିଘୋଷ ଟିଭି’କୁ ପ୍ରତିକ୍ରିୟା ଦେଇ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ କହିଛନ୍ତି ଯେ ସୁଶାନ୍ତଙ୍କ ପଢ଼ା ଖର୍ଚ୍ଚ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କିଛି ଅର୍ଥ ମଞ୍ଜୁର କରାଯାଇଛି। ବନ୍ଧା ପଡ଼ିଥିବା ଭତ୍ତା କାର୍ଡ ସେମାନଙ୍କୁ ଫେରସ୍ତ କରାଯିବା ସହ ଏହା କେଉଁ ଆଧାରରେ ବନ୍ଧା ପଡ଼ିଲା, ତାହାର ଅନୁସନ୍ଧାନ କରାଯିବ। ଏହାସହ ସୁଶାନ୍ତଙ୍କ ଦିବ୍ୟାଙ୍ଗ ପିତାମାତା ପୂର୍ବପରି ଭତ୍ତା ପାଇବେ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଯାହାଫଳରେ ସୁଶାନ୍ତଙ୍କ ସ୍ୱପ୍ନରେ ଡେଣା ଲାଗିବା ସହ କନ୍ଧମାଳର ଉପାନ୍ତ ଅଞ୍ଚଳରେ ଜଣେ ଗରିବ ମେଧାବୀ ଛାତ୍ର ଡାକ୍ତର ହେବାର ସ୍ୱପ୍ନ ପୂରଣ ହେବାକୁ ଯାଉଛି।

କମୁନି ଦାଦନ ଯନ୍ତ୍ରଣା

ଚେନ୍ନାଇରେ ଆଖି ବୁଜିଲେ ଯୁବ ଶ୍ରମିକ

ଜି.ଉଦୟଗିରି,୨୪।୧୦(ସମିସ): କନ୍ଧମାଳ ଜିଲ୍ଲାରେ ଦାଦନ ଦୁଃଖର କରୁଣ ଚିତ୍ର ପୁଣିଥରେ ସାମ୍ନାକୁ ଆସିଛି। ପରିବାର ପ୍ରତିପୋଷଣ ପାଇଁ ଭିଟାମାଟି ଛାଡ଼ି ବାହାର ରାଜ୍ୟକୁ କାମ

କରିବାକୁ ଯାଇଥିବା ଜଣେ ଯୁବକଙ୍କର ଚେନ୍ନାଇରେ ମୃତ୍ୟୁ ହୋଇଛି। ମୃତକ ହେଉଛନ୍ତି ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ରାଇକଳା ପଞ୍ଚାୟତର ମଝିସାହି ଗ୍ରାମର ୪୦ ବର୍ଷୀୟ ଚିତ୍ତରଞ୍ଜନ ପ୍ରଧାନ। ଚିନ୍ତାର ବିଷୟ ହେଉଛି ଆର୍ଥିକ ଅଭାବ ଯୋଗୁଁ ମୃତଦେହକୁ ନିଜ ଜନ୍ମମାଟିକୁ ଫେରାଇ ଆଣିବା ନେଇ ପରିବାର ଲୋକେ ଚିନ୍ତାରେ ଅଛନ୍ତି। ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ତୁରନ୍ତ ହସ୍ତକ୍ଷେପ କରି ଚିତ୍ତରଞ୍ଜନ ପ୍ରଧାନଙ୍କ ମୃତଦେହକୁ ତାଙ୍କ ଜନ୍ମମାଟିକୁ ଫେରାଇ ଆଣିବାରେ ସହଯୋଗ କରିବା ସହ ମୃତକଙ୍କ ପରିବାରକୁ ସହାୟତା ଯୋଗାଇଦେବାକୁ

ଅର୍ଥାଭାବରୁ ଜନ୍ମମାଟିକୁ ଫେରିପାରୁନି ମୃତଦେହ

ଦାବି ହେଉଛି। ଏଠାରେ ସୂଚାଇ ଦିଆଯାଇପାରେ ଯେ, ଗତ ୮୫ ଦିନ ମଧ୍ୟରେ କନ୍ଧମାଳ ଜିଲ୍ଲାର ୨୧ ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଛି ଯାହାକୁ ନେଇ ଜିଲ୍ଲାରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ଏତେ ସଂଖ୍ୟକ ଶ୍ରମିକଙ୍କ ମୃତ୍ୟୁ ପରେ ମଧ୍ୟ ଦାଦନ ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ଆଖି ଦୃଷ୍ଟିଆ ପଦକ୍ଷେପ ନିଆଯାଉ ନଥିବା ଅଞ୍ଚଳବାସୀଙ୍କ ଅଭିଯୋଗ।

ନ୍ୟାସନାଲ୍ ଅର୍ବାନ୍ କନ୍‌କ୍ଲେଭ୍-୨୦୨୬ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

୨୬ଟି ଇ-ବସ୍ ସେବାର ଶୁଭାରମ୍ଭ

ଭୁବନେଶ୍ୱର,୨୪।୧୦(ସମିସ): ୨୦୩୬ ମସିହାରେ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ ଭାବେ ୧୦୦ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ, ୫୦୦ ବିଲିଅନ୍ ଡଲାର୍ ଅର୍ଥନୀତି ସହ ଏକ ସମୃଦ୍ଧ ଓଡ଼ିଶା ଗଠନ କରିବା ଆମର ମୁଖ୍ୟ ଲକ୍ଷ୍ୟ ରହିଛି। ବର୍ତ୍ତମାନ ଓଡ଼ିଶାର ସହରୀକରଣ ୧୭ ପ୍ରତିଶତ ଥିବା ବେଳେ ୨୦୩୬ ସୁଦ୍ଧା ଏହାକୁ ୪୦ ପ୍ରତିଶତକୁ ବୃଦ୍ଧି ହେବ। ଏଥିପାଇଁ ଅତ୍ୟାଧୁନିକ ଭିତ୍ତିଭୂମି ଓ ଆଧୁନିକ ସଂସ୍ଥାର ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇସାରିଛି ବୋଲି ଶନିବାର ଭୁବନେଶ୍ୱରଠାରେ ଆୟୋଜିତ ନ୍ୟାସନାଲ ଅର୍ବାନ କନକ୍ଲେଭ-୨୦୨୬କୁ ଉଦଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମତବ୍ୟକ୍ତ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସହରୀ ବିକାଶ ଓ ଅର୍ଥନୈତିକ ପ୍ରଗତିକୁ ଗତିଶୀଳ କରିବା ପାଇଁ ରାଜ୍ୟରେ ଶିଳ୍ପାୟନ, ବନ୍ଦରର ବିକାଶ, ପର୍ଯ୍ୟଟନ ଓ ସେବା କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟି ହୋଇଛି। କେନ୍ଦ୍ର ସରକାର ଓ ନୀତି ଆୟୋଗଙ୍କ ମାର୍ଗଦର୍ଶନରେ ‘ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଇକୋନୋମିକ୍ ରିଜିଅନ୍’ ପ୍ରତିଷ୍ଠା କରାଯାଉଛି। ଏହାସହ ଭୁବନେଶ୍ୱର ଓ କଟକର ସମ୍ପ୍ରସାରଣ କରି ନୂଆ ସାଟେଲାଇଟ୍ ଟାଉନ୍‌ସିପ୍ ଗଠନ କରାଯାଉଛି ଏବଂ ନୂତନ

ଭାବେ ୨୮ଟି ଏନ୍.ଏ.ସି, ୭ଟି ମ୍ୟୁନିସିପାଲିଟି ଓ ଗୋଟିଏ ମ୍ୟୁନିସିପାଲ୍ କର୍ପୋରେସନ୍ ସୃଷ୍ଟି କରାଯାଇଛି। ରାଜ୍ୟର ଜନକଲ୍ୟାଣକାରୀ ସହରୀ ଯୋଜନାଗୁଡ଼ିକର ସଫଳତା ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସହରୀ ପରିବହନରେ ସୁରକ୍ଷିତ ଫୁଟପାଥ୍, କ୍ରସିଂ ଓ ପବ୍ଲିକ ସ୍ପେସ୍ ପ୍ଲାନିଂର ମୁଖ୍ୟ ଅଂଶ ଅଟେ। ଆଜି ପିଏମ ଇ-ବସ୍ ସେବା ଅଧୀନରେ ୨୬ଟି ଇ-ବସ୍ ସେବାର ଶୁଭାରମ୍ଭ କରାଯାଇଥିବା ବେଳେ ଏହା ଅଧୀନରେ ଆହୁରି ୪୦୦ଟି ଇ-ବସ୍, ୧୦୦ଟି ମିଡି ଓ ୫୦ଟି ମିନି ଇ-ବସ୍ ଯୋଡ଼ିହେବ। ବର୍ତ୍ତମାନ କ୍ରୁଟ ଜରିଆରେ ୭ଟି ସହରରେ ଆମ ବସ୍ ସେବା ଯୋଗାଇ ଦିଆଯାଉଛି। ଆଗକୁ ବାରିପଦା, ଅନୁଗୋଳ, ଝାରସୁଗୁଡା, ବାଲେଶ୍ୱର, ଯାଜପୁର, ରାୟଗଡା, ଜୟପୁର, ଭଦ୍ରକ ଓ ବଲାଙ୍ଗିର ସହରରେ ଇ-ବସ୍ ସେବା କାର୍ଯ୍ୟକାରୀ ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ‘ଅଙ୍କୁର ହ୍ୟାଣ୍ଡବୁକ୍’ ଏବଂ ‘ଟାଉନ୍ ପ୍ଲାନିଂ ହ୍ୟାଣ୍ଡବୁକ୍’ ର ଉନ୍ମୋଚନ କରିବା ସହ ନୂତନ ନଗର ଉନ୍ନୟନ ନୀତିର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମୁଖ୍ୟଶାସନ ସଚିବ ଅନୁ ଗର୍ଗ, ନୀତି ଆୟୋଗର ସିଇଓ ଅନୁରାଗ ଜୈନ, କେନ୍ଦ୍ର

ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟକୁ ଦୃଷ୍ଟିରେ ରଖି ରାଜ୍ୟରେ ଅତ୍ୟାଧୁନିକ ସହରୀ ଭିତ୍ତିଭୂମିର ବିକାଶ କରାଯାଉଛି: ମୁଖ୍ୟମନ୍ତ୍ରୀ

ସହରୀ ବିକାଶ ବିଭାଗ ସଚିବ ସତେନ୍ଦ୍ର ପାଲ ସିଂହ ପ୍ରମୁଖ ଅଭିଭାଷଣ ରଖିଥିଲେ। କନ୍‌କ୍ଲେଭ୍‌ରେ କେନ୍ଦ୍ର ଗୃହ ନିର୍ମାଣ ଓ ସହରୀ ବ୍ୟାପାର ମନ୍ତ୍ରାଳୟର ରାଷ୍ଟ୍ରମନ୍ତ୍ରୀ ତୋଖନ ସାହୁ, ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ନାବାଳିକା ଦୁଷ୍କର୍ମ ଓ ହତ୍ୟା ଘଟଣାରେ ତେଜିଲା ରାଜନୀତି

୨୭ରେ ବିଜେଡିର ୧୨ ଘଣ୍ଟିଆ ଜଳେଶ୍ୱର ବନ୍ଦ

ଜଳେଶ୍ୱର, ୨୪।୧୦ (ସମିସ): ଜଳେଶ୍ୱର ଅଞ୍ଚଳର ଜନୈକା ନାବାଳିକା ଅପହରଣ, ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ରାଜନୀତି ତେଜିବାରେ ଲାଗିଛି। ଏହି ଘଟଣାକୁ ନେଇ ଜଳେଶ୍ୱରରେ ଉତ୍ତେଜନା ଦେଖାଦେଇଥିବା ବେଳେ ଶାସକ ଦଳ ଓ ସରକାରଙ୍କ ତରଫରୁ କୌଣସି ପ୍ରତିକ୍ରିୟା ପ୍ରକାଶ ନ ପାଇବା ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଅନ୍ୟପଟରେ ଏହି ଘଟଣାରେ ପୁଲିସ

ଆଜି ତାଳଗଛିଆ ଗ୍ରାମର ବିକାଶ ବେହେରା ଓ ଶୋଳକଣ୍ଡା ଗ୍ରାମର ନନ୍ଦନ ବେହେରାକୁ ଅଟକ ରଖି ପଚରାଉଚୁରା କରୁଥିବା ଜଣାଯାଇଛି। ହେଲେ ବିଭିନ୍ନ ରାଜନୈତିକ ଦଳ ତରଫରୁ ସାମ୍ବାଦିକ ସମ୍ମିଳନୀରେ ଘଟଣାର ଭିଜିଲାନ୍ସ ତଦନ୍ତ ସହିତ ସମ୍ପୃକ୍ତ ଫାଣ୍ଡି ଓ ଥାନା ଅଧିକାରୀଙ୍କୁ ଗିରଫ କରିବା ସହିତ ଘଟଣା ଘଟିବା ୧୬ତାରିଖ ଦିନ ପୀଡ଼ିତାଙ୍କ ପରିବାର ପକ୍ଷରୁ ଅଭିଯୁକ୍ତ ଚନ୍ଦ୍ରକାନ୍ତ ଜେନାକୁ ଥାନାରେ ଜିମା ଦେଇଥିବା ବେଳେ କାହା କଥାରେ ତାକୁ ଥାନାରୁ ଛଡ଼ାଗଲା ତାହାର ତଦନ୍ତ ପାଇଁ ଦାବି ତୀବ୍ର ହେବାରେ ଲାଗିଛି। ବିଭିନ୍ନ ସାମାଜିକ ସଂସ୍ଥା ତରଫରୁ ଥାନା ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଚାଲିଥିବାବେଳେ ଦୀର୍ଘ ତିନିଦିନ ଧରି ସ୍ଥାନୀୟ ଅଞ୍ଚଳବାସୀ ମୁଖ୍ୟ ରାସ୍ତାରେ ନିଆଁଜାଳି ରାସ୍ତା ଅବରୋଧ କରିଥିବା ଦେଖିବାକୁ ମିଳିଛି। ବିଜେଡି ପକ୍ଷରୁ ସ୍ଥାନୀୟ ଭଂଜ ଭବନଠାରେ ବିଧାୟକ ଅଶ୍ୱିନୀ କୁମାର ପାତ୍ର ଓ ଜିଲ୍ଲା ସଭାନେତ୍ରୀ ଶୁଭଲକ୍ଷ୍ମୀ ମାଝୀଙ୍କ ନେତୃତ୍ୱରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ନିରପେକ୍ଷ ଭିଜିଲାନ୍ସ ତଦନ୍ତ ଦାବି ସହିତ ପୁଲିସ ଅଧିକାରୀଙ୍କୁ ଗିରଫ କରିବା, ୫୦ଲକ୍ଷ ଟଙ୍କାର ସରକାରୀ ସହାୟତା ପ୍ରଦାନ କରିବା, କେଉଁ ରାଜନେତା ଚାପରେ ଦୋଷୀକୁ ଉକ୍ତ ଘଟଣା ଦିନ ଥାନାରୁ ଛାଡି ଦିଆଗଲା ତାହାର ଖୁଲାସା କରିବା, ପୁଲିସ ଅଧିକାରୀ ମାନଙ୍କର ଫୋନ କଲ୍ ଭିଜିଲାନ୍ସ ତଦନ୍ତ ପରିସର କରାଯିବା, ତୁରନ୍ତ ସମ୍ପୃକ୍ତ ଦୋଷୀକୁ ଧରି କଠୋର ଦଣ୍ଡ ବିଧାନ ପାଇଁ ଦାବି କରିବା ସହିତ ଆସନ୍ତା ୨୭ତାରିଖ ମଙ୍ଗଳବାର ଦିନ ୧୨ ଘଣ୍ଟିଆ ଜଳେଶ୍ୱର ବନ୍ଦ ପାଇଁ ଡାକରା ଦେଇଥିବା ସୂଚନା ଦେଇଛନ୍ତି।

ସେହିପରି ସି.ପି.ଆଇ(ଏମ୍) ବାମପନ୍ଥୀ ଦଳ ତରଫରୁ ୧୨ଘଣ୍ଟିଆ ଜଳେଶ୍ୱର ବନ୍ଦ ଡାକରାକୁ ସମର୍ଥନ କରିବା ସହିତ ନିଜ କାର୍ଯ୍ୟାଳୟରେ ଦିଲ୍ଲୀପ କୁମାର ଗିରିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦୋଷୀମାନଙ୍କୁ ଗିରଫ ସହିତ ସମ୍ପୃକ୍ତ ଫାଣ୍ଡି ଅଧିକାରୀ ଓ ଜଳେଶ୍ୱର ଥାନା ଆଇ.ଆଇ.ସିଙ୍କୁ ଗିରଫ କରିବା ପାଇଁ ଦାବି କରିଛି। ଘଟଣାର ଭିଜିଲାନ୍ସ ତଦନ୍ତ ଦାବି କରିବା ସହିତ ଜଣେ ହାଇକୋର୍ଟ ବିଚାରପତିଙ୍କ ଅଧ୍ୟକ୍ଷତାରେ ଘଟଣାର ତଦନ୍ତ କରାଯାଉ ବୋଲି ଦାବି କରାଯାଇଛି। ଏଥି ସହିତ ପୀଡିତ ପରିବାରକୁ ୫୦ଲକ୍ଷ ଟଙ୍କାର କ୍ଷତିପୂରଣ ଦାବି କରିଛନ୍ତି। ଏହି ଘଟଣାରେ ସିପିଏମର ଏକ ପ୍ରତିନିଧି ମଣ୍ଡଳୀ ଘଟଣା ସ୍ଥଳ ପରିଦର୍ଶନ କରିବା ସହିତ ପରିବାର ଲୋକଙ୍କୁ ଭେଟି ଥିବା ବେଳେ ବିଜେଡି ତରଫରୁ ବିଧାୟକଙ୍କ ସହିତ ଏକ ପ୍ରତିନିଧି ମଣ୍ଡଳୀ ଗତକାଲି ପରିବାର ବର୍ଗଙ୍କୁ ଭେଟି ନ୍ୟାୟ ପ୍ରଦାନ ପାଇଁ ଆଶ୍ୱାସନା ଦେଇଥିବା ଜଣାଇଛନ୍ତି।

ସେହିପରି କଂଗ୍ରେସ ଦଳ ତରଫରୁ ପୀଡିତା ପରିବାରକୁ ଭେଟି ନ୍ୟାୟ ପ୍ରଦାନ କରିବାରେ ସହାୟତା ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଥିବା ବେଳେ ତଦନ୍ତ ପାଇଁ ଦାବି କରାଯାଇଛି। ଜଳେଶ୍ୱର ଥାନା ସମ୍ମୁଖରେ ମହିଳା ସଂସ୍କୃତି ସଂଗଠନ କର୍ମୀ ମାନଙ୍କ ତରଫରୁ ପୂର୍ବତନ ଡିଏସଓ ରାଜ୍ୟ କମିଟି ସମ୍ପାଦିକାଙ୍କ ନେତୃତ୍ୱରେ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଗ୍ରାମବାସୀଙ୍କ ତରଫରୁ ଥାନା ଘେରଉ, ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ଓଲଟ ପାଲଟ

ସମ୍ବଲପୁରର ଥାନା ସାମନାରେ
ଥିଲା ଖଣିଜ ପାହାଡ଼
ଖଣି ମାଫିଆଏ ବୋହି ନେଇଗଲେ
କାଟି କରି ଗଡ଼ ଗଡ଼
ଥାନାବାବୁ କିବା ଜିଲ୍ଲା ପ୍ରଶାସନ
ଦେଖି ନ ଦେଖିଲା ପରି
ଦିନ ରାତି ମାଟି ବୋହି ନେଇ ଯାଇ
ଦେଲେ ସମତୁଲ କରି
ଚୋର ସବୁ ଚୋରି କରି ନେଲା ପରେ
ବାଉଳାରେ ପ୍ରଶାସନ
ବିଜ୍ଞାପନ ବୋର୍ଡ ଝୁଲାଇ ଦେଇଛି
ହୋଇବାକୁ ସାବଧାନ

- ଯାଯାବର

ବୈତରଣୀ ନଦୀବନ୍ଧ ମରାମତିରେ ଚରମ ଅବହେଳା

୪୦୦ ଫୁଟ୍‌ର ଫାଟ, ୫୦ ଫୁଟ୍ ଧସିଲା

ଆରଡ଼ି,୨୪।୧୦(ସମିସ): ନଦୀବନ୍ଧର ସୁଦୃଢ଼ୀକରଣ ପାଇଁ ଲକ୍ଷଲକ୍ଷ ଟଙ୍କା ବ୍ୟୟ ହେଲା। ନିର୍ମାଣ ଓ ମରାମତି ନାଁରେ ମାଟି ପକାଗଲା। ହେଲେ କିଛି ମାସ ନ ପୂରୁଣୁ ବନ୍ଧରେ ସୃଷ୍ଟି ହେଲା ଲମ୍ବା ଫାଟ, ନଦୀ ଆଡ଼କୁ ଧସିବାକୁ ଲାଗିଲା ମାଟି। ଏବେ ବନ୍ଧର

ସୁରକ୍ଷାକୁ ନେଇ ଚିନ୍ତାରେ ନଦୀକୂଳିଆ ଗ୍ରାମବାସୀ। ଠିକା କାର୍ଯ୍ୟର ମାନ ଓ ବିଭାଗୀୟ ତଦାରଖକୁ ନେଇ ଉଠିଛି ସାଂଘାତିକ ପ୍ରଶ୍ନ। ଏଭଳି ଦୃଶ୍ୟ ଚାନ୍ଦବାଲି ବ୍ଲକ୍ ସୁନ୍ଦରପୁର ନିକଟ ବୈତରଣୀ ନଦୀବନ୍ଧରେ ଦେଖିବାକୁ ମିଳିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଚଳିତ ବର୍ଷ ବନ୍ଧର ଦୁର୍ବଳ ସ୍ଥାନକୁ ମଜଭୁତ କରିବା ଉଦ୍ଦେଶ୍ୟରେ ମାଟି ପକାଯାଇଥିଲା। ମାତ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କରି କାର୍ଯ୍ୟ ସମାପ୍ତ କରାଯାଇଥିବାରୁ ଏଭଳି ସ୍ଥିତି ଉପୁଜିଥିବା ସେମାନେ ଅଭିଯୋଗ କରିଛନ୍ତି। ନିୟମ ଅନୁଯାୟୀ, ମାଟି ପକାଇବା ପରେ ଉପଯୁକ୍ତ ଭାବେ ରୋଲିଂ

ବନ୍ୟା ଆଶଙ୍କାରେ ସୁନ୍ଦରପୁରବାସୀ ଆତଙ୍କିତ; ଭିଜିଲାନ୍ସ ତଦନ୍ତ ଦାବି

କରିବା ସହ ମୋରମ୍ ପକାଇବା କଥା। ହେଲେ ଏହି ପ୍ରକ୍ରିୟା ଠିକ୍ ଭାବେ ଅନୁସରଣ କରାଯାଇ ନ ଥିବା ଗ୍ରାମବାସୀ କହିଛନ୍ତି। ବର୍ତ୍ତମାନ ବନ୍ଧର ପ୍ରାୟ ୪୦୦ ଫୁଟ୍ ଅଞ୍ଚଳରେ ଫାଟ ସୃଷ୍ଟି ହୋଇଥିବାବେଳେ ପ୍ରାୟ ୫୦ ଫୁଟ୍ ଅଂଶ ନଦୀ ଆଡ଼କୁ ଧସିଯାଇଛି। ଏହାଦ୍ୱାରା ନଦୀବନ୍ଧର ସ୍ଥାୟିତ୍ୱ ନେଇ ଆଶଙ୍କା ବଢ଼ିଛି। ଅନ୍ୟପକ୍ଷରେ ଲଘୁଚାପଜନିତ ବର୍ଷା ଓ ସମ୍ଭାବ୍ୟ ବାତ୍ୟାକୁ ନେଇ ଅଞ୍ଚଳବାସୀ ଚିନ୍ତିତ।

ଗଜଲକ୍ଷ୍ମୀଙ୍କ ଆବାହନ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ଅନୁଗୋଳ,୨୪।୧୦(ସମିସ)

ପାର୍ବଣର ଆଗମନରେ ଉତ୍ସବମୁଖର ହୋଇଉଠିଛି ଅନୁଗୋଳ ସହର। ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ଆବାହନ ପାଇଁ ସହରର ବିଭିନ୍ନ ପୂଜାମଣ୍ଡପ ଚଳଚଞ୍ଚଳ ହୋଇପଡ଼ିଥିବାବେଳେ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଜିଲ୍ଲା ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ଓ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା, ଭିଡ଼ ନିୟନ୍ତ୍ରଣ, ଯାନବାହାନ ଚଳାଚଳକୁ ସୁବ୍ୟବସ୍ଥିତ କରିବା ସହ ଦର୍ଶକଙ୍କ ସୁରକ୍ଷାକୁ ପୁଲିସ ପ୍ରାଥମିକତା ଦେଇଛି। ସହରର ବିଭିନ୍ନ ପୂଜାମଣ୍ଡପ ଓ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଭିଡ଼ ନିୟନ୍ତ୍ରଣ ସହ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ପୂଜା ଅଞ୍ଚଳକୁ ୪ଟି ପୁଲିସ ସେକ୍ଟରରେ ବିଭକ୍ତ କରାଯାଇଛି। ଏଥିସହ ବିଭିନ୍ନ ସ୍ଥାନରେ ୧୫ଟି ଅସ୍ଥାୟୀ ପୁଲିସ ଫାଣ୍ଡି ସ୍ଥାପନ କରାଯାଇଛି।

ଗଜଲକ୍ଷ୍ମୀ ପୂଜା ସମୟରେ ସହରର ବିଭିନ୍ନ ରାସ୍ତାରେ ଅଧିକ ଜନସମାଗମ ହେବା ସମ୍ଭାବନା ଥିବାରୁ ଯାତାୟାତ ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇଛି। ଅତ୍ୟାବଶ୍ୟକ ସେବା ସହ ଜଡ଼ିତ ଯାନବାହନକୁ ବାଦ୍ ଦେଲେ ଅପରାହ୍ନ ୪ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ସହର ଭିତରେ ଗାଡ଼ି ଚଳାଚଳ ବନ୍ଦ ରଖିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ପୂଜା ବୁଲିବାକୁ ଆସୁଥିବା ଶ୍ରଦ୍ଧାଳୁମାନେ ଯେପରି ସୁରକ୍ଷିତ ଭାବେ ଯାତାୟାତ କରିପାରିବେ ଏବଂ ଟ୍ରାଫିକ୍ ଜାମ୍ ସମସ୍ୟା ନ ଉପୁଜିବ, ସେଥିପ୍ରତି ଧ୍ୟାନ ଦିଆଯାଇଛି। ଅନ୍ୟପକ୍ଷରେ, ଦର୍ଶକଙ୍କ ଗାଡ଼ି ପାର୍କିଂ ପାଇଁ ସହରର ୩ ସ୍ଥାନରେ ବ୍ୟବସ୍ଥା କରାଯାଇଛି। ଶ୍ରଦ୍ଧାଳୁମାନେ ନିର୍ଦ୍ଧାରିତ ପାର୍କିଂ ସ୍ଥଳରେ ନିଜ ଗାଡ଼ି ରଖି ପୂଜାମଣ୍ଡପକୁ ଯିବା ସହ ପୁଲିସର ଟ୍ରାଫିକ୍ ନିୟମ ପାଳନ କରିବାକୁ ପରାମର୍ଶ ଦିଆଯାଇଛି। ରାସ୍ତାକଡ଼ରେ ଅନିୟନ୍ତ୍ରିତ ଭାବେ ଗାଡ଼ି ପାର୍କିଂ କରାଗଲେ ଯାତାୟାତ ବାଧାପ୍ରାପ୍ତ ହେବା ସହ ଜରୁରୀକାଳୀନ ସେବାରେ ସମସ୍ୟା ଦେଖାଦେଇପାରେ। ତେଣୁ ନିର୍ଦ୍ଧାରିତ ପାର୍କିଂ ସ୍ଥଳ ବ୍ୟବହାର କରିବାକୁ ଗୁରୁତ୍ୱ ଦିଆଯାଇଛି। ନିୟୋଜିତ ପୁଲିସ କର୍ମଚାରୀ ନିଜ ଦାୟିତ୍ୱ ତୁଲାଇବା ସହ ଲୋକଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବାକୁ ଏସ୍‌ପି ପରାମର୍ଶ ଦେଇଛନ୍ତି। ସୁରକ୍ଷା ବ୍ୟବସ୍ଥା କେବଳ ଭିଡ଼ ନିୟନ୍ତ୍ରଣରେ ସୀମିତ ନ ରହି ଜନସାଧାରଣଙ୍କୁ ସହଯୋଗ ଓ ଆବଶ୍ୟକ ସୂଚନା ପ୍ରଦାନ ଉପରେ ମଧ୍ୟ ଗୁରୁତ୍ୱ ଦେବାକୁ କୁହାଯାଇଛି।

ପୂଜା ବୁଲିବାକୁ ଆସୁଥିବା ଶ୍ରଦ୍ଧାଳୁ, ମହିଳା, ବୟସ୍କ ଓ ଶିଶୁମାନଙ୍କ ସୁରକ୍ଷା ଦିଗରେ ସତର୍କ ରହିବା ସହ କୌଣସି ସମସ୍ୟା ହେଲେ ତୁରନ୍ତ ପଦକ୍ଷେପ ନେବାକୁ ପୁଲିସ କର୍ମଚାରୀଙ୍କୁ ପରାମର୍ଶ ଦିଆଯାଇଛି। ପୂଜାକୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ପାଳନ କରିବା ପାଇଁ ପୁଲିସ ପକ୍ଷରୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ହାତକୁ ନିଆଯାଇଛି। ତେବେ ପୂଜାର ସୁରକ୍ଷା ଓ ଶୃଙ୍ଖଳା ରକ୍ଷା କେବଳ ପୁଲିସର ଦାୟିତ୍ୱ ନୁହେଁ, ଏଥିପାଇଁ ଜନସାଧାରଣଙ୍କ ସହଯୋଗ ମଧ୍ୟ ଅତ୍ୟନ୍ତ ଜରୁରୀ। ତେଣୁ ଟ୍ରାଫିକ୍ ନିୟମ ପାଳନ, ନିର୍ଦ୍ଧାରିତ ସ୍ଥାନରେ ଗାଡ଼ି ପାର୍କିଂ କରିବା ଏବଂ ପୁଲିସକୁ ସହଯୋଗ କରିବାକୁ ଶ୍ରଦ୍ଧାଳୁଙ୍କୁ ନିବେଦନ କରାଯାଇଛି। ପାର୍ବଣର ଆନନ୍ଦ ମଧ୍ୟରେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହୁଏ ଏବଂ ସମସ୍ତେ ସୁରକ୍ଷିତ ଭାବେ ମା' ଗଜଲକ୍ଷ୍ମୀଙ୍କ ଦର୍ଶନ କରିପାରନ୍ତି, ସେଥିପାଇଁ ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱ ଦେଇ ଶନିବାର ଅପରାହ୍ନରେ ପୁଲିସ କର୍ମଚାରୀଙ୍କ ଡ୍ୟୁଟି ବଣ୍ଟନ ବେଳେ ଉପସ୍ଥିତ ଥିବା ପୁଲିସ କର୍ମଚାରୀ, ସୁରକ୍ଷା କର୍ମୀ, ବରିଷ୍ଠ ଅଧିକାରୀଙ୍କୁ ଏସପି ରାହୁଲ ଜୈନ ପରାମର୍ଶ ଦେଇଛନ୍ତି।

- ଜନସମାଗମ ନିୟନ୍ତ୍ରଣ ପାଇଁ ୪ ପୁଲିସ ସେକ୍ଟର, ୧୫ ଅସ୍ଥାୟୀ ଫାଣ୍ଡି
- ଅପରାହ୍ନ ୪ରୁ ରାତି ୧୨ ଯାଏଁ ସହରରେ ଗାଡ଼ି ଚଳାଚଳ ନିଷେଧ
- ୩ ସ୍ଥାନରେ ପାର୍କିଂ ବ୍ୟବସ୍ଥା

ପଞ୍ଚଧାରା ଟ୍ରାକ୍ଟର ମାଲିକ ସଂଘ ଗଠିତ

କିଶୋରନଗର,୨୪।୧୦(ସମିସ): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପଞ୍ଚାୟତର ଟ୍ରାକ୍ଟର ମାଲିକମାନଙ୍କୁ ନେଇ ଏକ ନୂତନ ସଂଘ ଗଠନ କରାଯାଇଛି। ଏ ନେଇ ଠାକୁରଗଡ଼ ଶମ୍ଭୁବାବା ମଠ ପ୍ରାଙ୍ଗଣରେ ଏକ ବୈଠକ ହୋଇଥିଲା। ବୈଠକରେ ପଞ୍ଚାୟତର ସମସ୍ତ ଟ୍ରାକ୍ଟର ମାଲିକ ଯୋଗଦେଇ ପଞ୍ଚଧାରା ଟ୍ରାକ୍ଟର ମାଲିକ ସଂଘ ଗଠନ କରିବା ସହ ନୂତନ କର୍ମକର୍ତ୍ତା ଓ ଉପଦେଷ୍ଟାଙ୍କୁ ନିର୍ବାଚିତ କରିଥିଲେ।

ସଂଘର ସଭାପତି ଭାବେ ଅନାମ ଚରଣ ସ୍ୱାଇଁ, ଉପସଭାପତି ନୀଳକଣ୍ଠ ରାଉତ, ସମ୍ପାଦକ ପ୍ରଶାନ୍ତ ପ୍ରଧାନ ଏବଂ କୋଷାଧ୍ୟକ୍ଷ ଭାବେ ରଞ୍ଜନ ସାହୁ ନିର୍ବାଚିତ ହୋଇଛନ୍ତି। ସେହିପରି ପବିତ୍ର ସାହୁ, ସୁରେଶ ଚନ୍ଦ୍ର ସାହୁ, ତ୍ରିପୁର ସାହୁ, ବିଶ୍ୱେଶ୍ୱର ବେହେରା ଓ ବିଶ୍ୱରଞ୍ଜନ ଦେଓଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଛି।

୬୦ ଲକ୍ଷ ଟଙ୍କାର କୋଠାଘର ପାଇଁ ଭୂମିପୂଜନ

କଣିହାଁ,୨୪।୧୦(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ୍ ଡେରାଙ୍ଗ ଗ୍ରାମରେ ଦଶହରା ମହୋତ୍ସବ ଅବସରରେ ୬୦ ଲକ୍ଷ ଟଙ୍କା ବ୍ୟୟରେ ଏକ ନୂତନ କୋଠାଘର ନିର୍ମାଣ ପାଇଁ ଭୂମିପୂଜନ କରାଯାଇଛି। ମୁଖ୍ୟଅତିଥି ଭାବେ ସାଂସଦ ରୁଦ୍ରନାରାୟଣ ପାଣି, ସମ୍ମାନିତ ଅତିଥି ଭାବେ ଅନୁଗୋଳ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇଥିଲେ। ବିଧାୟକଙ୍କ ନିର୍ଦ୍ଦେଶକ୍ରମେ ଜିନ୍ଦଲ ପକ୍ଷରୁ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ପାଣ୍ଠିରୁ ଏହି ଅର୍ଥ ଯୋଗାଇ ଦିଆଯାଉଥିବାରୁ ଏହାକୁ ଅଞ୍ଚଳର ବିକାଶ ଦିଗରେ ଏକ ଗୁରତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଉଛି।

ବିଧାୟକ ମହାନ୍ତି ତାଙ୍କ ବକ୍ତବ୍ୟରେ ଗତ ଦୁଇବର୍ଷ ମଧ୍ୟରେ ପ୍ରାୟ ୧୦ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ କାର୍ଯ୍ୟର ହିସାବ ଦେଇଥିଲେ। ଏଥିମଧ୍ୟରେ ଡେରାଙ୍ଗରୁ ଘଣ୍ଟିଆନାଳି ଓ ମହାନିପାଳକୁ ସଂଯୋଗ କରୁଥିବା ପକ୍କା ରାସ୍ତା, ରାମମନ୍ଦିର କଂକ୍ରିଟ୍ ରାସ୍ତା ଏବଂ ସାମୂହିକ ବ୍ୟବହାର ପାଇଁ କୋଠାଘର ନିର୍ମାଣ ଭଳି ପ୍ରକଳ୍ପ ରହିଛି। ନୂତନ କୋଠାଘର ନିର୍ମାଣ ହେଲେ ସ୍ଥାନୀୟ ଅଞ୍ଚଳବାସୀ ବିଶେଷ ଉପକୃତ ହେବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଏହି ଅବସରରେ ଜିନ୍ଦଲର ସୁରେଶ ବଂଶଲ, ଗ୍ରାମବାସୀ, ପୂଜା କମିଟି ସଦସ୍ୟଙ୍କ ସମେତ ବିଜେପିର ତ୍ରିପୁରାରୀ ପ୍ରଧାନ, ସୁମନ୍ତ ପ୍ରଧାନ, ବିଛନ୍ଦ ସାହୁ, ହରେକୃଷ୍ଣ ପ୍ରଧାନ, ସୁଶାନ୍ତ ସାମଲ, କବିରାମ ନାୟକ, ଟିକନ ମହାନ୍ତି, ଟୁନା ସାହୁ ଓ ସୁମନ୍ତ ମହାନ୍ତିଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

ସରକାରୀ ଶିଳ୍ପ ତାଲିମ କେନ୍ଦ୍ରର ଭୂମିପୂଜନ

ପାଲଲହଡ଼ା,୨୪।୧୦(ସମିସ): ପାଲଲହଡ଼ା ଅଞ୍ଚଳରେ ଶିକ୍ଷା ଓ ଦକ୍ଷତା ବିକାଶ ପାଇଁ କାଇଁସାରିପାଲିଠାରେ ୧୫ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ନୂତନ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିଆଇ) ର ଶିକ୍ଷା ଓ କର୍ମଶାଳା ଭବନ ନିର୍ମାଣ ନିମନ୍ତେ ଶୁକ୍ରବାର ଭୂମିପୂଜନ ହୋଇଛି। ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି ଭାବେ ଯୋଗଦେଇ ଭୂମିପୂଜନ କରିଥିଲେ। ନୂତନ ଆଇଟିଆଇରେ ପ୍ରାୟ ୪୦୦ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାଦାନ ବ୍ୟବସ୍ଥା ରହିବ। ଏଥିସହ ଛାତ୍ରଛାତ୍ରୀଙ୍କ ରହିବା ପାଇଁ ହଷ୍ଟେଲ ସୁବିଧା ମଧ୍ୟ ଉପଲବ୍ଧ ହେବ।

ଆଇଟିଆଇ କାର୍ଯ୍ୟକ୍ଷମ ହେଲେ ସ୍ଥାନୀୟ ଯୁବକ ଯୁବତୀମାନେ ବିଭିନ୍ନ ବୈଷୟିକ ଶିକ୍ଷା ତାଲିମ ନେଇ ନିଜ ଦକ୍ଷତା ବୃଦ୍ଧି କରିବା ସହ ନିଯୁକ୍ତି ଓ ଆତ୍ମନିଯୁକ୍ତି ସୁଯୋଗ ପାଇପାରିବେ। ଏହା ପାଲଲହଡ଼ାର ଶିକ୍ଷାଗତ ଓ ଆର୍ଥିକ ବିକାଶକୁ ନୂତନ ଦିଗ ପ୍ରଦାନ କରିବ ବୋଲି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପାଲଲହଡ଼ା ବିଧାୟକ ତଥା ଅନୁଗୋଳ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅଶୋକ ମହାନ୍ତି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର ପଟେଲ, ବିଡିଓ ନିଶାନ ମିଶ୍ର, ଜିଲ୍ଲା କର୍ମନିଯୋଜନ ଅଧିକାରୀ ଦେବାଶିଷ ସାହୁ, ତାଳଚେର ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ଅଧ୍ୟକ୍ଷ ଅଭିରାମ ରାଉଳ, ସାଂସଦଙ୍କ ପ୍ରତିନିଧି ଲିଙ୍ଗରାଜ ଦାସ, ବରିଷ୍ଠ ଆଇନଜୀବୀ ତନ୍ମୟ ସାହୁ, ପାଲଲହଡ଼ା ବିଜେପି ମଣ୍ଡଳ ସଭାପତି ଆଶିଷ ସାମଲ, ସୁଶୀଲ ସାମଲଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

ଡ. ନିମାଇଁ ଚରଣ ପ୍ରଧାନଙ୍କ ସ୍ମୃତିସଭା

ତାଳଚେର,୨୪।୧୦(ସମିସ): ସ୍ୱେଚ୍ଛାସେବୀ ସାଂସ୍କୃତିକ ଅନୁଷ୍ଠାନ ଆମ ପ୍ରତିଭା ଆମ ପରିଚୟ ପକ୍ଷରୁ ଶନିବାର ସ୍ଥାନୀୟ ଦେଉଳବେଡ଼ାସ୍ଥିତ ମଙ୍ଗଳମ୍ ହଲରେ ସ୍ୱର୍ଗତ ନିମାଇଁ ଚରଣ ପ୍ରଧାନଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ଉପେନ୍ଦ୍ର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ପ୍ରତିଷ୍ଠାତା ପୂର୍ବତନ ସାଂସଦ ତଥା ସ୍ୱର୍ଗତ ନିମାଇଁ ଚରଣ ପ୍ରଧାନଙ୍କ ବଲ୍ୟବନ୍ଧୁ ମହେଶ ସାହୁ ଯୋଗଦେଇ ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ତଥା ପୂର୍ବତନ ସାଧାରଣ ସମ୍ପାଦକ, ଅବସରପ୍ରାପ୍ତ ଅଧ୍ୟାପକ ସ୍ୱର୍ଗତ ଡ. ନିମାଇଁ ଚରଣ ପ୍ରଧାନଙ୍କ ଜୀବନୀ ବିଷୟରେ ଅଭିଭାଷଣ ରଖିବା ସହ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ପାତ୍ର, ସରୋଜ ପ୍ରଧାନ, ପୂର୍ବତନ ସରକାରୀ ଓକିଲ ନିର୍ମଳ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରେସ କ୍ଲବ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଡ. ରଶ୍ମିରଞ୍ଜନ ମିଶ୍ର, ଶଶିଶେଖର ସିଂ, ଜିଲ୍ଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ରୀତାରାଣୀ ଦାସ, ଦିଲୀପ ପ୍ରଧାନ, ଅକ୍ଷୟ ବେହେରା, ନିର୍ମଳ ସାହୁ, ଜ୍ୟୋତିରଞ୍ଜନ ଦାସ, ଭାଗୀରଥି ମହାପାତ୍ର, ଅନୁଷ୍ଠାନର ସଂଯୋଜକ ତପନ ମହାରଣା, ବାବୁଲା ଶତପଥୀ, ସ୍ୱର୍ଗତ ପ୍ରଧାନଙ୍କ ସହଧର୍ମିଣୀ ସୁମତି ପ୍ରଧାନ, ପୁଅ ସୌମ୍ୟରଞ୍ଜନ, ବୋହୂ ସ୍ନେହଲତା, ନାତି ସମିକ, ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷା ଶୋଭଗିନୀ ଦେବୀ, କୁଶବିହାରୀ ସାମଲ, ଲିପୁ ରଥ, କାଳିଆ ସାମଲ, ହର୍ଷବର୍ଦ୍ଧନ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପ୍ରଧାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଜଣେ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା ନିମନ୍ତେ ଏକ ସିଲେଇ ମେସିନ ପ୍ରଦାନ କରାଯାଇଥିଲା। ଏଥି ପୂର୍ବରୁ ଆମ ପ୍ରତିଭା ଆମ ପରିଚୟ ଅନୁଷ୍ଠାନ ପକ୍ଷରୁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଆଗାମୀ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ ହୋଇଥିଲା।

ସାହିତ୍ୟିକ ଦୀନେଶ ମାଳୀଙ୍କୁ ଜାତୀୟ ସମ୍ମାନ

କଣିହାଁ,୨୪।୧୦(ସମିସ): ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ଦୀନେଶ ମାଳୀଙ୍କୁ ଭୋପାଳଠାରେ ଶାନ୍ତି-ଗୟା ସାହିତ୍ୟ, କଳା ଓ କ୍ରୀଡ଼ା ସମ୍ବର୍ଦ୍ଧନ ସମିତିର ବାର୍ଷିକ ସମାରୋହରେ "ହରିଶଙ୍କର ଶ୍ରୀବାସ୍ତବ ସ୍ମୃତି ସାହିତ୍ୟଶ୍ରୀ ସମ୍ମାନ' ପ୍ରଦାନ କରାଯାଇଛି।

ସାହିତ୍ୟ, କଳା ଓ କ୍ରୀଡ଼ା କ୍ଷେତ୍ରରେ ଅବଦାନ ପାଇଁ ମୋଟ ୧୭ ଜଣ ବିଶିଷ୍ଟ ବ୍ୟକ୍ତି ଏହି ସମାରୋହରେ ସମ୍ମାନିତ ହୋଇଛନ୍ତି। ଦୁଷ୍ୟନ୍ତ ପାଣ୍ଡୁଲିପି ସଂଗ୍ରହାଳୟ ସଭାଗୃହରେ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ଗୋବିନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ କବି ରାଜେଶ ଯୋଶୀ ମୁଖ୍ୟଅତିଥି, ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଅନିଲ ବର୍ମା, ବିଶିଷ୍ଟ ଶିଶୁ ସାହିତ୍ୟିକ ସୁରେନ୍ଦ୍ର ବିକ୍ରମ ଓ ହକି ଖେଳାଳି ଅଶୋକ ଧ୍ୟାନଚାନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଜୟପୁରର ସାହିତ୍ୟିକ ପ୍ରବୋଧ ଗୋଭିଲଙ୍କୁ "ଶାନ୍ତି-ଗୟା ସ୍ମୃତି ଶିଖର ସମ୍ମାନ' ଏବଂ ଅଶୋକ ଧ୍ୟାନଚାନ୍ଦଙ୍କୁ ଆଜୀବନ କ୍ରୀଡ଼ା ସାଧନା ସମ୍ମାନ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମନୋରମା ପନ୍ତ, ଡ. ମାଳତୀ ବସନ୍ତ, ପଦ୍ମା ଚୌଗାଓଁକର, ସୁଧୀର ପାଣ୍ଡ୍ୟା ଉପସ୍ଥିତ ଥିଲେ।

- ଭୋପାଳରେ 'ସାହିତ୍ୟଶ୍ରୀ ସମ୍ମାନ'ରେ ସମ୍ମାନିତ
- ସମାରୋହରେ ତିନି ପୁସ୍ତକ ଉନ୍ମୋଚିତ

ସମାରୋହରେ ଭୋପାଳର ବରିଷ୍ଠ ସାହିତ୍ୟିକ ଅରୁଣ ଅର୍ଣ୍ଣବ ଖରେଙ୍କ ଦୋହା ସଂକଳନ "ସାତ ସ୍ୱର ସ୍ନେହ କେ', ଦୀନେଶ କୁମାର ମାଳୀଙ୍କ ସମାଲୋଚନା ପୁସ୍ତକ "ବିମଳ ଭଣ୍ଡାରୀ କୀ ରଚନାଧର୍ମିତା' ଏବଂ ଓଡ଼ିଆରୁ ହିନ୍ଦୀକୁ ଅନୁଦିତ "ନନ୍ଦିତା ମୋହନ୍ତି କୀ ପ୍ରତିନିଧି କହାନିୟାଁ' ଉନ୍ମୋଚିତ ହୋଇଥିଲା। ଏହି ସମ୍ମାନ କଣିହାଁ କୋଇଲା ଖଣି କ୍ଷେତ୍ର ମହା ପ୍ରବନ୍ଧକ ତଥା ସାହିତ୍ୟିକ ଓ ଗବେଷକ ଦୀନେଶ ମାଳୀଙ୍କ ସାହିତ୍ୟ ସାଧନା ଓ ଅନୁବାଦ କ୍ଷେତ୍ରରେ ଅବଦାନକୁ ସ୍ୱୀକୃତି ପ୍ରଦାନ କରିବା ସହ କଣିହାଁ ଅଞ୍ଚଳ ପାଇଁ ଗୌରବ ଆଣିଛି।

ଆଜି ଧରାବତରଣ କରିବେ ଧନଦାତ୍ରୀ

ଖଣ୍ଡହତା ଲକ୍ଷ୍ମୀପୂଜାକୁ ୭୪ ବର୍ଷ

କିଶୋରନଗର,୨୪।୧୦(ସମିସ): ଆଠମଲ୍ଲିକ ଗଡ଼ଜାତର ଖଣ୍ଡହତା ଲକ୍ଷ୍ମୀପୂଜାକୁ ୭୪ ବର୍ଷରେ ପଦାର୍ପଣ କରିଛି। ମଣ୍ଡପରେ ପୂଜା ପାଇବେ ମା' ଗଜଲକ୍ଷ୍ମୀ। ମୂର୍ତ୍ତି ରଙ୍ଗଠୁ ଆରମ୍ଭ କରି ସାଜସଜ୍ଜା ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ରଙ୍ଗବେରଙ୍ଗରେ ଆଲୋକମାଳାରେ ଝଲସିବ ପୂରା ଗାଁ। ବିରାଜିବେ ଧନଦାତ୍ରୀ। ରୁପା ମୁକୁଟ ଓ ଅଳଙ୍କାରରେ ମା' ହେବେ ସୁଶୋଭିତା। ଏ ବର୍ଷ ପୂଜାକୁ ସ୍ମରଣୀୟ କରିବାକୁ ଲକ୍ଷ୍ମୀପୂଜା କମିଟି ପକ୍ଷରୁ ରାବଣ ଦରବାର ଆୟୋଜନ କରାଯାଇଛି। ବରଗଡ଼ର ପ୍ରସିଦ୍ଧ କଳାକାର ଝସକେତନ ପ୍ରଧାନ ଓ ତାଙ୍କ ଟିମ୍ ଦ୍ୱାରା ୫ ଦିନ ଧରି ରାମାୟଣ କଥାବସ୍ତୁ ଉପରେ ନାଟକ ମଞ୍ଚସ୍ଥ ହେବ। ସୀତାବିବାହ, ସୀତା ଚୋରି, ଲଙ୍କା ଦହନ, ସେତୁବନ୍ଧ ପ୍ରତିଷ୍ଠା ଆଦି ପୌରାଣିକ ବିଷୟବସ୍ତୁର ମଞ୍ଚାୟନ ଦେଖିବାକୁ ଦର୍ଶକ ଚାହିଁ ରହିଛନ୍ତି। ରାବଣ ଦରବାରରେ ବିଭିନ୍ନ ସନ୍ଧ୍ୟାରେ ରାଜ ଅତିଥି ଯୋଗଦେବା ବ୍ୟବସ୍ଥା ରହିଛି। ସେମାନଙ୍କ ମଧ୍ୟରେ ରାଜନେତା ସାହିତ୍ୟିକ, ସମାଜସେବୀ, କଣ୍ଠଶିଳ୍ପୀ, ଅଭିନେତା ଅଭିନେତ୍ରୀ ଆଦି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି ଯୋଗଦେବେ। ପ୍ରତ୍ୟହ ମଧ୍ୟାହ୍ନରେ ମା'ଙ୍କଠାରେ ଶଙ୍ଖୁଡ଼ି ଭୋଗ ଲାଗିହେବ। ମା'ଙ୍କ ଏହି ଭବ୍ୟ ପୂଜା ଆସନ୍ତା ୨୫ତାରିଖରୁ ଆରମ୍ଭ ହୋଇ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ୩୦ ତାରିଖ ଭସାଣି ଉତ୍ସବ ଅନୁଷ୍ଠିତ ହେବ।

ଟ୍ରକ୍ ଧକ୍କାରେ ଟାଟା ଷ୍ଟିଲ୍ ଶ୍ରମିକଙ୍କ ମୃତ୍ୟୁ

କ୍ଷତିପୂରଣ ଦାବିରେ ରାଜପଥ ଅବରୋଧ

ଅନୁଗୋଳ,୨୪।୧୦(ସମିସ): ଟାଟା ଷ୍ଟିଲ ମେରାମଣ୍ଡଳି କାରଖାନା ଫାଟକ ସମ୍ମୁଖ ୫୫ନଂ ଜାତୀୟ ରାଜପଥରେ ଶୁକ୍ରବାର ପୁଣି ଦୁର୍ଘଟଣା ଘଟି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। କୋଇଲା ବୋଝେଇ ଟ୍ରକ୍ ଧକ୍କାରେ ଟାଟା ଷ୍ଟିଲ୍ ମେରାମଣ୍ଡଳି କାରଖାନାରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବଅଁରପାଳ ବ୍ଲକ ତଥା ନାଲକୋ ଥାନା ଅନ୍ତର୍ଗତ କାଣ୍ଡସର ଗ୍ରାମ ସ୍କୁଲସାହିର ଗଣପତି ଦାସଙ୍କ ଏକମାତ୍ର ପୁଅ ଶୁଭମ ଦାସ (୨୮)ଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ଖବର ପାଇ ମୃତକଙ୍କ ପରିବାରବର୍ଗ, ଗ୍ରାମବାସୀ ଓ ସମାଜସେବୀ ଅଭୟ ସାମଲ ଘଟଣାସ୍ଥଳରେ ପହଞ୍ଚିଥିଲେ। ଫଳରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉଚିତ କ୍ଷତିପୂରଣ ପ୍ରଦାନ ଦାବିରେ ସେମାନେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ରାସ୍ତାରେ ଯାତାୟାତ ପ୍ରଭାବିତ ହୋଇଥିଲା।

କେବଳ କ୍ଷତିପୂରଣ ନୁହେଁ, ରାଜପଥରେ ଦୁର୍ଘଟଣା ରୋକିବା ପାଇଁ ମଧ୍ୟ ଆନ୍ଦୋଳନକାରୀ ଦାବି ଉଠାଇଥିଲେ। ରାଜପଥରେ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା କରିବା, ରାସ୍ତା ଉପରେ ଖରାପ ହୋଇ ରହୁଥିବା ଗାଡ଼ିଗୁଡ଼ିକୁ ତୁରନ୍ତ ହଟାଇବାକୁ ଦାବି କରିଥିଲେ। ନାଲକୋ ଥାନା ପୁଲିସ ଓ ବଅଁରପାଳର ଅତିରିକ୍ତ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଦାବି ପୂରଣ ନେଇ ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ଅବରୋଧ ହଟିଥିଲା।

ସୂଚନାଯୋଗ୍ୟ ବୁଧବାର ମଧ୍ୟ ଟାଟା ଷ୍ଟିଲ୍ ମେରାମଣ୍ଡଳି ଫାଟକ ସମ୍ମୁଖରେ ଟ୍ରକ ଧକ୍କାରେ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଡିହକାଟେଣୀ ଗ୍ରାମର ସୁଧାକର ଭୁତିଆ (୩୦)ଙ୍କ ମୃତ୍ୟୁ ହୋଇଥିଲା। ସୁଧାକର ଟାଟା ଷ୍ଟିଲର ଏକ ଠିକାସଂସ୍ଥାରେ ହେଲପର ଭାବେ କାର୍ଯ୍ୟ କରୁଥିଲେ। ବୁଧବାର ସକାଳ ପ୍ରାୟ ସାଢ଼େ ୬ଟାରେ ସେ 'ସି' ସିଫ୍ଟ ଡ୍ୟୁଟି ସାରି ବାଇକ୍ ଯୋଗେ କାରଖାନାରୁ ବାହାରି ମୁଖ୍ୟ ଫାଟକ ନିକଟରେ ୫୫ନଂ ଜାତୀୟ ରାଜପଥ ଅତିକ୍ରମ କରୁଥିବା ବେଳେ ଏକ ଟ୍ରକ ଦ୍ରୁତଗତିରେ ଆସି ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା।

ଶିଶୁ ମନ୍ଦିରରେ ପୂର୍ବଛାତ୍ର ଏକତ୍ରୀକରଣ କାର୍ଯ୍ୟକ୍ରମ

ବଇଣ୍ଡା,୨୪।୧୦(ସମିସ): କିଶୋରନଗର ବ୍ଲକ ବଇଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶନିବାର ପୂର୍ବଛାତ୍ର ଏକତ୍ରୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ସଂକୁଳ ପ୍ରମୁଖ ଦିଲୀପ କୁମାର ସାହୁ ଯୋଗଦେଇଥିଲେ। ପ୍ରଧାନଆଚାର୍ଯ୍ୟ ରବୀନ୍ଦ୍ରନାଥ ଜେନା ଅତିଥି ପରିଚୟ ପ୍ରଦାନ କରିବାସହ ଦେଶ ଗଠନରେ ପୂର୍ବଛାତ୍ରଙ୍କ ଭୂମିକା ବିଷୟରେ ଅବଗତ କରାଇଥିଲେ। ଆଗମୀ ଦିନରେ ହେବାକୁ ଥିବା ରୌପ୍ୟ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର, ଚାରାରୋପଣ ଭଳି ସାମାଜିକ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ହୋଇଛି। ଆଚାର୍ଯ୍ୟା ବିନୀତା ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଏଥିରେ ୩୦ ଜଣ ପୂର୍ବ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ସହ ପ୍ରଧାନଆଚାର୍ଯ୍ୟା ଜ୍ୟୋତ୍ସ୍ନାମୟୀ ପ୍ରଧାନ, ଅନ୍ନପୂର୍ଣ୍ଣା ରାଉତ, ଇତିଶ୍ରୀ ସାହୁ, ସୋମାଲିନ ସାହୁ, ସୁଷମା ପ୍ରଧାନ, ଲିପିକା ସାହୁ, ରମାକାନ୍ତ ସାହୁ, ଅନିରୁଦ୍ଧ ବାରିକ, ମମତା ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

ବନ୍ଧୁକ ଜବତ; ଯୁବକ ଗିରଫ

ବଅଁରପାଳ,୨୪।୧୦(ସମିସ): ପାର୍ବଣ ଋତୁ ଚାଲିଥିବାରୁ ଶାନ୍ତିଶୃଙ୍ଖଳା ରକ୍ଷା ଓ ଅସାମାଜିକଙ୍କୁ ସାବାଡ଼ କରିବା ପାଇଁ ଓଡ଼ିଶା ପୁଲିସ ତତ୍ପର ଥିବାବେଳେ ଶୁକ୍ରବାର ବଅଁରପାଳ ଥାନା ପୁଲିସ ଜଣେ ଅସାମାଜିକ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଅନୁଗୋଳ ଟାଉନ ଥାନା କୁମଣ୍ଡ ଗ୍ରାମର ସନ୍ତୋଷ ଦେହୁରୀ (୨୮) ଓରଫ ବେଡ଼ା। ସନ୍ତୋଷ ବନ୍ଧୁକ ଧରି ବଅଁରପାଳ ହାଟ ଅଞ୍ଚଳରେ ଆତଙ୍କ ଖେଳାଉଥିବା ଖବର ପାଇ ବଅଁରପାଳ ପୁଲିସ ସେଠାରେ ଚଢ଼ଉ କରି ତାଙ୍କୁ କାବୁ କରିଥିଲା। ସନ୍ତୋଷ ନିକଟରୁ ପୁଲିସ ବନ୍ଧୁକ ଜବତ କରିଛି। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

ମା' ଗଜଲକ୍ଷ୍ମୀଙ୍କ ଆଗମନ ପାଇଁ ସଜେଇ ହେଉଛି ପାଲଲହଡ଼ା

ପାଲଲହଡ଼ା,୨୪।୧୦(ସମିସ): ପାଲଲହଡ଼ା ଗଡ଼ଜାତର ଗଣପର୍ବ ମା' ଗଜଲକ୍ଷ୍ମୀଙ୍କ ପୂଜା ଚଳିତ ବର୍ଷ ଧୁମଧାମରେ ପାଳନ ପାଇଁ ପ୍ରସ୍ତୁତି ଶେଷ ହୋଇଛି। ଉପଖଣ୍ଡ ସଦର ମହକୁମାର ଶାସନସାହି, କଦମ୍ବ ଚୌକ, ଉଦୟପୁର, ଉଦିତନଗର, ସ୍କୁଲସାହି, ପୁରୁଣା ଗଉଡ଼ସାହି, କଚେରି ସାହି, ନୂଆ ବସଷ୍ଟାଣ୍ଡ, ସାମନ୍ତସାହି ଏବଂ ରାମ ମନ୍ଦିର ଛକ ଆଦି ପୂଜା କମିଟି ପକ୍ଷରୁ ଚଳିତ ବର୍ଷ ମା'ଙ୍କ ପୂଜା ପାଇଁ ବିଭିନ୍ନ ଆୟୋଜନ କରାଯଇଛି। ପୂଜା କମିଟିଗୁଡ଼ିକ ପକ୍ଷରୁ ସହର ସାରା ସୁଉଚ୍ଚ ତୋରଣ ସାଙ୍ଗକୁ ବିଭିନ୍ନ ରଙ୍ଗବେରଙ୍ଗର ଆଲୋକମାଳା ସଜେଇ ହୋଇ ସାରିଥିବା ବେଳେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ମିନବଜାର, ବିଭିନ୍ନ ଦୋକି,

ପ୍ଲାଷ୍ଟିକ ଗେଟ, ଟେରାକୋଟା ସାଜସଜ୍ଜା ଏବଂ ଖାଦ୍ୟ ଷ୍ଟଲ ଲୋକଙ୍କୁ ଆକୃଷ୍ଟ କରିବ ବୋଲି କମିଟି କର୍ମକର୍ତ୍ତାମାନେ ଆଶା ରଖିଛନ୍ତି। ଅନ୍ୟପଟେ ମା'ଙ୍କ ପ୍ରତିମାକୁ ଜୀବନ୍ତ କରିବାକୁ ଶେଷସ୍ପର୍ଶ ଦେବାରେ ଶିଳ୍ପୀ ବ୍ୟସ୍ତ। ସ୍ଥାନୀୟ କେନ୍ଦ୍ରୀୟ ଗଜଲକ୍ଷ୍ମୀ ପୂଜା କମିଟି ଅନୁକୂଲ୍ୟରେ ରବିବାରଠାରୁ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇ ନଭେମ୍ବର ୪ ତାରିଖ ବୁଧବାର ମେଳଣ ଏବଂ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଚଳିତ ବର୍ଷ ପୂଜା ପାଇଁ ଉପଖଣ୍ଡ ପୁଲିସ ପ୍ରଶାସନ ପକ୍ଷରୁ ଟ୍ରାଫିକ ନିୟନ୍ତ୍ରଣ ପାଇଁ ବିଭିନ୍ନ ସ୍ଥାନରେ ବାରିକେଡ୍ ବ୍ୟବସ୍ଥା କରାଯାଇଛି। ପୂଜା ସମୟରେ ସନ୍ଧ୍ୟା ୬ରୁ ରାତି ୧୧ ପର୍ଯ୍ୟନ୍ତ ସହର ମଧ୍ୟରେ ୪ ଚକିଆ ଯାନ ଚଳାଚଳ ବାରଣ କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପ୍ରତ୍ୟେକ ଛକ, ମେଢ଼ ସମ୍ମୁଖରେ ପୁଲିସ ମୁତୟନ ରହିବେ ବୋଲି ଥାନା ଅଧିକାରୀ ପ୍ରଦୀପ ମହନ୍ତ କହିଛନ୍ତି। ପୂଜା ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ ସେବା ସୁନିଶ୍ଚିତ କରବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଉପଜିଲ୍ଲାପାଳ ରବୀନ୍ଦ୍ର ପଟେଲ ନିର୍ଦ୍ଦେଶ ଦେଇଛନ୍ତି। ପିଇବା ପାଣି, ବାସି ଖାଦ୍ୟ ଉପରେ ନଜର ସହ ଜରୁରୀକାଳୀନ ପରିସ୍ଥିତି ପାଇଁ ଆମ୍ବୁଲାନ୍ସ ଏବଂ ଅଗ୍ନିଶମ ବିଭାଗ ପ୍ରସ୍ତୁତ ରହିବା ପାଇଁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ବର୍ଷ ପୂଜାକୁ ଆକର୍ଷଣୀୟ କରିବା ପାଇଁ କେନ୍ଦ୍ରୀୟ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଥିବା କମିଟି ସଭାପତି ଶଶିଭୂଷଣ ଆଚାର୍ଯ୍ୟ କହିଛନ୍ତି।

ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ କେନ୍ଦ୍ରାପଡ଼ା ପ୍ରଶାସନର ପ୍ରସ୍ତୁତି

୧୩୦ ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତି; ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ

କେନ୍ଦ୍ରାପଡ଼ା, ୨୪।୧୦(ସମିସ)

ବଙ୍ଗୋପସାଗରରେ ଲଘୁଚାପ ବଳୟ ସୃଷ୍ଟି ହୋଇଛି। ଏହା ବାତ୍ୟା ରୂପ ନେବ। ଏହାର ପ୍ରଭାବରେ ଆସନ୍ତା ୨୭ ଓ ୨୮ ତାରିଖରେ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ପବନ ବହିବାର ଆଶଙ୍କାକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲ୍ଲାପାଳ ରଘୁରାମ ଆର୍. ଆୟରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଛି। ବାତ୍ୟା ମୁକାବିଲା ପାଇଁ ଜିଲ୍ଲାରେ ଥିବା ୧୩୦ଟି ବାତ୍ୟା ଆଶ୍ରୟସ୍ଥଳକୁ ପ୍ରସ୍ତୁତ ରଖିବା, ସମସ୍ତ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ ଓ ଆସନ୍ତା ୨୬ ତାରିଖରୁ ଗୋଟିଏ ଓଡ୍ରାଫ୍ ଦଳ ନିୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲାରେ ଥିବା ସମସ୍ତ ୧୩୦ଟି ବାତ୍ୟା ଆଶ୍ରୟସ୍ଥଳକୁ ପ୍ରସ୍ତୁତ ରଖିବା ସହ ଆବଶ୍ୟକ ପଡ଼ିଲେ ନିକଟସ୍ଥ ବିଦ୍ୟାଳୟ ଗୃହକୁ ଅସ୍ଥାୟୀ ଆଶ୍ରୟସ୍ଥଳ ଭାବେ ବ୍ୟବହାର କରିବାକୁ ବିଡିଓ ଓ ତହସିଲଦାରଙ୍କୁ କୁହାଯାଇଛି। ଆଶ୍ରୟସ୍ଥଳକରେ ଆଲୋକ, ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା ସୁନିଶ୍ଚିତ କରିବା ସହ ଶୁଖିଲା ଖାଦ୍ୟ, ଚୁଡ଼ା, ଗୁଡ଼, ବିସ୍କୁଟ, ପାନୀୟଜଳ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ମହଜୁଦ ରଖିବାକୁ ନିର୍ଦ୍ଦେଶ ରହିଛି।

ବିଶେଷକରି ତଳିଆ ଓ ଉପକୂଳବର୍ତ୍ତୀ ଅଞ୍ଚଳ ଉପରେ ପ୍ରଶାସନ ନଜର ରଖିଛି। ଗର୍ଭବତୀ ମହିଳା, ଶିଶୁ, ବୟସ୍କ ଓ ଦିବ୍ୟାଙ୍ଗଙ୍କ ସମେତ ଅନ୍ୟ ଅସୁରକ୍ଷିତ ବର୍ଗର

ଲୋକଙ୍କୁ ଚିହ୍ନଟ କରି ବାତ୍ୟା ପ୍ରଭାବ ବଢ଼ିବା ପୂର୍ବରୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ଲାଗି ଯୋଜନା କରାଯାଇଛି। ସମ୍ଭାବ୍ୟ ପ୍ରସୂତି ମହିଳାଙ୍କୁ ଆଗୁଆ ଡାକ୍ତରଖାନାକୁ ନେବା ପାଇଁ ଆଶା ଓ ଅଙ୍ଗନବାଡ଼ି କର୍ମୀଙ୍କୁ ଦାୟିତ୍ୱ ଦିଆଯାଇଛି। ବାତ୍ୟା ପରବର୍ତ୍ତୀ ଉଦ୍ଧାର ଓ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ୨୬ ତାରିଖରୁ ଜିଲ୍ଲାରେ ଗୋଟିଏ ଓଡ୍ରାଫ୍ ଦଳ ନିୟୋଜିତ ହେବ। ଏଥିସହ ସମସ୍ତ ବ୍ଲକ୍ ଓ ପୌରାଞ୍ଚଳରେ ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଉଦ୍ଧାରକାରୀ ଦଳକୁ ସଜାଗ ରଖାଯାଇଛି। ନଦୀବନ୍ଧ, ଘାଇ ସମ୍ଭାବ୍ୟ ସ୍ଥାନ ଓ ଜଳ ନିଷ୍କାସନ ନାଳ ଉପରେ ଜଳସମ୍ପଦ

୨୬ରୁ ନିୟୋଜିତ ହେବ ଓଡ୍ରାଫ୍ ଟିମ୍, ୪୮ ଘଣ୍ଟା ମଧ୍ୟରେ ଅସୁରକ୍ଷିତ ତୋରଣ ଓ ହୋର୍ଡିଂ ହଟାଇବାକୁ ନିର୍ଦ୍ଦେଶ

ବିଭାଗକୁ ନିରନ୍ତର ନଜର ରଖିବା ସହ ପାଟ୍ରୋଲିଂ କରିବାକୁ କୁହାଯାଇଛି।

ସମ୍ଭାବ୍ୟ ପବନକୁ ଦୃଷ୍ଟିରେ ରଖି ପାର୍ବଣ ଋତୁରେ ନିର୍ମାଣ ହୋଇଥିବା ଅସ୍ଥାୟୀ ତୋରଣ, ସାଜସଜ୍ଜା ଗେଟ୍, ଫ୍ଲେକ୍ସ ବ୍ୟାନର, ହୋର୍ଡିଂ ଓ ଅନ୍ୟାନ୍ୟ ବିପଦସଙ୍କୁଳ ସଂରଚନାକୁ ହଟାଇବା ପାଇଁ ଜିଲ୍ଲା ପ୍ରଶାସନ କଡ଼ା ନିର୍ଦ୍ଦେଶ ଜାରି କରିଛି। ଜିଲ୍ଲାର ସମସ୍ତ ପୌରାଞ୍ଚଳ ଓ ଅନ୍ୟ ସହରାଞ୍ଚଳରେ ଥିବା ପୂଜା ମଣ୍ଡପ, ଅସ୍ଥାୟୀ ଗେଟ୍ ଓ ଅସୁରକ୍ଷିତ ସାଜସଜ୍ଜାକୁ ନିର୍ଦ୍ଦେଶ ଜାରି ହେବାର ୪୮ ଘଣ୍ଟା ମଧ୍ୟରେ ସ୍ୱେଚ୍ଛାକୃତ ଭାବେ ହଟାଇବାକୁ ଜିଲ୍ଲାପାଳ ତଥା ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ଏହି ସଂରଚନା ହଟାଯାଇ ନ ଥିଲେ କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ପୌରପାଳିକାର ନିର୍ବାହୀ ଅଧିକାରୀ ଆବଶ୍ୟକ ଉଚ୍ଛେଦ ଓ ସଫେଇ ପଦକ୍ଷେପ ଗ୍ରହଣ କରିବେ। ବାତ୍ୟା ମୁକାବିଲା ପାଇଁ ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ବିଭାଗୀୟ ମୁଖ୍ୟ ଓ ଅଧିକାରୀଙ୍କୁ ନିଜ ନିଜ କାର୍ଯ୍ୟସ୍ଥଳରେ ଉପସ୍ଥିତ ରହିବାକୁ କୁହାଯାଇଛି। ଜିଲ୍ଲାର ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷକୁ ୨୪ ଘଣ୍ଟିଆ ସକ୍ରିୟ ରଖାଯାଇଛି। ସମ୍ଭାବ୍ୟ ବାତ୍ୟାକୁ ନେଇ ଜନସାଧାରଣ ଭୟଭୀତ ନ ହୋଇ ସରକାରୀ ଓ ପ୍ରଶାସନିକ ଉତ୍ସରୁ ମିଳୁଥିବା ଅଧିକୃତ ପାଣିପାଗ ସୂଚନା ଅନୁସରଣ କରିବାକୁ ଜିଲ୍ଲା ପ୍ରଶାସନ ପରାମର୍ଶ ଦେଇଛି। ସାମାଜିକ ଗଣମାଧ୍ୟମରେ ପ୍ରଚାରିତ ଅପ୍ରମାଣିତ ସୂଚନା ଓ ଗୁଜବଠାରୁ ଦୂରେଇ ରହିବା ସହ ଆବଶ୍ୟକ ସମୟରେ ପ୍ରଶାସନକୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତିରଞ୍ଜନ ଗୌଡ଼, ଉପଜିଲ୍ଲାପାଳ ଅରୁଣ ନାୟକ ଓ ଡେପୁଟି କଲେକ୍ଟର (ଜରୁରିକାଳୀନ) ନିତ୍ୟରଞ୍ଜନ ସାମଲଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

ଖରସ୍ରୋତାରେ ବୁଡ଼ି ମାମୁ ପୁଅ ଓ ପିଉସୀ ପୁଅ ମୃତ

ରାଜକନିକା,୨୪।୧୦(ସମିସ): ଦଶହରା ବୁଲିବାକୁ ଆସି ମାମୁ ପୁଅ ସହ ପିଉସୀ ପୁଅ ନଦୀରେ ବୁଡ଼ି ପ୍ରାଣ ହରାଇବା ଘଟଣା ରାଜକନିକାରେ ଶୋକର ଛାୟା ଖେଳାଇ ଦେଇଛି। ପ୍ରଧାନପଡ଼ା ଗ୍ରାମର ଜଗନ ଦାସ ନମତରା ଗ୍ରାମର ମାମୁଁ ଘର ଆର୍ତ୍ତ ଦାଶଙ୍କ ଘରକୁ ଦଶହରା ପାଇଁ ଆସିଥିଲେ। ମାମୁଁ ଘରେ ଖାଇ ପିଇ ମଉଜ କରିବା ବେଳେ ଜଗନ ମାମୁଁ ପୁଅ ଆୟୁଷ୍ମାନ ସହ ଖରସ୍ରୋତା ନଦୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ଆୟୁଷ୍ମାନ ବୁଡ଼ିଯାଉଥିବା ଦେଖି ତାକୁ ଉଦ୍ଧାର କରିବାକୁ ଜଗନ ଚେଷ୍ଟା କରିଥିଲେ ହେଁ ଦୁହେଁ ନିଖୋଜ ହୋଇଥିଲେ। ଆଜି ସକାଳେ ପ୍ରଥମେ ଖରସ୍ରୋତା ନଦୀ ନମତରା ଗାଁ ନିକଟରେ ଆୟୁଷ୍ମାନର ମୃତଦେହ ମିଳିଥିବାବେଳେ ଅପରାହ୍ନରେ ଜଗନର ମୃତଦେହ ଠାବ କରାଯାଇଛି। ତେବେ ଦୀର୍ଘ ୧୨ ବର୍ଷ ପରେ ବାପାମାଙ୍କ ଏକମାତ୍ର ପୁଅ ଭାବେ ଆୟୁଷ୍ମାନ ଜନ୍ମ ହେବା ପରେ ପରିବାରର ଖୁସି ଆଣିଥିବାବେଳେ ଏମିତି ମୃତ୍ୟୁ ବାସ୍ତବରେ ସ୍ଥାନୀୟ ଅଞ୍ଚଳରେ ଶୋକ ଖେଳାଇ ଦେଇଛି।

କଲେଜରୁ ନିରନ୍ତର ଚୋରି, ୩ ଅଟକ

ରାଜକନିକା,୨୪।୧୦(ସମିସ): ରାଜକନିକା ଥାନା ଅଧୀନ ହାଟସାହି ବି. ଆର. ସାଇନ୍ସ କଲେଜ ପରିସରରୁ ନିୟମିତ ବ୍ୟବଧାନରେ ଚୋରି ଘଟଣାରେ ଗତକାଲି ଚୋରଙ୍କୁ ଠାବ କରାଯାଇଛି। ଏହି କଲେଜରେ ପଢୁଥିବା ଜଣେ ଛାତ୍ର ଏହି ଚୋରିରେ ସାମିଲ ଥିବା ଭଳି ଖବର ଆମ ସାମାଜିକ ସ୍ଖଳନର ଏକ ନଗ୍ନ ଚିତ୍ରକୁ ପଦାରେ ପକାଇଛି। ଉକ୍ତ କଲେଜରେ ସବୁବେଳେ ଇଲେକ୍ଟ୍ରିକ୍ ସାମଗ୍ରୀ ସହ ପାଇପ ଲାଇନ ଚୋରି ହେବା ନେଇ ବାରମ୍ବାର ଅଧ୍ୟକ୍ଷ ରାଜକନିକା ଥାନାରେ ଏତଲା ଦେଇଆସୁଥିଲେ। ତେବେ ଚୋରି କମିବା ବଦଳରେ ବଢ଼ିଚାଲିଥିବାରୁ ଗତକାଲି ସନ୍ଧ୍ୟାରେ କଲେଜ କର୍ମଚାରୀ କଲେଜ କ୍ୟାମ୍ପସରେ ଛକି ରହିଥିବାବେଳେ ୩ ଜଣ ନାବାଳକ ଚୋରି କରିବାକୁ ଯାଇ କର୍ମଚାରୀଙ୍କ ହାବୁଡ଼ରେ ପଡିଥିଲେ। ପରେ ପୁଲିସ ସେମାନଙ୍କୁ ଥାନାକୁ ଆଣି ପଚରାଉଚରା କରି ଅଧିକ ତଦନ୍ତ ଜାରି ରଖିଛି।

ଆଶ୍ରୟସ୍ଥଳ ପ୍ରସ୍ତୁତ ରଖିବା ଓ ତୋରଣ ଖୋଲିବାକୁ ନିର୍ଦ୍ଦେଶ

ରାଜନଗର,୨୪।୧୦(ସମିସ): ବଙ୍ଗୋପସାଗରରେ ଲଘୁଚାପ ବଳୟ ସୃଷ୍ଟି ହୋଇଛି। ୨୬ ତାରିଖରେ ଏହା ବାତ୍ୟାର ରୂପ ନେବ ଓ ୨୮ ତାରିଖ ସକାଳେ ସ୍ଥଳଭାଗ ଛୁଇଁବ ବୋଲି ପୂର୍ବାନୁମାନ କରାଯାଉଛି। ଆଉ ଦିନେ ଦୁଇଦିନ ଭିତରେ ବାତ୍ୟା କେଉଁ ସ୍ଥାନରେ ମାଡ଼ ନେବ ତାହାର ସ୍ପଷ୍ଟ ଚିତ୍ର ମିଳିବ। ଏପଟେ ଅକ୍ଟୋବର ମାସ ହୋଇଥିବାରୁ ଓ ରାଜନଗର, ମହାକାଳପଡା ବ୍ଲକ ସମୁଦ୍ର କୂଳରେ ଥିବାରୁ ବାତ୍ୟାର ପ୍ରଭାବ ଅଧିକ ପଡ଼ିବା ନେଇ ଆଶଙ୍କା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ କରାଯିବା ସହ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ରାଜନଗର ବ୍ଲକରେ ଥିବା ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ ରଖିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଦୁର୍ଗାପୂଜା ପାଇଁ ବନ୍ଧାଯାଇଥିବା ତୋରଣ ଓ ଗଜଲକ୍ଷ୍ମୀ ପୂଜା ପାଇଁ ବନ୍ଧା ଯାଉଥିବା ତୋରଣ ଖୋଲିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ତହସିଲଦାର ଯୀଶୁକ୍ରିଷ୍ଟ ଦାସଙ୍କ ନିର୍ଦ୍ଦେଶ ମୁତାବକ ରାଜସ୍ୱ ନିରୀକ୍ଷକ ପୂଜା ମଣ୍ଡପ ନିକଟରେ ପହଞ୍ଚି ତୁରନ୍ତ ତୋରଣ ଖୋଲିବାକୁ ପୂଜା କମିଟି କର୍ମକର୍ତ୍ତାଙ୍କୁ କହିଛନ୍ତି।

ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

ରାଜନଗର,୨୪।୧୦(ସମିସ): ରାଜନଗର-ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ ରାସ୍ତା ମରାମତି ହେଉଛି। ଏଥିପାଇଁ ଠିକାଦାର ରାସ୍ତା ମଝିରେ ବଜୁରି ଗଦା କରିଥିବାରୁ ଦୁର୍ଘଟଣା ଘଟୁଥିବା ପରିଲକ୍ଷିତ ହେଉଛି। ଶନିବାର ସନ୍ଧ୍ୟା ପ୍ରାୟ ସାଢେ ୭ଟା ସମୟରେ ସାନବଡ ଗୋପାଳପୁର ଆନନ୍ଦବଜାର ନିକଟରେ ମଝି ରାସ୍ତାରେ ବଜୁରି ଗଦା ଉପରେ ବାଇକ ଚଢ଼ିଯିବାରୁ ଭାରସାମ୍ୟ ହରାଇ ବାଇକ୍ ଘୋଷାଡି ହୋଇଯାଇଥିଲା। ଫଳରେ ବାଇକ୍ ଆରୋହୀ ଗୋବିନ୍ଦପୁର ଗ୍ରାମର ଚନ୍ଦନ ମଲିକଙ୍କ ପୁଅ ଶୁଭମ ଗୁରୁତର ଆହତ ହୋଇଥିଲେ। ସେ ବାଟ ଦେଇ ଆସୁଥିବା ରାଜନଗର ବଡ଼ଦାଣ୍ଡ ବାସିନ୍ଦା ହରେକୃଷ୍ଣ ବାରିକ ଶୁଭମଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାରେ ସହାୟତା କରିଥିଲେ।

ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଆକ୍ରମଣ, ଜଣେ ଗୁରୁତର

ପଟ୍ଟାମୁଣ୍ଡାଇ,୨୪।୧୦(ସମିସ): ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଆକ୍ରମଣ ହୋଇଛି। ଏଥିରେ ଜଣେ ଗୁରୁତର ଆହତ ହୋଇଛନ୍ତି। ଦୋସିଆ ପଞ୍ଚାୟତ ଚଢ଼େଇଆ ଗ୍ରାମର ଧନେଶ୍ୱର ସାହୁଙ୍କ ଦୁଇପୁଅ ନିର୍ମଳ ସାହୁ, ସତ୍ୟନାରାୟଣ ସାହୁ ଓ ସ୍ତ୍ରୀ ସତ୍ୟଭାମା ସାହୁଙ୍କ ସହିତ ସେହି ଗ୍ରାମର ପ୍ରମିଳା ସାହୁ, ସ୍ୱାମୀ ପ୍ରଫୁଲ୍ଲ ସାହୁଙ୍କ ଦୀର୍ଘଦିନ ଧରି ଜମିବାଡ଼ି ବିବାଦ ଲାଗି ରହିଛି। ୨୩ ତାରିଖ ରାତି ୯ଟା ସମୟରେ ପ୍ରମିଳାଙ୍କ ଦିଅର ତପନ ସାହୁ ପୋଖରୀ ପାଖକୁ ଯାଇଥିଲେ। ପୂର୍ବରୁ ପୋଖରୀ ନିକଟରେ ଲୁଚି ରହିଥିବା ନିର୍ମଳ ଓ ସତ୍ୟନାରାୟଣ ଲୁହା ରଡ଼ ଓ ଠେଙ୍ଗାରେ ଆକ୍ରମଣ କରିଥିଲେ। ତପନଙ୍କ ମୁଣ୍ଡ ଫାଟିବା ସହିତ ଡାହାଣ ହାତ ପାପୁଲି ଭାଙ୍ଗିଯାଇଛି। ଏଥିସହିତ ନିର୍ମଳ ଓ ସତ୍ୟନାରାୟଣ ତପନଙ୍କ ଛାତିକୁ ଗୋଇଠା ମାରିବା ଦ୍ୱାରା ରକ୍ତ ବାନ୍ତି ହୋଇଥିଲା। ଏହା ଦେଖି ପ୍ରମିଳା ଓ ତାଙ୍କ ଶଶୁର ଘରୁ

ବାହାରକୁ ଯିବା ପାଇଁ ଉଦ୍ୟମ କଲାବେଳେ ନିର୍ମଳ ଓ ସତ୍ୟନାରାୟଣ ଘର ବାହାରପଟୁ ତାଲା ପକାଇ ଦେଇଥିଲେ। ପ୍ରମିଳା ଓ ତାଙ୍କ ଶଶୁର ବାଡ଼ି କବାଟ ଖୋଲି ବାହାରକୁ ଆସି ତପନଙ୍କୁ ମରଣାତ୍ମକ ଆକ୍ରମଣ କରାଯାଉଥିବା ଦେଖି ଚିତ୍କାର କରିବାରୁ ନିର୍ମଳ ଓ ସତ୍ୟନାରାୟଣ ଦୌଡ଼ି ପଳାଇଥିଲେ। ଗୁରୁତର ଆହତ ତପନଙ୍କୁ ପ୍ରଥମେ କେନ୍ଦ୍ରାପଡା ଓ ପରେ କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଏ ସମ୍ପର୍କରେ ପ୍ରମିଳା ସାହୁ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ୪୯୮/୨୦୨୬ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗ୍ରାମାଞ୍ଚଳ ଥାନା ଆଇଆଇସି ପ୍ରଦୀପ୍ତ କାନୁନଗୋଙ୍କୁ ପଚାରିବାରୁ ଏତଲା ଆଧାରରେ ମକଦମା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। କାହାରିକୁ ଗିରଫ କରାଯାଇ ନ ଥିବା କହିଛନ୍ତି।

ସମବାୟ ସମିତି ସମ୍ପାଦକଙ୍କ କଳା ବ୍ୟାଜ୍ ପରିଧାନ

ରାଜନଗର,୨୪।୧୦(ସମିସ): ରାଜ୍ୟ ସମବାୟ ସମିତି ଡାକରାରେ ସାରା ରାଜ୍ୟର ସମସ୍ତ କୃଷି ସମବାୟ ସମିତି ସମ୍ପାଦକ ୭ ଦିନ ପାଇଁ ବନ୍ଦ ଡାକରା ଦେଇ କଳାବ୍ୟାଜ୍ ପରିଧାନ କରିଥିବାବେଳେ ଆଜି ରାଜନଗର ବ୍ଲକ୍‌ର ସମସ୍ତ କୃଷି ସମବାୟ ସମିତି ସମ୍ପାଦକ ପାଞ୍ଚ ଦଫା ଦାବି ନେଇ କଟକ ସେଣ୍ଟ୍ରାଲ କୋ-ଅପରେଟିଭ୍ ବ୍ୟାଙ୍କ ରାଜନଗର ଶାଖା ସମ୍ମୁଖରେ କଳାବ୍ୟାଜ୍ ପରିଧାନ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଯଦି ରାଜ୍ୟ ସରକାର ୭ ଦିନ ମଧ୍ୟରେ କୌଣସି ସମାଧାନ ନ କରନ୍ତି, ତେବେ ଆଗାମୀ ଦିନରେ ରାଜଧାନୀରେ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ସେହିପରି ରାଜନଗର ବ୍ଲକ୍‌ର ୧୪ଟି ସମବାୟ ସମିତିକୁ ଋଣ ମଞ୍ଜୁର, ସାର ଋଣ ପ୍ରଦାନ ନ କରିବା ଭଳି କାର୍ଯ୍ୟକଳାପରେ ଗତ ବୈଠକ ବର୍ଜନ କରିବା ସହ ଅସହଯୋଗ କରି ଆସିବା ପରେ ଆଜି କଳାବ୍ୟାଜ୍ ପିନ୍ଧିବା ପରେ ସମବାୟ ସମିତି ଏକପ୍ରକାର ଅଚଳ ହୋଇପଡ଼ିଛି। ଏହି ବିକ୍ଷୋଭରେ ରାଜନଗର ବ୍ଲକ ସମବାୟ ସମିତି ସମ୍ପାଦକ ସଂଘ ସଭାପତି ନୀଳମଣି ପ୍ରଧାନ ଓ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ସମ୍ପାଦକ ପ୍ରକାଶ ଜେନା, ଅଲେଖ ବେହେରା, ଯୋଗେନ୍ଦ୍ର ବାରିକ, ଅମର ବଳ, ସତ୍ୟନାରାୟଣ ନାୟକ, ଭୀଷ୍ମ ମହାନ୍ତି ପ୍ରମୁଖ ସାମିଲ ଥିଲେ।

ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ମେଢ଼ କମିଟି ପକ୍ଷରୁ ନିଆରା ଭସାଣି

ସାମିଲ ହେଲେ ବିଭିନ୍ନ ବର୍ଗ ଓ ସମ୍ପ୍ରଦାୟର ଲୋକ

ପଟ୍ଟାମୁଣ୍ଡାଇ,୨୪।୧୦(ସମିସ): ଓଡ଼ିଆ ସଂସ୍କୃତି ଓ ଐତିହ୍ୟକୁ ଋଦ୍ଧିମନ୍ତ କରିବା ପାଇଁ ବିଭିନ୍ନ ପର୍ବପର୍ବାଣୀ ପାଳନ କରି

ପଟ୍ଟାମୁଣ୍ଡାଇ ସାରା ଓଡିଶାରେ ସୁନାମ ଅର୍ଜନ କରିଛି। କାହିଁ ସ୍ମରଣାତୀତ କାଳରୁ ପଟ୍ଟାମୁଣ୍ଡାଇ ସାରା ଓଡ଼ିଶାରେ ଏକ ସଦଭାବନା ଓ ଭାଇଚାରା ସହର ମର୍ଯ୍ୟାଦା ହାସଲ କରିଛି। ଦୀର୍ଘ ୭୦ ବର୍ଷ ଧରି ଉଭୟ ହିନ୍ଦୁ ଓ ମୁସଲମାନ ମିଳିତ ଭାବେ ଦୁର୍ଗାପୂଜା ଉତ୍ସବ ପାଳନ କରିଥା'ନ୍ତି। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଦୁର୍ଗାପୂଜା ଓ ଭସାଣି ଉତ୍ସବ ପାରମ୍ପରିକ ଭାବେ ୨୨ତାରିଖରେ ଶେଷ ହୋଇଛି। ତେବେ ସବୁଠୁ ଚର୍ଚ୍ଚାରେ ରହିଛି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପକ୍ଷରୁ ଆୟୋଜିତ ରାମାଭିଷେକ ମେଢ଼ ଓ ନିଆରା ଭସାଣି। ସବୁ ମେଢ଼ ବିସର୍ଜନ ପରେ ପଟ୍ଟାମୁଣ୍ଡାଇକୁ ଶାନ୍ତି ସଦଭାବନାର ବାର୍ତ୍ତା ଦେଉଥିବା ଆଦର୍ଶ ଥାନା ମେଢ଼ର ନିଆରା ଭସାଣି ଉତ୍ସବ ଗତକାଲି ଆୟୋଜିତ ହୋଇଥିଲା। ପଟ୍ଟାମୁଣ୍ଡାଇ ଏସଡିପିଓ ସୁକାନ୍ତ ପାତ୍ର ଓ ଆଦର୍ଶ ଥାନା ଆଇଆଇସି ମାନସ ରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା ଭସାଣି ଶୋଭାଯାତ୍ରା। ଏଥିରେ ବିଭିନ୍ନ ଥାନା ଆଇଆଇସି, ପଟ୍ଟାମୁଣ୍ଡାଇ ବଣିକ ସଂଘ, ବିଭିନ୍ନ ମେଢ଼ କମିଟି ସଦସ୍ୟ, ଉଭୟ ହିନ୍ଦୁ ଓ ମୁସଲମାନ ସାମିଲ ଥିଲେ। ଏହି ଭସାଣି ଶୋଭାଯାତ୍ରାରେ ଉଭୟ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟ ଲୋକ ଓ ବିଭିନ୍ନ ବର୍ଗର ଲୋକ ପରସ୍ପର ମଧ୍ୟରେ ଅଭିର ଲଗାଇ ସଦଭାବନା ଓ ଭାଇଚରା ଏକତାର ବଳିଷ୍ଠ ପ୍ରମାଣ ଦେଇଥିଲେ । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ମାନସ ମଲ୍ଲିକଙ୍କ ଉଦ୍ୟମରେ ସଦଭାବନା ଓ ଭାଇଚାରାର ନିଆରା ଭସାଣିକୁ ନେଇ ସବୁଠି ଚର୍ଚ୍ଚା

ଭସାଣି ଶୋଭାଯାତ୍ରାରେ ଦୁଲୁକିଲା ରାଜନଗର

ରାଜନଗର, ୨୪।୧୦(ସମିସ): ଗୁରୁବାର ରାଜନଗର ଥାନପତି ଜୟ ମା' ଦୁର୍ଗାଙ୍କ ଭସାଣିର ଦୁଇଦିନ ପରେ ଆଜି ରାଜନଗର ବଜାରର ବିଭିନ୍ନ କମିଟି ପକ୍ଷରୁ ଦୁର୍ଗାପୂଜା ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ରାଜନଗର ବଜାର ଅଞ୍ଚଳରେ ୧୮ଟି ମେଢ଼ ହୋଇଥିଲା। ଆଜି ଟାଉନ କ୍ଲବ ପୂଜା କମିଟି, ବିଶ୍ୱରୂପ ପୂଜା କମିଟି, ଲକ୍ଷ୍ମୀନାରାୟଣ ପୂଜା କମିଟି, ମହାବୀର ପୂଜା କମିଟି ଓ ଧନଲକ୍ଷ୍ମୀ ପୂଜା କମିଟି ମେଢ଼ ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସାଉଣ୍ଡ ଓ ଲାଇଟ ସିଷ୍ଟମ ମାଧ୍ୟମରେ ପୂଜା କମିଟି ଭସାଣି ଶୋଭାଯାତ୍ରା କରିଛନ୍ତି। ରାଜନଗର ଥାନାଧିକାରୀ ରତିରଞ୍ଜନ ନାୟକଙ୍କ ନେତୃତ୍ୱରେ ପୁଲିସ କର୍ମଚାରୀ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

ନବୀନଙ୍କୁ ଭେଟିଲେ କେନ୍ଦ୍ରାପଡ଼ାର ନବନିର୍ବାଚିତ ଛାତ୍ର ସଂସଦ ପ୍ରତିନିଧି

କେନ୍ଦ୍ରାପଡ଼ା,୨୪।୧୦(ସମିସ): କଲେଜ କ୍ୟାମ୍ପସରୁ ରାଜନୀତିର ବୃହତ୍ତର ପରିସର ଯାଏଁ ନୂଆ ନେତୃତ୍ୱର ଯାତ୍ରାକୁ ଆଗକୁ ନେବା ଲକ୍ଷ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାର ନବନିର୍ବାଚିତ ଛାତ୍ର ସଂସଦ ପ୍ରତିନିଧି ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଭୁବନେଶ୍ୱରସ୍ଥ ଦଳୀୟ କାର୍ଯ୍ୟାଳୟ ଶଙ୍ଖ ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ର ନେତୃତ୍ୱଙ୍କ ଉତ୍ସାହପୂର୍ଣ୍ଣ ସମାଗମ ସହ ଛାତ୍ର ରାଜନୀତିର ଭବିଷ୍ୟତ ଓ ସାଂଗଠନିକ ଦିଗ ଉପରେ ଆଲୋଚନା ହୋଇଥିଲା । କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ମହାକାଳପଡ଼ାର ବାୟାବାବା ମହାବିଦ୍ୟାଳୟ ଓ

କରିଲୋପାଟଣା ମହାବିଦ୍ୟାଳୟର ନବନିର୍ବାଚିତ ଛାତ୍ର ସଂସଦ କର୍ମକର୍ତ୍ତା ଶୋଭାଯାତ୍ରାରେ ଶଙ୍ଖ ଭବନରେ ପହଞ୍ଚିଥିଲେ। ସେଠାରେ ସେମାନେ ନବୀନ ପଟ୍ଟନାୟକଙ୍କୁ ଭେଟି ତାଙ୍କର ଶୁଭେଚ୍ଛା ଓ ମାର୍ଗଦର୍ଶନ ଲାଭ କରିଥିଲେ। ଛାତ୍ର ପ୍ରତିନିଧିଙ୍କୁ ସ୍ୱାଗତ କରି ନବୀନ ପଟ୍ଟନାୟକ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଛାତ୍ର ସମାଜ ସମାଜ ଗଠନ ଓ ନେତୃତ୍ୱ ବିକାଶର ଏକ ପ୍ରମୁଖ ଶକ୍ତି ବୋଲି ସେ ମତ ପ୍ରକାଶ କରିଥିବା ଜଣାପଡ଼ିଛି। ଏ ଅବସରରେ ବିଜେଡିର ବରିଷ୍ଠ ନେତ୍ରୀ ସୁଜାତା ରାଉତଙ୍କୁ ମଧ ଛାତ୍ର ପ୍ରତିନିଧି ସାକ୍ଷାତ କରି ଶୁଭେଚ୍ଛା ଜଣାଇଥିଲେ। କ୍ୟାମ୍ପସରେ ଶାନ୍ତିପୂର୍ଣ୍ଣ ଶିକ୍ଷାଦାନର ପରିବେଶ ବଜାୟ ରଖିବା ସହ ଛାତ୍ରଛାତ୍ରୀଙ୍କ ସମସ୍ୟାର ସମାଧାନକୁ ପ୍ରାଥମିକତା ଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ଅତନୁ ସବ୍ୟସାଚୀ ନାୟକ, ବିଧାୟକ ଗଣେଶ୍ୱର ବେହେରା, ବିଧାୟକ ଧ୍ରୁବ ସାହୁ ଓ ଜିଲ୍ଲା ବିଜେଡି ସଭାପତି ଶିବ ପ୍ରସାଦ ଭଳ ଉପସ୍ଥିତ ରହି ଛାତ୍ର ପ୍ରତିନିଧିଙ୍କୁ ଉତ୍ସାହିତ କରିଥିଲେ। ଦଳୀୟ ଆଦର୍ଶ ସହ ଛାତ୍ର ରାଜନୀତିର ଭୂମିକା ଓ ଭବିଷ୍ୟତର ନେତୃତ୍ୱ ଗଠନ ସମ୍ପର୍କରେ ସେମାନେ ମାର୍ଗଦର୍ଶନ ଦେଇଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ଛାତ୍ର ସଭାପତି ସାହେବ ସାହିଲ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଛାତ୍ର ନେତୃତ୍ୱଙ୍କ ମଧ୍ୟରେ ପ୍ରଦୀପ ସାହୁ, ରାଜେଶ ପଣ୍ଡା, ହେମନ୍ତ ସାହୁ, ଲୋହିତ ମହାନ୍ତି, ପ୍ରତାପ ମହାପାତ୍ର, ବିଜୟ ମଣ୍ଡଳ, ମାନସ ଦାସ, ପ୍ରଭାଶିଷ ପଣ୍ଡା, ଉମେଶ ନାୟକ, ଚୌଧୁରୀ ସୁକୁମାର ଦାସ, ପୀତବାସ ବେହେରା, ମହେନ୍ଦ୍ର ମିଶ୍ର, ପ୍ରଦୀପ ନାୟକ, ସ୍ମୃତିରଞ୍ଜନ ପ୍ରଧାନ, ରାଜେଶ ସାହାଣୀ, ସରୋଜ ସାହୁ, ସଂଗମ ସାମଲ ଓ ମୃତ୍ୟୁଞ୍ଜୟ ମହାନ୍ତି ପ୍ରମୁଖ ସାମିଲ ଥିଲେ। ସେହିପରି ମହିଳା ଓ ଛାତ୍ରୀ ସଂଗଠନ ପକ୍ଷରୁ ସ୍ମୃତିମୟୀ ସେନାପତି, ମୋହିନୀ ଲକ୍ଷ୍ମୀମୁଦ୍ରା

ଶେଷ ପର୍ଯ୍ୟାୟରେ ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି

ଦର୍ଶକଙ୍କୁ ଆକର୍ଷିତ କରିବାକୁ ଚାଲିଛି ଜୋରଦାର ସାଜସଜ୍ଜା

ପଞ୍ଚୁପାଣ୍ଡବ,୨୪।୧୦(ସମିସ):ଡେରାବିଶ ଅଞ୍ଚଳର ପ୍ରମୁଖ ଗଣପର୍ବ ଭାବେ ପରିଚିତ ମା'ଗଜଲକ୍ଷ୍ମୀଙ୍କ ପୂଜା ଯୋଗୁଁ ପୁରପଲ୍ଲୀ ଉତ୍ସବମୁଖର ହୋଇଉଠିଥିବାବେଳେ ପ୍ରସ୍ତୁତି ପର୍ବ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବ୍ଲକ ଅଧୀନସ୍ଥ ଛୋଟି ପଞ୍ଚାୟତ ଅନ୍ତର୍ଗତ ନେତୁଆ ଗ୍ରାମର ମହାଲକ୍ଷ୍ମୀ ପୂଜା କମିଟି ଓ ବାଲିଆପଦା ଗ୍ରାମର ଯୁବ ଜ୍ୟୋତି କ୍ଲବ୍ ପକ୍ଷରୁ ପୂଜା ମଣ୍ଡପରେ ଜୋରଦାର ପ୍ରସ୍ତୁତି ଚାଲିଥିବା ଦେଖିବାକୁ ମିଳୁଛି। ମୁଖ୍ୟ ବ୍ୟବସାୟ ସ୍ଥଳ ଭାବେ ପରିଚିତ ଚାନ୍ଦୋଳ ବଜାରରେ ସର୍ବାଧିକ ୧୮ଟି ମଣ୍ଡପ ସ୍ଥାନ ପାଇଥିବାବେଳେ ଛତା ଛକ, ଓଳଡି ଛକ, ଡେରାବିଶ, କୋଠିଛକ, ପଳେଇ, ଛୋଟୀ, ନେତୁଆ, ମନ୍ତ୍ରୀପଡା, ଫକିରାବାଦ, ମହେଶପୁର, ଠାକୁରହାଟ, ନୋଳସାହି ଓ ବୀରନୀଳକଣ୍ଠପୁର ପ୍ରଭୃତି ଅଞ୍ଚଳରେ ୫୦ରୁ ଊର୍ଦ୍ଧ୍ୱ ପୂଜା ମଣ୍ଡପରେ ମା' ଲକ୍ଷ୍ମୀଙ୍କୁ ଆବାହନ କରାଯାଇଥାଏ। ୯

ଦିନ ବ୍ୟାପୀ ହେବାକୁ ଥିବା ଏହି ଗଣପର୍ବର ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ପୂଜା ମଣ୍ଡପ ନିକଟରେ ଅତ୍ୟାଧୁନିକ ସାଜସଜ୍ଜା ଓ ବୈଦ୍ୟୁତିକ ତୋରଣ ମଣ୍ଡପର ଶୋଭାକୁ ଦ୍ୱିଗୁଣିତ କରିଛି। ଯଦି ପାଗ ଅନୁକୂଳ ରହେ, ତେବେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ ବୋଲି ବିଭିନ୍ନ ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଛୋଟୀ ପଞ୍ଚାୟତର ଦୁଇଟି ପୂଜା ମଣ୍ଡପରେ ଚଳିତ ବର୍ଷ ବେଶ ଧୁମଧାମରେ ପାଳିତ ହେବ ବୋଲି ନେତୁଆ ମହାଲକ୍ଷ୍ମୀ ପୂଜା କମିଟି ସଭାପତି ନିର୍ମଳ ମଲ୍ଲ, ସମ୍ପାଦକ ରଞ୍ଜନ ଦାସ ଓ ବାଲିଆପଦା ଯୁବ ଜ୍ୟୋତି କ୍ଲବ ସଭାପତି ସାରଦା ପ୍ରସାଦ ବାରିକ ଓ ପୂର୍ବତନ ସମିତି ସଭ୍ୟ ତଥା ବରିଷ୍ଠ ସଦସ୍ୟ ନଳିନୀ କାନ୍ତ ସ୍ୱାଇଁ ପ୍ରକାଶ କରିଛନ୍ତି।

ଚିତ୍ରୋତ୍ପଳା ନଦୀବନ୍ଧ ବାମ ପାର୍ଶ୍ୱରୁ ଖସୁଛି ଅତଡ଼ା ▶ ବିପଦ ଆଶଙ୍କାରେ ଅଞ୍ଚଳବାସୀ, ପଥର ପ୍ୟାକିଂ ଦାବି

ଗରଦପୁର,୨୪।୧୦(ସମିସ)

ଚିତ୍ରୋତ୍ପଳା ନଦୀର ବାମ ପାର୍ଶ୍ୱରୁ ଅତଡ଼ା ଖସୁଛି। ଏହି ଅତଡ଼ା ଏପରି ଖସୁଛି ଯେ ଦୀର୍ଘଦିନ ଧରି ପଠାକୁ ଖାଇ ଖାଇ ନଦୀ ମୁଖ୍ୟ ବନ୍ଧକୁ ଲାଗିବାକୁ ବସିଲାଣି। ଏହାଛଡ଼ା ନଦୀର ଘେରିବନ୍ଧ କି ବନ୍ୟା ଜଳ ଅଟକାଇବା ପାଇଁ ବଜର ହୋଇ ନ ଥିବାରୁ ନଦୀର ବାମ ପାଶ୍ୱର୍ରେ ଥିବା ସାନଅଡଙ୍ଗା, ଧସନାପାରି, ଅର୍ଜୁନପୁର, ଅରିଲୋ, ଧାନମୁଣ୍ଡଳ, କୋରୁଆ ସମେତ ସ୍ଥାନୀୟ ଅଞ୍ଚଳବାସୀ ବିପଦ ଆଶଙ୍କାରେ ରହିଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଉକ୍ତ ନଦୀରେ ଧସନାପାରିଠାରେ ସେତୁ ନିର୍ମାଣ ହେବା ଦ୍ୱାରା ନଦୀରେ ପ୍ରତିବର୍ଷ ବନ୍ୟା ଆସିବା ସମୟରେ ଉକ୍ତ ସ୍ଥାନରେ ବନ୍ୟା ଜଳ ପ୍ରବାହିତ ହେବାରେ ବାଧକ ସୃଷ୍ଟି କରୁଛି। ଚଳିତବର୍ଷ ବି ନଦୀରେ

ବନ୍ୟା ଜଳ ଆସିବା ଦ୍ୱାରା ସେତୁ ନିକଟରେ ପାଣି ମୋଡନେଇ ନଦୀବନ୍ଧ ପାଶ୍ୱର୍ରେ ଥିବା ଅତଡ଼ା ଖସିବା ଯୋଗୁଁ ପାଣି ଓ ମାଟିକୁ ଅବରୋଧ କରୁଥିବା ଗଛ ଭାଙ୍ଗିଯିବା ହେତୁ ପଠାରେ ଥିବା ଚାଷୀଙ୍କ ଚାଷଜମି ବି ନଦୀ ଗର୍ଭରେ ଲୀନ ହେବାକୁ ବସିଲାଣି।

ନିର୍ମାଣଧୀନ ଧସନାପାରି ସେତୁର ଉଭୟ ବାମ ଓ ଦକ୍ଷିଣ ପାଶ୍ୱର୍ରେ ଥିବା ଥିବା ବନ୍ଧ ଅଧିକ ପ୍ରଭାବିତ ହୋଇଛି। କେବଳ ସେତିକି ନୁହେଁ ଚଳିତ ବର୍ଷ ବନ୍ୟାଜଳ ଆସିବା ଦ୍ୱାରା ସେତୁ ନିକଟସ୍ଥ ବନ୍ଧରେ ଅତଡା ଏପରି ଖସିଛି କି ନଦୀବନ୍ଧ ପାଶ୍ୱର୍ରେ ଥିବା ଚାଷଜମିରେ ହେଉଥିବା ପନିପରିବା ଓ ଧାନ ଫସଲ ବହୁ ପରିମାଣରେ ନଷ୍ଟ ହୋଇଥିଲା। ବନ୍ୟା ଦାଉରୁ ଆଉ ଫସଲ କରିବା ସମ୍ଭବ ହେଉନାହିଁ ବୋଲି ସ୍ଥାନୀୟ ଚାଷୀ କହିଛନ୍ତି। ତେବେ ଅତଡ଼ାକୁ ନ ରୋକିଲେ ପ୍ରତିବର୍ଷ ବନ୍ୟା ଜଳ ଆସି ଅତଡା ଖସି ଅଞ୍ଚଳବାସୀଙ୍କ ପାଇଁ ବିପଦ ସୃଷ୍ଟି କରିବ। ଏହି ଆଶଙ୍କାରୁ ଅଞ୍ଚଳବାସୀଙ୍କୁ ମୁକ୍ତ କରିବାକୁ ହେଲେ ନଦୀରେ ଖସୁଥିବା ଅତଡ଼ା ସ୍ଥାନରେ ପଥର ପ୍ୟାକିଂ କରିବା ପାଇଁ ଦାବି ହେଉଥିଲାବେଳେ ବିଭାଗୀୟ ସହକାରୀ ଯନ୍ତ୍ରୀ କୃପାସିନ୍ଧୁ ପ୍ରଧାନ ଉକ୍ତ ସମ୍ବେଦନଶୀଳ ସ୍ଥାନ ଅନୁଧ୍ୟାନ କରିବା ସହ ଏହାର ପ୍ରସ୍ତାବ ଓ ବ୍ୟୟ ଅଟକଳ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଉପସ୍ଥାପନ କରିବା ନିମନ୍ତେ କହିଥିବାବେଳେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ପ୍ରସନଜିତ ଦାସ ତୁରନ୍ତ ପଦକ୍ଷେପ ନିଆଯାଇ ସମସ୍ୟା ସମାଧାନ କରାଯିବ ବୋଲି କହିଛନ୍ତି।

ସୃଜନିକା

ସକାଳ
THE SAKALA
www.sakalaepaper.com

ଶେଷପତ୍ର



ମୂଳ ରଚନା: ଓ ହେନେରୀ
ଅନୁସୃଜନ: ପ୍ରଣତି ଆଚାର୍ଯ୍ୟ ମିଶ୍ର

ୱାଶିଂଟନ୍ ସ୍କୋୟାରର ପଶ୍ଚିମରେ ଏକ ପୁରୁଣା ଅଞ୍ଚଳ ଥିଲା, ଯେଉଁଠାର ବଙ୍କା- ଟଙ୍କା ଗଳିଗୁଡ଼ିକ ଅଜବ ଭାବେ ଏକାଠି ମିଶୁଥିଲେ। ଏହା ହିଁ ଥିଲା ଗ୍ରୀନୱିଚ୍ ଭିଲେଜ୍, ଯେଉଁଠାରେ କଳା ଓ ଚିତ୍ରକଳା ସହ ଜଡ଼ିତ ଲୋକମାନେ ନିଜ ନିଜର ସ୍ୱପ୍ନ ନେଇ ଚଳୁଥିଲେ।

ଏକ ପୁରୁଣା ତିନି ମହଲା କୋଠାର ସବୁଠାରୁ ଉପର ମହଲାରେ ସୁ ଏବଂ ଜନ୍‌ସି ନାମକ ଦୁଇଜଣ ଯୁବତୀ ରହୁଥିଲେ। ଉଭୟ ଚିତ୍ରକର ଥିଲେ। ସୁ ମେନ୍ ରାଜ୍ୟର ଥିଲେ ଏବଂ ଜନ୍‌ସି କାଲିଫର୍ଣ୍ଣିଆର। ଗୋଟିଏ ରେଷ୍ଟୁରାଣ୍ଟରେ ଦୁହିଁଙ୍କର ଦେଖା ହୋଇଥିଲା, ଯେଉଁଠି ସେମାନେ ଅନୁଭବ କଲେ ଯେ, ସେମାନଙ୍କ ପସନ୍ଦ ଓ ଚିନ୍ତାଧାରା ବହୁତ ସମାନ। ଏହା ପରେ ସେମାନେ ଏକାଠି ଏକ ଷ୍ଟୁଡିଓ ଆରମ୍ଭ କଲେ। ସେତେବେଳେ ମଇ ମାସ ଥିଲା, କିଛି ଦିନ ପରେ ନଭେମ୍ବର ଆସିଗଲା। ଏହି ସମୟରେ ସେହି ଅଞ୍ଚଳରେ ନିମୋନିଆ ନାମକ ରୋଗ ବ୍ୟାପିଗଲା, ଯାହା ଅନେକ ଲୋକଙ୍କୁ କବଳିତ କଲା।

ଜନ୍‌ସି ମଧ୍ୟ ଏହି ରୋଗରେ ବହୁତ ଦୁର୍ବଳ ହୋଇପଡ଼ିଲେ। ସେ ବିଛଣାରେ ପଡ଼ିରହି ଝରକା ବାହାରେ ଥିବା ଏକ ପୁରୁଣା ଆଇଭି ଲତାର ପତ୍ରଗୁଡ଼ିକକୁ ଦେଖୁଥାନ୍ତି, ଯାହା ଗୋଟିଏ ପରେ ଗୋଟିଏ ଝଡ଼ିବାରେ ଲାଗିଥିଲା। ଡାକ୍ତର ସୁ'ଙ୍କୁ କହିଲେ, "ଜନ୍‌ସିର ଅବସ୍ଥା ବହୁତ ଗମ୍ଭୀର। ଔଷଧ ଅପେକ୍ଷା ତା'ର ବଞ୍ଚିବାର ଇଚ୍ଛାଶକ୍ତି ଅଧିକ ଦରକାର, କିନ୍ତୁ ସେ ମନେ ମନେ ଭାବି ନେଇଛି ଯେ ସେ ଆଉ ବଞ୍ଚିବ ନାହିଁ।"

କିଛି ଦିନ ମଧ୍ୟରେ ଜନ୍‌ସି ମନରେ ଏକ ଅଜବ ଭାବନା ପଶିଗଲା। ସେ ବିଶ୍ୱାସ କରିବାକୁ ଲାଗିଲେ ଯେ ଯେତେବେଳେ ସେହି ଲତାର ଶେଷ ପତ୍ରଟି ଝଡ଼ିଯିବ, ସେହି ଦିନ ତାଙ୍କ ମଧ୍ୟ ମୃତ୍ୟୁ ହୋଇଯିବ।

ସୁ ତାଙ୍କୁ ବାରମ୍ବାର ବୁଝାଉଥିଲେ, କିନ୍ତୁ ଜନ୍‌ସି ସବୁବେଳେ ଝରକା ଆଡ଼କୁ ଚାହିଁ ଝଡୁଥିବା ପତ୍ରଗୁଡ଼ିକକୁ ଗଣୁଥିଲେ।

ସେହି କୋଠାର ତଳେ ବର୍ମାନ୍ ନାମକ ଜଣେ ବୃଦ୍ଧ ଚିତ୍ରକର ରହୁଥିଲେ। ସେ ଚାଳିଶ ବର୍ଷ ହେବ ଏକ ମହାନ ଚିତ୍ର ଆଙ୍କିବାର ସ୍ୱପ୍ନ ଦେଖୁଥିଲେ, କିନ୍ତୁ ଏପର୍ଯ୍ୟନ୍ତ କିଛି କରିପାରି ନଥିଲେ। ସେ କ୍ରୋଧୀ ସ୍ୱଭାବର ଥିଲେ ସତ, କିନ୍ତୁ ଦୁଇ ଜଣ ଯୁବତୀଙ୍କ ପ୍ରତି ତାଙ୍କ ମନରେ ଗଭୀର ସ୍ନେହ ଥିଲା।

ଯେତେବେଳେ ସୁ ତାଙ୍କୁ ଜନ୍‌ସିର ଅବସ୍ଥା ଏବଂ ତା'ର ଏହି ଅଜବ ବିଶ୍ୱାସ ବିଷୟରେ କହିଲେ, ବର୍ମାନ୍ ବହୁତ ରାଗିଗଲେ। ପତ୍ର ଝଡ଼ିବା ସହ କେହି ନିଜ ମୃତ୍ୟୁକୁ କିପରି ଯୋଡ଼ିପାରେ, ଏହା ତାଙ୍କୁ ମୂର୍ଖାମି ପରି ଲାଗିଲା।

ସେହି ରାତିରେ ପାଣିପାଗ ବହୁତ ଖରାପ ହେଲା- ପ୍ରବଳ ପବନ, ବର୍ଷା ଓ ସାଂଘାତିକ ଶୀତ। ଲାଗୁଥିଲା ଯେପରି ତୋଫାନ ସବୁକିଛି ଭସାଇ ନେଇଯିବ। ସକାଳେ ଯେତେବେଳେ ଜନ୍‌ସି ଝରକା ବାହାରକୁ ଚାହିଁଲେ, ସେ ଆଶ୍ଚର୍ଯ୍ୟ ହୋଇଗଲେ। ଲତାରେ ଏପର୍ଯ୍ୟନ୍ତ ଗୋଟିଏ ଶେଷ ପତ୍ର ଟଙ୍ଗି ହୋଇ ରହିଥିଲା। ସେ ବିଶ୍ୱାସ କରିପାରିଲେ ନାହିଁ।

ସେ ଭାବିଥିଲେ ଯେ ତୋଫାନରେ ସେହି ପତ୍ରଟି ମଧ୍ୟ ଝଡ଼ିଯିବ, କିନ୍ତୁ ତାହା ଅଟଳ ହୋଇ ରହିଥିଲା। ଏହା ଦେଖି ତାଙ୍କ ମନରେ ଆଶାର ଏକ କିରଣ ଜାଗିଉଠିଲା।

ଆଉ ଗୋଟିଏ ଦିନ ବିତିଗଲା। ତା'ପରେ ଆଉ ଏକ ଝଡ଼ପୂର୍ଣ୍ଣ ରାତି ଆସିଲା। ପବନ ଓ ବର୍ଷା ପୂର୍ବ ଅପେକ୍ଷା ଆହୁରି ପ୍ରବଳ ଥିଲା। ତଥାପି ସେହି ଶେଷ ପତ୍ରଟି ଖସିପଡ଼ିଲା ନାହିଁ। ଏବେ ଜନ୍‌ସିଙ୍କ ମନରେ ପରିବର୍ତ୍ତନ ଆସିବାକୁ ଲାଗିଲା। ସେ ଭାବିଲେ ଯେ ଯଦି ଏତେ ଦୁର୍ବଳ ପତ୍ରଟିଏ ଏତେ ଭୟଙ୍କର ତୋଫାନରେ ବି ତିଷ୍ଠି ରହିପାରୁଛି, ତେବେ ସେ କାହିଁକି ହାର୍ ମାନିବେ? ତାଙ୍କ ଭିତରେ ବଞ୍ଚିବାର ଇଚ୍ଛା ଫେରିଆସିଲା।

ଧୀରେ ଧୀରେ ତାଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିଲା। ସେ ଖାଇବାକୁ ଲାଗିଲେ, ସୁପ୍ ପିଇଲେ ଏବଂ ବିଛଣାରେ ବସିବାକୁ ଚେଷ୍ଟା କଲେ।

କିଛି ଦିନ ପରେ ସୁ ତାଙ୍କୁ ସତ କଥାଟି କହିଲେ ଯେ, ସେହି ଶେଷ ପତ୍ରଟି ଅସଲି ନଥିଲା। ସେହି ତୋଫାନି ରାତିରେ ବର୍ମାନ୍ ତାକୁ କାନ୍ଥରେ ରଙ୍ଗ ଦ୍ୱାରା ଆଙ୍କିଥିଲେ। ତାହା ଏତେ ଅସଲି ଲାଗୁଥିଲା ଯେ କେହି ବି ଚିହ୍ନି ପାରିନଥାନ୍ତେ। କିନ୍ତୁ ସେହି ରାତିରେ ଭିଜିବା ଏବଂ ପ୍ରବଳ ଶୀତ ଯୋଗୁଁ ବର୍ମାନ୍‌ଙ୍କୁ ନିମୋନିଆ ହୋଇଗଲା। ତାଙ୍କ ଅବସ୍ଥା ବିଗିଡ଼ିଗଲା ଏବଂ ଦୁଇ ଦିନ ପରେ ତାଙ୍କର ମୃତ୍ୟୁ ହୋଇଗଲା।

ଯେଉଁ ଚିତ୍ରଟିକୁ ସେ ନିଜ ସାରା ଜୀବନ ଆଙ୍କିବାର ସ୍ୱପ୍ନ ଦେଖୁଥିଲେ, ତାହା ହିଁ ତାଙ୍କ ଜୀବନର ପ୍ରଥମ ଓ ଶେଷ ଚିତ୍ର ପାଲଟିଗଲା।

ଜନ୍‌ସି ବଞ୍ଚିଗଲେ, କାରଣ ଗୋଟିଏ ନକଲି ପତ୍ର ତାକୁ ବଞ୍ଚିବାର ଆଶା ଦେଇଥିଲା। ■

ନୟାଗଡ଼
ମୋ: ୯୪୩୭୬୪୨୯୪୭

ମୂଳ ହିନ୍ଦୀ : ଏ. ଅରବିନ୍ଦାକ୍ଷନ
ଅନୁସୃଜନ : ବିଜୟକୁମାର ପ୍ରଧାନ

ପ୍ରେମ

ମୁଁ କହିଲି ତାକୁ-
ମୋ' ବୟସ ଆଉ
ପ୍ରେମ କଲାଭଳି
ଯୋଗ୍ୟ ହୋଇନାହିଁ,
ଦୁର୍ବଳ ହୋଇଯାଇଛି
ମୋ' ଶରୀର
ତୁମକୁ ମୁଁ ପ୍ରେମ କରିପାରିବିନି
ଅତି ବେଶିରେ
ତୁମ ପ୍ରେମକୁ ମୁଁ
ମୋ' ଆତ୍ମାରେ
ସ୍ଥାନ ଦେଇପାରିବି।
ସେ ମୋତେ ଚାହିଁଲା
ଦୀର୍ଘକ୍ଷଣ ଯାଏଁ
ଫେରିଗଲାବେଳେ କହିଲା-
ତୁମ ଆଖିରେ ଏବେ ବି
ପ୍ରେମ ଝଟକୁଛି। ■

ଦାତା

ମୁଁ ସବୁ କିଛି ଦେଲି
ସେ ବି ନେଲା ସବୁକିଛି
ଏବେ ମୁଁ ଶୂନ୍ୟ ହସ୍ତ
ସେ ପରିପୂର୍ଣ୍ଣ।
ମୁଁ ହାଲୁକା ହୋଇଗଲି
ପ୍ରସନ୍ନ ବି
ଦୀର୍ଘଯାତ୍ରା ପାଇଁ
ବାହାରି ପଡ଼ିଲି।
ଅନୁଭବ କଲି
ମୋ' ପଛରେ କେହି ଅଛି
ତାହା ମୋର ଶୂନ୍ୟପଣ
ସେ ଦୁଃଖୀ -ଦୁଃଖୀ ଲାଗୁଛି।
ସେ କହିଲା -
ତୁମେ ସବୁ କିଛି ଦେଇ ନାହଁ
ଏବେ ବି କିଛି ବାକି ଅଛି
ମୁଁ ଏପାଖ ସେପାଖ ଚାହିଁଲି
ହୃଦୟକୁ ନିରେଖିଲି
ଚାହିଁଲି ଉପରକୁ
ତଳକୁ ବି ଚାହିଁଲି

କାହିଁ କିଛି ବି ତ ନାହିଁ।
ଶୂନ୍ୟପଣ କହିଲା-
ତୁମେ ନିଜକୁ ତ
ଦାନ ସ୍ୱରୂପ ଦେଇ ନାହଁ
ତୁମ ଆପଣାପଣ
ଏବେ ବି ବାକି ଅଛି
ତାହା ଦେଇ ଦିଅ
ଦେଖିବ ତମେ
ଦାତା ବନିଯିବ। ■

ଗୌତମ ନଗର (ଷଷ୍ଠ ସରଣୀ)
କୋରାପୁଟ - ୭୬୪୦୨୦
ମୋ: ୯୪୩୭୯୦୯୪୨୮

ଆନ୍ କାର୍ସନଙ୍କ ସାହିତ୍ୟ

ପୁରାଣ ଓ ଆଧୁନିକତାର ସମନ୍ୱୟ

ବିଜୟକୁମାର ପାଢ଼ୀ

୨୦୨୬ ମସିହା ପାଇଁ ସାହିତ୍ୟରେ ନୋବେଲ୍ ପୁରସ୍କାର ନିମନ୍ତେ ମନୋନୀତ ହୋଇ ସାରା ବିଶ୍ୱରେ ଚର୍ଚ୍ଚାରେ ଅଛନ୍ତି କାନାଡ଼ାର ପ୍ରସିଦ୍ଧ କବୟିତ୍ରୀ, ଲେଖିକା ତଥା ପ୍ରାବନ୍ଧିକା ଆନ୍ କାର୍ସନ। ଆଲିସ୍ ମୁନ୍‌ରୋଙ୍କ ପରେ ସେ ସାହିତ୍ୟରେ ନୋବେଲ୍ ପାଇଥିବା ଦ୍ୱିତୀୟ କାନାଡ଼ୀୟ ମହିଳା ଏବଂ ତୃତୀୟ କାନାଡ଼ାର ଅଧିବାସୀ। ଯେତେବେଳେ ସାରା ବିଶ୍ୱ ସାହିତ୍ୟକୁ ଉପନ୍ୟାସ, ଗଳ୍ପ, କବିତା, ପ୍ରବନ୍ଧ ଓ ନାଟକକୁ ବିଭିନ୍ନ ବିଭାଗରେ ରଖିଆସୁଅଛି, ସେତେବେଳେ କାନାଡ଼ାର ଏହି ସାରସ୍ୱତ ସାଧିକା ସେହି ସବୁ ବିଭାଗଗୁଡ଼ିକୁ ଏକତ୍ର କରିବାର ପ୍ରୟାସରେ ସଫଳ ହୋଇଛନ୍ତି। ତାଙ୍କର ସାହିତ୍ୟ କୃତିଗୁଡ଼ିକ କେତେବେଳେ ବାକ୍ସ ଭିତରେ ଆସେ, କେବେକେବେ ଲମ୍ବା କାଗଜ ଭାଙ୍ଗି ଆସେ। କାର୍ସନ କୌଣସି ଏକ ନିର୍ଦ୍ଦିଷ୍ଟ ଶୈଳୀରେ ଲେଖନ୍ତି ନାହିଁ। ତାଙ୍କ କୃତିଗୁଡ଼ିକ ମଧ୍ୟରେ କବିତା, ନାଟକ ଓ ଅନୁବାଦ ସବୁ ମିଶି କରିଥାଏ। ଯାହାକୁ ସମୀକ୍ଷକମାନେ ଜନର୍ ବେଣ୍ଡିଂ (Genre Bending) ନାମରେ ଅଭିହିତ କରିଛନ୍ତି। ତାଙ୍କର ପ୍ରତ୍ୟେକ ସାହିତ୍ୟକୃତି ଏକ ନୂତନ ପରୀକ୍ଷାର ସଫଳ ରୂପାୟନ।

ପ୍ରାଚୀନ ଗ୍ରୀକ୍ ପୁରାଣକୁ ଆଧୁନିକ ପ୍ରେମ ଓ ଶୋକ ସହିତ ସଂଲଗ୍ନ କରି ପାଠକୀୟ ଉନ୍ମାଦନା ସୃଷ୍ଟି କରିପାରୁଥିବା ଓ ସାହିତ୍ୟଧାରାରେ ସୀମା ଅତିକ୍ରମ କରୁଥିବା ଲେଖିକା ହେଲେ ଆନ୍ କାର୍ସନ। ସ୍ୱିଡିସ୍ ଏକାଡେମୀର ଘୋଷଣା ଅନୁଯାୟୀ ସେ ହିଁ ନୋବେଲ୍‌ର ହକଦାର - ତାଙ୍କର ସାହସୀ ଓ ଉଦ୍ଭାବନୀ ସାହିତ୍ୟକୃତି ପାଇଁ, ଯାହା କ୍ଲାସିକାଲ୍ ପରମ୍ପରା ସହ ଏକ ଅନନ୍ୟ ସଂଳାପ କରି ସମସାମୟିକ ସାହିତ୍ୟ ପାଇଁ ନୂତନ ରୂପ ସୃଷ୍ଟି କରିଛି। ଏକାଡେମୀର ଦୃଢ଼ୋକ୍ତି- "ତାଙ୍କର ସବୁଲେଖା ଶବ୍ଦ ପ୍ରତି ଜଣେ ଭାଷା ତତ୍ତ୍ୱବିତ୍‌ର ଆସକ୍ତି ଓ ନୂତନ ଅର୍ଥ ଖୋଜୁଥିବା କବିର ଇଚ୍ଛା ମଝିରେ ଦଣ୍ଡାୟମାନ।" ସତ କହିବାକୁ ଗଲେ ଶବ୍ଦର ମୂଳରୂପ ହିଁ ତାଙ୍କ ସବୁଲେଖାର ଆରମ୍ଭ ବିନ୍ଦୁ। ଆନ୍ କାର୍ସନ୍‌ଙ୍କ କୃତିଗୁଡ଼ିକକୁ କୌଣସି ଏକ ନିର୍ଦ୍ଦିଷ୍ଟ ବିଭାଗରେ ରଖି ହେବ ନାହିଁ, କାରଣ ସେ ନିଜେ ହିଁ ଗୋଟିଏ ସ୍ୱତନ୍ତ୍ର ବିଭାଗ ସୃଷ୍ଟି କରିପାରିଛନ୍ତି। ଏତଦ୍‌ବ୍ୟତୀତ, କାର୍ସନ ପ୍ରାଚୀନ ସାହିତ୍ୟିକ ସାଫୋ, ସଫୋକ୍ଲିସ୍ ଓ ୟୁରି ପିଡିସ୍‌ଙ୍କ ରଚନାର ଅନୁବାଦ ମଧ୍ୟ କରିଛନ୍ତି, ଯାହା ନିଜେ ଏକ ସ୍ୱତନ୍ତ୍ର ସାହିତ୍ୟ ବୋଲି ନୋବେଲ୍ କମିଟି ମତପୋଷଣ କରିଛନ୍ତି।

କାର୍ସନଙ୍କ ସାହିତ୍ୟ ସୃଷ୍ଟିର ତାଲିକା ଯେତିକି ଲମ୍ବା, ତତୋଧିକ ଉଚ୍ଚାଙ୍ଗ, ସଂଭ୍ରାନ୍ତ ଏବଂ ଗରୀୟାନ। ୧୯୮୬ ମସିହାରେ ପ୍ରକାଶିତ 'ଏରୋସ୍ ଦ ବିଟର ସୁଇଟ୍' ତାଙ୍କର ପ୍ରଥମ ସାହିତ୍ୟ କୃତି ଯାହା ତାଙ୍କ ପି.ଏଚ୍.ଡି. ସନ୍ଦର୍ଭର ଏକ ଅଂଶବିଶେଷ। ଏଥିରେ ସେ ପ୍ରାଚୀନ ଗ୍ରୀକ୍ କବିତାରେ ପ୍ରେମ ବା 'ଏରୋସ୍' ଅର୍ଥର ଅନୁସନ୍ଧାନ କରିଛନ୍ତି। ପ୍ରଥମ ପ୍ରକାଶନ ତାଙ୍କୁ ଏକ ସ୍ୱତନ୍ତ୍ର ସ୍ଥାନ ଦେବାରେ ସକ୍ଷମ ହୋଇପାରିଛି – "ସେ ଜଣେ ପଣ୍ଡିତ ଯିଏ କବି ଭଳି ଶବ୍ଦରେ ଯାଦୁ ସୃଷ୍ଟି କରନ୍ତି।" ୧୯୯୮ ମସିହାରେ ପ୍ରକାଶିତ ପୁସ୍ତକ 'ଅଟୋବାୟୋଗ୍ରାଫି ଅଫ୍ ରେଡ୍' ଏକ 'ପଦ ଉପନ୍ୟାସ' ବା 'ନଭେଲ୍ ଇନ୍ ଭର୍ସ' ଶ୍ରେଣୀରେ ଅନ୍ତର୍ଭୁକ୍ତ। ପ୍ରାଚୀନ କବି ଷ୍ଟେସିକୋରସ୍‌ଙ୍କ ଦ୍ୱାରା ଲିଖିତ 'ଜେରିଅନ୍' କାହାଣୀକୁ ନେଇ ଉକ୍ତ ଉପନ୍ୟାସଟି ଗତିଶୀଳ। ଜେରିଅନ୍ ହେଉଛି ନାଲି ଡେଣା ଥିବା ଏକ ଦାନବ, ଯାହାକୁ ହେରାକ୍ଲେସ୍ ନିହିତ କରିଥିଲେ। କିନ୍ତୁ କାର୍ସନଙ୍କ କାବ୍ୟ ଉପନ୍ୟାସରେ ଜେରିଅନ୍ ହେଉଛନ୍ତି ଜଣେ ସାଧାରଣ କିଶୋର ଯିଏ ନିଜ ଡେଣାକୁ କୋଟ୍ ତଳେ ଲୁଚାଏ, ଚିତ୍ର ଉତ୍ତୋଳନ କରେ ଏବଂ ହେରାକ୍ଲେସ୍‌ଙ୍କ ପ୍ରେମରେ ପଡ଼ିଯାଏ। ଏହି ବିଷୟବସ୍ତୁ ହେଉଛି କାର୍ସନଙ୍କ ଅସାଧାରଣ ତଥା ବିସ୍ମୟ ସୃଷ୍ଟି, ଯାହା ପୁରାଣ ଏବଂ ଆଧୁନିକ 'ଗେ ଲେଡ୍‌ଷ୍ଟୋରୀ'ର ଅଦ୍ଭୁତ ମିଶ୍ରଣ। ଠିକ୍ ସେହିପରି ୨୦୦୧ ମସିହାରେ ପ୍ରକାଶିତ ହୋଇଥିବା ପୁସ୍ତକ 'ଦ ବିୟୁଟି ଅଫ୍ ଦ ହଜବ୍ୟାଣ୍ଡ' ତାଙ୍କୁ ବ୍ରିଟେନ୍‌ର ସବୁଠାରୁ ବଡ଼ କବିତା ପୁରସ୍କାର ଟି.ଏସ୍. ଇଲିୟଟ ପ୍ରାଇଜ୍ ଆଣି ଦେଇଥିଲା। ଏହି କାଳ୍ପନିକ ପ୍ରବନ୍ଧ (Fictional Essay) ଟି ଏକ ବିଫଳ ବିବାହ କାହାଣୀ ଉପରେ ପର୍ଯ୍ୟବସିତ। ୨୦୧୦ ମସିହାରେ ପ୍ରକାଶ ପାଇଥିବା 'ନକ୍ସ' ଏକ ସାମାନ୍ୟ ପୁସ୍ତକ ନୁହେଁ, ଏହା ଏକ ଅନ୍ତର୍ଭେଦୀ ଶୋକ ଯାହା ତାଙ୍କ ଭାଇ ମାଇକେଲ୍‌ଙ୍କର ମୃତ୍ୟୁ ଉପରେ ପର୍ଯ୍ୟବେସିତ। ବହିଟି ଏକ ଲମ୍ବା କାଗଜକୁ ଭାଙ୍ଗି ଏକ ବାକ୍ସ ଭିତରେ ରଖିବାର ଭ୍ରମ ସୃଷ୍ଟି କରିଛି। ଭିତରେ ଫଟୋ, ପୁରୁଣା ଚିଠି, ଡିକ୍ସନାରୀର ଶବ୍ଦ ଏବଂ ରୋମାନ୍ କବି କାଟୁଲସ୍‌ଙ୍କ କବିତାର ଅନୁବାଦ ମଧ୍ୟ ରହିଛି। ବାସ୍ତବିକ୍ ଏହି ଶୋକ କବିତା କେବଳ ଏକ ପଢ଼ିବାର ଅବସର ନୁହେଁ, ଏକ ମାର୍ମିକ ଅନୁଭବର ଉଦାହରଣ। ୨୦୧୬ ମସିହାରେ ପ୍ରକାଶିତ ପୁସ୍ତକ 'ଫ୍ଲୋଟ୍' ଏକ ଅଜବ ଧରଣର। ୨୨ଗୋଟି ବହିକୁ ଗୋଟିଏ ପ୍ଲାଷ୍ଟିକ୍ ବାକ୍ସରେ ରଖାଯାଇଛି। ପାଠକମାନେ ଯେକୌଣସି କ୍ରମରେ ବହି ଗୁଡ଼ିକକୁ ପଢ଼ିପାରିବେ। ବହି ପଢ଼ିବାର କୌଣସି ଏକ ନିର୍ଦ୍ଦିଷ୍ଟ ନିୟମ ନାହିଁ ବୋଲି ଉକ୍ତ ପୁସ୍ତକଟି ପ୍ରମାଣ କରିଦିଏ। ୨୦୧୯ ମସିହାରେ ପ୍ରକାଶିତ ଅନ୍ୟ ଏକ ପୁସ୍ତକ 'ନୋରମା ଜିନ୍ ବେକର ଅଫ୍ ଟ୍ରୟ' ତାଙ୍କ ଅନନ୍ୟ କୃତିର ଏକ ସର୍ବୋତ୍କୃଷ୍ଟ ପ୍ରମାଣ। ଏଥିରେ କାର୍ସନ ଦୁଇଜଣ ନାରୀଙ୍କୁ ଏକାଠି କରିଛନ୍ତି। ଜଣେ ହେଲେ ପ୍ରାଚୀନ ଗ୍ରୀସ୍‌ର ହେଲେନ୍ ଓ ଅନ୍ୟ ଜଣେ ହେଲେ ଆଧୁନିକ ଆମେରିକାର ମେରିଲିନ୍। ଦୁଇ ଅନନ୍ୟ ଅପରୂପା ନିଜର ସୁନ୍ଦରତା ପାଇଁ ପ୍ରସିଦ୍ଧି ଲାଭ କରିଥିଲେ ମଧ୍ୟ ନିଜ ସୁନ୍ଦରତା ହିଁ ତାଙ୍କର ବ୍ୟକ୍ତିତ୍ୱକୁ କଳୁଷିତ କରିଦେଇଛି। ଏଥିରେ କାର୍ସନ ପ୍ରମାଣ କରି ଦେଇଛନ୍ତି ହଜାର ବର୍ଷ ତଳର ଦୁଃଖ ଏବଂ ସାମ୍ପ୍ରତିକ ପରିସ୍ଥିତିର ଦୁଃଖ ଭିତରେ କିଛି ମଧ୍ୟ ପ୍ରଭେଦ ନାହିଁ।

ବିଶ୍ୱ ସାହିତ୍ୟରେ ହଟଚମଟ ସୃଷ୍ଟି କରିପାରିଥିବା ଏହି ସାରସ୍ୱତ ସାଧିକାଙ୍କର ସାହିତ୍ୟ କୃତିଗୁଡ଼ିକକୁ ଅନେକ ଉପାୟରେ ସମୀକ୍ଷା କରାଯାଇଛି। କିଛି ସମାଲୋଚକଙ୍କର ମତ ତାଙ୍କ ଲେଖାରେ ହୃଦୟ କମ୍, ମସ୍ତିଷ୍କ ବେଶି ପରିଲକ୍ଷିତ ହୁଏ। 'ନକ୍ସ' ପୁସ୍ତକକୁ ବାଦ୍ ଦେଲେ ଅନ୍ୟ କୃତିଗୁଡ଼ିକରେ କାହାଣୀର ଧାରା ଅନେକାଂଶରେ ବ୍ୟାହତ ହୋଇଛି। କେବଳ ଖଣ୍ଡ ଖଣ୍ଡ ଚିନ୍ତାଧାରାର ପ୍ରୟୋଗ ହୋଇଛି, ଯାହାକୁ ପାଠକମାନେ ସଫଳତାର ସହିତ କାହାଣୀକୁ ସଂଯୋଗ କରିପାରନ୍ତି ନାହିଁ। ଏତଦ୍‌ବ୍ୟତୀତ ତାଙ୍କର ବାକ୍ୟ ଆଡ଼ମ୍ବର ଏବଂ ଶବ୍ଦ ସଂଯୋଜନା ଅତି କ୍ଲିଷ୍ଟତାରେ ପରିପୂର୍ଣ୍ଣ। ସାଧାରଣ ପାଠକମାନଙ୍କ ପାଇଁ ତାଙ୍କର ଲେଖାଗୁଡ଼ିକ ବୋଧଗମ୍ୟ ନୁହେଁ ବୋଲି ମଧ୍ୟ ସମାଲୋଚନା କରାଯାଏ। ପୁଣି କିଛି ସମାଲୋଚକ କହନ୍ତି, କାର୍ସନ ଜାଣିଶୁଣି ନିଜ ଲେଖାରେ କ୍ଲିଷ୍ଟତା ଭରି ଦିଅନ୍ତି। ପ୍ରକାରାନ୍ତରରେ କାର୍ସନଙ୍କ କୃତିଗୁଡ଼ିକୁ ବୁଝିବା ପାଇଁ ପାଠକମାନଙ୍କର ଧୈର୍ଯ୍ୟ ଦରକାର। ସେ ସେହିମାନଙ୍କ ପାଇଁ ଲେଖନ୍ତି, ଯେଉଁମାନେ ଶବ୍ଦକୁ ଭଲ ପାଆନ୍ତି, ପୁରାଣକୁ ପ୍ରଶ୍ନ ପଚାରନ୍ତି।

ପ୍ରାଚୀନ ଗ୍ରୀକ୍ ପୁରାଣକୁ ଆଧୁନିକ ପ୍ରେମ ଓ ଶୋକ ସହ ମିଶାଇ ଲେଖୁଥିବା ଜଣେ ସୀମା ଅତିକ୍ରମ କରୁଥିବା ଲେଖିକା କାର୍ସନଙ୍କ ବିଶ୍ୱାସ "ପ୍ରତ୍ୟେକ ଶବ୍ଦ ଭିତରେ ଆଉ ଗୋଟିଏ ଶବ୍ଦ ଲୁଚି ରହିଛି।" ଅନୁବାଦମାନେ କେବଳ ଭାଷା ବଦଳାଇବା ନୁହେଁ, ଅନୁବାଦମାନେ ଗୋଟିଏ ଆତ୍ମାକୁ ଆଉ ଗୋଟିଏ ଶରୀର ଭିତରେ ପୁନଃପ୍ରବେଶ କରାଇବା। ପ୍ରେମରେ ଦୂରତା, ମୃତ୍ୟୁରେ ସ୍ମୃତି ଓ ପୁରାଣରେ ବର୍ତ୍ତମାନ ହେଉଛି କାର୍ସନଙ୍କ ସାହିତ୍ୟର ଧାରା କହିଲେ ଅତ୍ୟୁକ୍ତି ହେବ ନାହିଁ। କାର୍ସନ ସାହିତ୍ୟରେ କେବେ ସୀମା ମାନନ୍ତି ନାହିଁ। କବିତା ଆଉ ଗଳ୍ପ ମଝିରେ ଯେଉଁ ପ୍ରାଚୀର ଅଛି, ପୁରାତନ ଓ ନୂତନ ମଧ୍ୟରେ ଯେଉଁ ଦୂରତା ଅଛି, ମୂଳଲେଖା ଏବଂ ଅନୁବାଦ ମଧ୍ୟରେ ଯେଉଁ ଫରକ ଅଛି - ସେ ସବୁକୁ ଭାଙ୍ଗି ଦିଅନ୍ତି। ସେ ନିଜେ ଯେମିତି ପବନର ଶବ୍ଦକୁ ଶୁଣିବା ପାଇଁ ଆଇସ୍‌ଲ୍ୟାଣ୍ଡ ଚାଲିଯା'ନ୍ତି, ତାଙ୍କର ସାହିତ୍ୟ ମଧ୍ୟ ନୀରବତାରୁ ଶବ୍ଦକୁ ଫେରି ଆସନ୍ତି। ପରମ୍ପରା ଓ ଆଧୁନିକତା, ପ୍ରେମ ଓ ଶୋକ ଏବଂ ସର୍ବୋପରି ଶବ୍ଦ ଓ ନୀରବତାର ଯୁଗଳବନ୍ଦୀ ସୃଷ୍ଟି କରିପାରୁଥିବା ଲେଖିକା ହିଁ ଆନ କାର୍ସନ। ଏହି କାଳଜୟୀ ଲେଖିକାଙ୍କ କୃତିଗୁଡ଼ିକ ଉଦ୍‌ଘୋଷଣା କରେ- "ସାହିତ୍ୟରେ ସୀମା ନାହିଁ, କେବଳ ସଂଳାପ ଅଛି" – ଏହା ହିଁ ବିଶ୍ୱ ସାହିତ୍ୟର ଭବିଷ୍ୟତ। ■

ଇଂରାଜୀ ବିଭାଗ
ଓଡିଏମ୍ ପବ୍ଲିକ୍ ସ୍କୁଲ୍, ଭୁବନେଶ୍ୱର
ମୋ: ୭୮୯୪୧୫୩୫୬୭୮

ପୂଜା ପତ୍ରିକା ପରିଚୟ

ଆମ ପଞ୍ଚବଟୀ

ସଂପାଦକ: ସୁଶାନ୍ତ କୁମାର ନାୟକ



ପଞ୍ଚବଟୀ ନଗର, ୨ୟ ଲେନ୍
ରାୟଗଡ଼-୭୬୫୦୦୧
ମୂଲ୍ୟ : ୩୫୦ ଟଙ୍କା

କବି ସୁଶାନ୍ତ କୁମାର ନାୟକଙ୍କ ସଂପାଦନାରେ ପ୍ରକାଶ ପାଇଛି 'ଆମ ପଞ୍ଚବଟୀ'ର ଶାରଦୀୟ ବିଶେଷାଙ୍କ-୨୦୨୬। 'କାହାଣୀ ବିଭାଗ'ରେ ବିଭୂତି ପଟ୍ଟନାୟକ, ଗୌରହରି ଦାସ, ଅରବିନ୍ଦ ରାୟ, କୃପାସାଗର ସାହୁ, ରବି ପଣ୍ଡା ପ୍ରମୁଖ କଥାକାରଙ୍କ ମନଛୁଆଁ ଗପ ପ୍ରକାଶ ପାଇଛି। ସେହିପରି ପ୍ରବନ୍ଧ ବିଭାଗରେ ଡ. ବାବାଜୀ ଚରଣ ପଟ୍ଟନାୟକ, ପ୍ରଫେସର ବିଜୟାନନ୍ଦ ସିଂହ, ଅଧ୍ୟାପକ ବିଶ୍ୱରଞ୍ଜନ, ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦଙ୍କ ତଥ୍ୟ ଭିତ୍ତିକ ଆଲୋଚନା ଉଚ୍ଚକୋଟୀର ହୋଇଛି। ସେଭଳି ହରପ୍ରସାଦ ଦାସ, ଫନୀ ମହାନ୍ତି, ବଂଶୀଧର ଷଡ଼ଙ୍ଗୀ, ଅମରେଶ ପଟ୍ଟନାୟକ ପ୍ରମୁଖ ବହୁ ବରିଷ୍ଠକବିଙ୍କ ମାର୍ମିକ କବିତାରେ ସମୃଦ୍ଧ 'ଆମ ପଞ୍ଚବଟୀ'। କବି ଅଶ୍ୱିନୀ କୁମାର ମିଶ୍ର ଓ ଡକ୍ଟର ପ୍ରଦୀପ କୁମାର ମିଶ୍ରଙ୍କ ଦୁଇଟି ଚମତ୍କାର ସାକ୍ଷାତକାର ପ୍ରକାଶ ପାଇଛି। ଗୀତି କବିତା, ସନେଟ୍, ଗଦ୍ୟ କବିତା ଆଦି ମଧ୍ୟ ହୃଦୟସ୍ପର୍ଶୀ ହୋଇଛି। ଓଡ଼ିଶାର ବହୁ ବରିଷ୍ଠ ଓ ଯୁବ କବି, କଥାକାର, ପ୍ରାବନ୍ଧିକଙ୍କ ଉଚ୍ଚକୋଟୀର ଓ ହୃଦୟସ୍ପର୍ଶୀ ଲେଖାରେ ସମୃଦ୍ଧ 'ଆମ ପଞ୍ଚବଟୀ' ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ। ■

ଶୋଭନା

ସଂପାଦକ: ବିଧୁଭୂଷଣ ପଟ୍ଟନାୟକ

କ୍ୱାର୍ଟର ନଂ:୨ ଆର୍‌ଏ-୬୦
ରୋଡ୍-୭, ୟୁନିଟ୍-୯
ଭୁବନେଶ୍ୱର
ମୂଲ୍ୟ : ୧୫୦ ଟଙ୍କା

ମହିଳା ପତ୍ରିକାର ନବଦିଗନ୍ତ 'ଶୋଭନା'ର ଉତ୍ସବ ବିଶେଷ ସଂଖ୍ୟା ବିଧୁଭୂଷଣ ପଟ୍ଟନାୟକଙ୍କ ସଂପାଦନାରେ ପ୍ରକାଶ ପାଇଛି। ଓଡ଼ିଶାର ଅନେକ ପ୍ରତିଷ୍ଠିତ କଥାକାରଙ୍କ ଗଳ୍ପରେ ସମୃଦ୍ଧ 'ଶୋଭନା'ର ଉତ୍ସବ ବିଶେଷ ସଂଖ୍ୟାଟି। ବିଭୂତି ପଟ୍ଟନାୟକଙ୍କ 'ସ୍ୱପ୍ନର ସୌଦାଗର', ସତ୍ୟ ମିଶ୍ରଙ୍କ 'ନାଥ ମାଷ୍ଟ୍ରଙ୍କ ଅସ୍ଥି', ପରେଶ କୁମାର ପଟ୍ଟନାୟକଙ୍କ 'ବିଲ୍‌ବୋର୍ଡର ସୁନ୍ଦରୀ', ବନଜ ଦେବୀଙ୍କ 'ଉଆଁସୀ ଜହ୍ନ', ଯଶୋଧାରା ମିଶ୍ରଙ୍କ 'ନୂଆ ଦେଶ', ଭୀମ ପୃଷ୍ଟିଙ୍କ 'ପେଟଭଡ଼ା', କ୍ଷୀରୋଦ ଦାସଙ୍କ 'ବଗଲା ବଗୁଲି କଥା', ସରୋଜିନୀ ସାହୁଙ୍କ 'ସୁଖରେ ଅଛି', ରବି ପଣ୍ଡାଙ୍କ 'ଦୁଃଖର ନଦୀତୀରେ...' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି। ସେହିପରି ସୁପ୍ରିୟା ପଣ୍ଡା, ମନୋଲିସା ମିଶ୍ର, ଗିରୀଶ ସାହୁ, ଚିରଶ୍ରୀ ଇନ୍ଦ୍ରସିଂ, ଜୟନ୍ତୀ ରଥ, ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, ଆଦିକନ୍ଦ ସାହୁ, ନିବାରଣ ଜେନା, ରବି ସ୍ୱାଇଁ ପ୍ରମୁଖଙ୍କ ଗପଗୁଡ଼ିକ ମଧ୍ୟ ହୃଦୟସ୍ପର୍ଶୀ ହୋଇଛି। 'ଶୋଭନା'ରେ ପ୍ରକାଶିତ ଗପଗୁଡ଼ିକରେ ସାଂପ୍ରତିକ ସମାଜର ବାସ୍ତବ ଚିତ୍ର, ମଣିଷର ଜୀବନ ଯନ୍ତ୍ରଣା, ଆବେଗ, ମାନବିକତା ପ୍ରତିଫଳିତ ହୋଇଛି। 'ଶୋଭନା'ର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

ସୌରଭ

ସଂପାଦକ: ଇଂ. ସରୋଜ କୁମାର ମହାପାତ୍ର, ଇଂ. ପ୍ରଦୀପ କୁମାର ଷଡ଼ଙ୍ଗୀ, ସୁଶାନ୍ତ ଦାଶ

ଗଞ୍ଜାମ ଜିଲ୍ଲା ପୁସ୍ତକ ମେଳା କମିଟି
୬-ବାପୁଜୀ ନଗର, ବ୍ରହ୍ମପୁର-୭୬୦୦୦୪
ମୂଲ୍ୟ : ୧୧୧ ଟଙ୍କା

'ଗଞ୍ଜାମ ପୁସ୍ତକ ମେଳା କମିଟି' ପକ୍ଷରୁ ପ୍ରକାଶ ପାଇଛି 'ସୌରଭ'ର ପଞ୍ଚଦଶ ବର୍ଷ ଶାରଦୀୟ -୨୦୨୬ ସଂଖ୍ୟା। ଓଡ଼ିଶାର ଅନେକ ପ୍ରତିଷ୍ଠିତ ଓ ଯୁବ ଲେଖକଙ୍କ ହୃଦୟସ୍ପର୍ଶୀ କବିତା, ଗପ, ପ୍ରବନ୍ଧ, ଗୀତି କବିତା ଆଦିରେ 'ସୌରଭ' ସମୃଦ୍ଧଶାଳୀ ହୋଇଛି। କବି ସୌଭାଗ୍ୟ କୁମାର ମିଶ୍ର, ନୃସିଂହ ତ୍ରିପାଠୀ, ବଂଶୀଧର ଷଡ଼ଙ୍ଗୀ, ଅପର୍ଣ୍ଣା ମହାନ୍ତି, ହୃଷିକେଶ ମଲ୍ଲିକ, ସେନାପତି ପ୍ରଦ୍ୟୁମ୍ନ କେଶରୀ ପ୍ରମୁଖଙ୍କ କବିତାରେ ମଣିଷର ଜୀବନାନୁଭୂତି, ମାନବୀୟ ଭାବାବେଗ, ସାମାଜିକ ବାସ୍ତବତା ଅତି ମାର୍ମିକ ଭାବେ ପ୍ରତିଫଳିତ ହୋଇଛି। ସେହିପରି ଅନୀଲ କୁମାର ପାଢ଼ୀ, ଅଜୟ ମହାପାତ୍ର, ଭାଗ୍ୟଲକ୍ଷ୍ମୀ ମହାରଣା, ଶୁଭଶ୍ରୀ ଶୁଭସ୍ମିତା ମିଶ୍ର, ପାର୍ଥ ସାରଥୀ ରାଉତ ପ୍ରମୁଖଙ୍କ ଗପଗୁଡ଼ିକ ମନଛୁଆଁ ହୋଇଛି। ସେଭଳି କମ୍ବୁପାଣି ସାମନ୍ତ, ଶାନ୍ତନୁ କୁମାର ରଥ, ନିଖିଳାନନ୍ଦ ପାଣିଗ୍ରାହୀ, ଦିଲୀପ କୁମାର ସ୍ୱାଇଁ, ଶରତ କୁମାର ଜେନା ପ୍ରମୁଖଙ୍କ ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର ହୋଇଛି। 'ସୌରଭ' ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ। ■

କନେଷ୍ଟବଳ ନିଯୁକ୍ତିରେ ବୟସ ବିବାଦ

ଏସ୍‌ଇବିସିଙ୍କୁ ୨.୦୧% ସଂରକ୍ଷଣ; ଚାକିରିରୁ ବଞ୍ଚିତ ହେବେ ୨୩ ଜିଲ୍ଲାର ଆଶାୟୀ

ଭୁବନେଶ୍ୱର, ୨୪।୧୦(ସମିସ): ଓଡ଼ିଶା ୟୁନିଫର୍ମଡ୍ ସର୍ଭିସେସ୍ ଷ୍ଟାଫ୍ ସିଲେକ୍ସନ୍ କମିସନ (ଓୟୁଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ୭ ହଜାର ୨୬୮ଟି ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ବୟସକୁ ନେଇ ବିବାଦ ଦେଖାଦେଇଛି। ସିଭିଲ୍ କନେଷ୍ଟବଳ ପାଇଁ ସର୍ବାଧିକ ବୟସ ସୀମା ୨୬ ବର୍ଷ ଧାର୍ଯ୍ୟ କରାଯାଇଛି। ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଏସ୍‌ଇବିସି ଓ ମହିଳାଙ୍କ ପାଇଁ ଅଧିକ ପାଞ୍ଚ ବର୍ଷ ବୟସ କୋହଳ କରାଯାଇଛି। ମାତ୍ର ଏସବୁ ସଂରକ୍ଷିତ ବର୍ଗ ବିଶେଷ କରି ଏସ୍‌ଇବିସି (ସାମାଜିକ ଆର୍ଥିକ ଦୃଷ୍ଟିରୁ ପଛୁଆ) ବର୍ଗରେ କୌଣସି ପଦ ନ ଥିବାରୁ ଆଶାୟୀମାନେ ଆବେଦନରୁ ବଞ୍ଚିତ ହେବା ଏକପ୍ରକାର ନିଶ୍ଚିତ ହୋଇଛି। ଯାହାକୁ ନେଇ ଅସନ୍ତୋଷ ଦେଖାଦେବା ସହ ଏସ୍‌ଇବିସିଙ୍କ ପାଇଁ ୧୧.୨୫ ପ୍ରତିଶତ ସଂରକ୍ଷଣ କୁଆଡ଼େ ଗଲା ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସିଭିଲ୍ କନେଷ୍ଟବଳ ପାଇଁ ସର୍ବାଧିକ ୪୨୧୯ ଟି ପଦ ରହିଛି। ଏସ୍‌ଇବିସି ବର୍ଗ ପାଇଁ ମାତ୍ର ୨.୦୧ ପ୍ରତିଶତ ପଦ ସଂରକ୍ଷିତ ରହିଛି। ୨୩ଟି ପୁଲିସ ଜିଲ୍ଲାରେ ଗୋଟିଏ ହେଲେ ବି ପଦ ଏସ୍‌ଇବିସି ବର୍ଗଙ୍କ ପାଇଁ ସଂରକ୍ଷିତ ନାହିଁ। ଅପରପକ୍ଷରେ ଏହି ବର୍ଗର ପ୍ରାର୍ଥୀଙ୍କୁ ସର୍ବାଧିକ ବୟସ ସୀମାରୁ ୫ ବର୍ଷ ଅଧିକ ଅର୍ଥାତ୍ ୩୧ ବର୍ଷ ଯାଏଁ ଆବେଦନ

- ପଛୁଆ ବର୍ଗଙ୍କୁ ୧୧.୨୫% ସଂରକ୍ଷଣ ଦାବି
- ସ୍ଥଗିତ ରଖାଯାଉ ଏକକ ସଂରକ୍ଷଣ ବ୍ୟବସ୍ଥା
- ଓଆଇଏସ୍ଏଫ୍ କନେଷ୍ଟବଳ ଆବେଦନରୁ ବଞ୍ଚିତ ହେବେ ଆଶାୟୀ

କରିବାର ସୁଯୋଗ ରହିଛି। ନିୟମ ଅନୁଯାୟୀ ଜଣେ ପ୍ରାର୍ଥୀ କେବଳ ଗୋଟିଏ ସଂରକ୍ଷଣ ସୁବିଧା ନେଇପାରିବେ। ଅର୍ଥାତ୍ ବୟସରେ ସଂରକ୍ଷଣ ପାଉଥିବା ଏସ୍‌ଇବିସି ପ୍ରାର୍ଥୀମାନେ ସାଧାରଣ ବା ଅଣ-ସଂରକ୍ଷିତ ବର୍ଗରେ ଚୟନ ହୋଇପାରିବେ ନାହିଁ। ଜିଲ୍ଲା ଭିତ୍ତିରେ ସିଭିଲ୍ କନେଷ୍ଟବଳ ନିଯୁକ୍ତି କରାଯିବ। ଏଣୁ ଜିଲ୍ଲାରେ କୌଣସି ପଦ ସଂରକ୍ଷିତ ନ ଥିବାରୁ ୨୬ ବର୍ଷରୁ ଅଧିକ ହୋଇଥିବା ଆଶାୟୀମାନେ ନିଯୁକ୍ତି ପାଇବାର ବାଟ ବନ୍ଦ ହୋଇଯାଇଛି। ବିଶେଷଜ୍ଞଙ୍କ କହିବା କଥା, ସରକାର ଯଦି ଏକକ ସଂରକ୍ଷଣ ନିୟମକୁ ଲାଗୁ କରୁଛନ୍ତି, ତାହେଲେ ଏସ୍‌ଇବିସିଙ୍କ ପାଇଁ ୧୧.୨୫ ପ୍ରତିଶତ ସଂରକ୍ଷଣ କୁଆଡ଼େ ଗଲା? ମାତ୍ର ୨.୦୧ ପ୍ରତିଶତ ସଂରକ୍ଷଣ ଦେଇ ସରକାର ଏହି ବର୍ଗର ଆଶାୟୀଙ୍କୁ ପ୍ରତାରଣା କରି ନାହାନ୍ତି କି? ସରକାରଙ୍କ ଏହି ନିଷ୍ପତ୍ତି ପାଇଁ ୨୩ଟି ଜିଲ୍ଲାର ଆଶାୟୀମାନେ ଚାକିରି ଆଶା ସବୁଦିନ ପାଇଁ ହରେଇବାକୁ ବସିଛନ୍ତି। ସରକାର ଯଦି ଏକକ ସଂରକ୍ଷଣ ଲାଗୁ କରୁଛନ୍ତି, ତାହାଲେ ଏସ୍‌ଇବିସି ବର୍ଗର ଆଶାୟୀଙ୍କୁ ଉପଯୁକ୍ତ ସଂରକ୍ଷଣ ଦିଅନ୍ତୁ। ଅନ୍ୟଥା ଏକକ ସଂରକ୍ଷଣ ବ୍ୟବସ୍ଥା ସ୍ଥଗିତ ରଖିବାକୁ ଦାବି ହୋଇଛି।

ଅପରପକ୍ଷରେ ୨୦୧୬ ମସିହା ପରେ ୧୦ ବର୍ଷ ପରେ ଯାଇ ଚଳିତ ବର୍ଷ ଓଆଇଏସ୍ଏଫ୍ କନେଷ୍ଟବଳ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିପାଇଁ ସର୍ବୋଚ୍ଚ ବୟସ ସୀମା ୨୩ ବର୍ଷ ରଖାଯାଇଥିବାବେଳେ ସଂରକ୍ଷିତ ବର୍ଗର ପ୍ରାର୍ଥୀମାନେ ୫ ବର୍ଷର ସୁବିଧା ପାଇପାରିବେ। ଅର୍ଥାତ୍ ୨୦୧୬ ରେ ୧୮ ବର୍ଷ ହୋଇ ନଥିବା ଆଶାୟୀମାନେ ଚଳିତ ବର୍ଷ ବୟସାଧିକ୍ୟ କାରଣରୁ ଆଉ ଚଳିତବର୍ଷ ଆବେଦନ କରିପାରିବେ ନାହିଁ। ଏହି ସମୟ ମଧ୍ୟରେ ପୁଲିସ ଚାକିରି ପାଇଁ ପ୍ରସ୍ତୁତି କରୁଥିବା ଆଶାୟୀଙ୍କ କେଉଁଠି ଭୁଲ୍ ରହିଲା ଯେ ସରକାର ସେମାନଙ୍କୁ ଆବେଦନ କରିବାରୁ ବଞ୍ଚିତ କରୁଛନ୍ତି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ଓଆଇଏସ୍ଏଫ୍ କନେଷ୍ଟବଳର ବୟସ ସୀମା ବଢ଼ାଇବାକୁ ଦାବି ହୋଇଛି।

ଆକାଶବାଣୀ, କଟକର ନୂଆ କାର୍ଯ୍ୟକ୍ରମ ‘ଅଚିହ୍ନା ମୁହଁ ଅକୁହା କଥା’

କଟକ,୨୪।୧୦(ସମିସ): ଆକାବାଣୀ, କଟକ କେନ୍ଦ୍ର ପକ୍ଷରୁ ଏକ ନୂଆ କାର୍ଯ୍ୟକ୍ରମ ‘ଅଚିହ୍ନା ମୁହଁ ଅକୁହା କଥା’ ପ୍ରସାରଣ ଆରମ୍ଭ ହୋଇଛି। ବିଭିନ୍ନ କ୍ଷେତ୍ର ରେ ଜୀବନ ସଂଗ୍ରାମ ରେ ସମାଜ ରେ ନିଜକୁ ଆଗକୁ ନେଉଥିବା ଚରିତ୍ର ମାନଙ୍କର ଜୀବନର କଥା ଏହି କାର୍ଯ୍ୟକ୍ରମ ରେ ସ୍ଥାନିତ ହେଉଛି। ବିନୟ କୁମାର ସାମନ୍ତରାୟ ଙ୍କ ଦ୍ୱାରା ପ୍ରଯୋଜିତ ଏହି କାର୍ଯ୍ୟକ୍ରମ ଅକ୍ଟୋବର ମାସ ଆରମ୍ଭରୁ ପ୍ରତି ରବିବାର ଦିନ ୧୦ ଘଟିକାରେ ପ୍ରସାରିତ ହେଉଛି।

କୋଟିଆରେ ନିର୍ବାଚନ ପାଇଁ ଉତ୍କଳ ସମ୍ମିଳନୀର ଉଦ୍‌ବେଗ

ଭୁବନେଶ୍ୱର,୨୪।୧୦(ସମିସ): କୋଟିଆରେ ଆନ୍ଧ୍ରର ନିର୍ବାଚନ ପରିପ୍ରେକ୍ଷୀରେ ଶନିବାର ଅଶୋକ ନଗର ସ୍ଥିତ ଉତ୍କଳ ସମ୍ମିଳନୀ କାର୍ଯ୍ୟାଳୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବୈଠକରେ କେନ୍ଦ୍ରୀୟ ଓ ଶାଖା କର୍ମକର୍ତ୍ତାଙ୍କ ସହିତ ଆଜୀବନ ସଦସ୍ୟମାନେ ଉପସ୍ଥିତ ରହି କୋଟିଆରେ ଆନ୍ଧ୍ରର ଅନୁପ୍ରବେଶକୁ ନିନ୍ଦା କରିଥିଲେ। କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିଲେ ମଧ୍ୟ ଆମ ରାଜ୍ୟରେ ଦୃଢ଼ ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ଯୋଗୁଁ ଆନ୍ଧ୍ର ପ୍ରଦେଶ ପ୍ରଶାସନ ବାରମ୍ବାର ଅନୁପ୍ରବେଶ କରି ନିର୍ବାଚନ କରିବା ସହିତ ତାଙ୍କର ସ୍ଥିତି ଜାହିର କରିବା ପାଇଁ ପ୍ରୟାସ କରୁଛି। ୨୦୦୬ ମସିହା ମାର୍ଚ୍ଚ ୩୦ ତାରିଖ ଦିନ ଭାରତର ସର୍ବୋଚ୍ଚ ଅଦାଲତ କୋଟିଆ ଉପରେ ସ୍ଥିତାବସ୍ଥା ଜାରି କରି କହିଥିଲେ ଯେ ସୀମା ବିବାଦ ସଂକ୍ରାନ୍ତୀୟ ସମସ୍ୟା କେବଳ ସଂସଦରେ ହିଁ ସମାଧାନ ହୋଇପାରିବ, ଏହା ସୁପ୍ରିମକୋର୍ଟର ପରିସର ବାହାରେ ଅଛି। ଓଡ଼ିଶାର ସାଂସଦମାନେ ଏଥିପାଇଁ ଏକ ହୋଇ ଦିଲ୍ଲୀରେ ସ୍ୱର ଉତ୍ତୋଳନ କରନ୍ତୁ, ଅତିଶୀଘ୍ର ଓଡ଼ିଶାର ମୁଖ୍ୟମନ୍ତ୍ରୀ କୋଟିଆ ଗସ୍ତ କରନ୍ତୁ, କୋଟିଆରେ ରାଜ୍ୟ ସରକାରଙ୍କ ଏକ ସ୍ୱତନ୍ତ୍ର କ୍ୟାବିନେଟ ବୈଠକ ଡକାନ୍ତୁ, କୋଟିଆରେ ଭାଗବତ ଟୁଙ୍ଗୀ ପ୍ରତିଷ୍ଠା କରାଯାଇ ସେଠାରେ ଭାଗବତ ଓ ସାରଳା ମହାଭାରତ ପାଠ କରାଯାଉ, ଭାଗବତ ଟୁଙ୍ଗୀରେ ପୁରାଣ ପଣ୍ଡାଙ୍କୁ ନିଯୁକ୍ତି

ଦିଆଯାଇ ପାରିଶ୍ରମିକ ଦିଆଯାଉ, କୋଟିଆର ପ୍ରତ୍ୟେକ ଗ୍ରାମରେ ଗ୍ରାମ ସାଥୀ ଓ ସହାୟକ ନିଯୁକ୍ତି କରାଯାଇ ପ୍ରତ୍ୟେକ ଦିନର ରିପୋର୍ଟ ଜିଲ୍ଲାପାଳଙ୍କୁ ଦିଆଯାଉ ବୋଲି ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମାଙ୍କ ଆବାହକତ୍ୱରେ ଓ ସମ୍ମିଳନୀର ରାଜ୍ୟ ସଭାପତି ଅନନ୍ତ ପ୍ରସାଦ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଦାବି କରାଯାଇଥିଲା। ଏହାସହିତ ଆନ୍ଧ୍ର ସୀମା ସିଲ୍ କରାଯାଇ କୋଟିଆରେ ପ୍ରବେଶ ପାଇଁ ଅନୁମତି ଦିଆନଯାଉ ଓ ଅନୁପ୍ରବେଶକାରୀଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବୈଠକରେ ଦାବି କରାଯାଇଛି। ଏହି ବୈଠକରେ ଉତ୍କଳ ସମ୍ମିନଳୀର ଉପସଭାପତି ଡ. ସୁରେନ୍ଦ୍ର ମିଶ୍ର, ଖୋର୍ଦ୍ଧା ଶାଖା ସଭାପତି ଶକ୍ତି ମିଶ୍ର, ଭୁବନେଶ୍ୱର ଶାଖା ସଭାପତି ସୁବ୍ରତ ମହାପାତ୍ର, ବରିଷ୍ଠ ସଦସ୍ୟ ସୁବାସ ଚନ୍ଦ୍ର ଦାସ, ଅମୀର ପ୍ରସାଦ ସାହୁ ପ୍ରମୁଖ ସଦସ୍ୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଓଡ଼ିଶା ସମେତ ୬ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ବିରୋଧରେ ବେଣୁଗୋପାଳଙ୍କ କାର୍ଯ୍ୟାନୁଷ୍ଠାନ ଦାବି

ନୂଆଦିଲ୍ଲୀ,୨୪।୧୦(ଏଜେନ୍ସି): ସଂସଦୀୟ ଆକାଉଣ୍ଟସ୍ କମିଟି (ପିଏସି) ବୈଠକରେ ହାଜର ନହେବାରୁ, ବରିଷ୍ଠ କଂଗ୍ରେସ ନେତା ତଥା ଚଇଉ ଅଧ୍ୟକ୍ଷ କେସି ବେଣୁଗୋପାଳ ୬ଟି ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ବିରୋଧରେ ସଂସଦୀୟ ବିଶେଷାଧିକାର ଭଙ୍ଗ ମାମଲାରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅକ୍ଟୋବର ୨୨ରେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଲେଖିଥିବା ପତ୍ରରେ ବେଣୁଗୋପାଳ ଓଡ଼ିଶା, ଉତ୍ତର ପ୍ରଦେଶ, କର୍ଣ୍ଣାଟକ, ପଞ୍ଜାବ, ବିହାର ଏବଂ ମଧ୍ୟ ପ୍ରଦେଶର ମୁଖ୍ୟ ଶାସନ ସଚିବମାନଙ୍କ ବିରୋଧରେ ଏହି ଅଭିଯୋଗ ଆଣିଛନ୍ତି। କମିଟି ସର୍ବସମ୍ମତିକ୍ରମେ ସେମାନଙ୍କ ଅନୁପସ୍ଥିତିକୁ ସଂସଦୀୟ ବିଶେଷାଧିକାରର ଉଲ୍ଲଂଘନ ଭାବେ ଗ୍ରହଣ କରିଛି। ତଫସିଲଭୁକ୍ତ ଜାତି (ଏସ୍‌ସି) ଛାତ୍ରଛାତ୍ରୀଙ୍କ ସ୍କଲାରସିପ୍ ଯୋଜନାରେ ଅନିୟମିତତା ନେଇ ୨୦୨୫ର ସିଏଜି ରିପୋର୍ଟ ଆଧାରରେ କମିଟି ଯାଞ୍ଚ କରୁଛି। ଛାତ୍ରବୃତ୍ତି ବଣ୍ଟନ ଓ ଯୋଜନା କାର୍ଯ୍ୟକାରିତାର ସମୀକ୍ଷା ପାଇଁ ଅଧିକାରୀମାନଙ୍କୁ ସମନ ଜାରି କରାଯାଇଥିଲା। କୌଣସି ଅନୁମତି ବିନା ବୈଠକରେ ଯୋଗ ନଦେବା ସଂସଦ ପ୍ରତି ଉତ୍ତରଦାୟିତ୍ୱର ଅବମାନନା ବୋଲି ବେଣୁଗୋପାଳ ଦର୍ଶାଇଛନ୍ତି। ଏହା ସହିତ ଓଡ଼ିଶା, ଉତ୍ତର ପ୍ରଦେଶ ଏବଂ ବିହାରର ସାମାଜିକ କଲ୍ୟାଣ ବିଭାଗ ସଚିବମାନେ ହାଜର ନହୋଇଥିବାରୁ ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ପାଇଁ ବାଚସ୍ପତିଙ୍କୁ ଅନୁରୋଧ କରାଯାଇଛି। ତେବେ କର୍ଣ୍ଣାଟକ ଓ ପଞ୍ଜାବର ସାମାଜିକ କଲ୍ୟାଣ ସଚିବ ଏବଂ ବିହାରର ଶିକ୍ଷା ସଚିବ କମିଟି ଆଗରେ ହାଜର ହୋଇ ସାକ୍ଷ୍ୟ ପ୍ରଦାନ କରିଥିଲେ। ବାଚସ୍ପତି ଏହି ବିଷୟରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବେଣୁଗୋପାଳ ନିବେଦନ କରିଛନ୍ତି।

■ ଜାଲ୍ ପରିଚୟ, ମିଥ୍ୟା ବିବାହ ପ୍ରତିଶ୍ରୁତି ମାମଲା

୨୦ ମହିଳା କନ୍‌ଷ୍ଟେବଳଙ୍କଠୁ ୨୪ ଲକ୍ଷ ଠକିନେଲା ଯୁବକ

ନୂଆଦିଲ୍ଲୀ,୨୪।୧୦(ଏଜେନ୍ସି): ବିବାହର ମିଥ୍ୟା ପ୍ରତିଶ୍ରୁତି ଓ ଧନୀ ବ୍ୟବସାୟୀଙ୍କ ଜାଲ୍ ପରିଚୟ ଦେଇ ମହିଳା ପୁଲିସ କନଷ୍ଟେବଳମାନଙ୍କୁ ଲକ୍ଷାଧିକ ଟଙ୍କା ଠକେଇ କରିବା ଅଭିଯୋଗରେ ଦିଲ୍ଲୀ ପୁଲିସ ବିକ୍ରାନ୍ତ ତୋମାର (୨୩) ନାମକ ଜଣେ ଯୁବକଙ୍କୁ ବୁରାଡ଼ି ଅଞ୍ଚଳରୁ ଗିରଫ କରିଛି। ଅଭିଯୋଗ ଅନୁଯାୟୀ, କରୋଲ ବାଗ୍ ଥାନାରେ ନିୟୋଜିତ ମହିଳା କନଷ୍ଟେବଳ ଶିବାନୀଙ୍କୁ ବିକ୍ରାନ୍ତ ପ୍ରାୟ ୨୪ ଲକ୍ଷ ଟଙ୍କା ଠକି ନେଇଛି। ସେ ଇନଷ୍ଟାଗ୍ରାମ ମାଧ୍ୟମରେ ଯୋଗାଯୋଗ କରି ନିଜକୁ କ୍ରିକେଟ୍ ଜଗତର ଜଣେ ପ୍ରଭାବଶାଳୀ ବ୍ୟକ୍ତି ଓ ଧନୀ ବ୍ୟବସାୟୀ ଭାବେ ଉପସ୍ଥାପିତ କରିଥିଲା। ନିବେଶରେ ଅଧିକ ଲାଭର ପ୍ରଲୋଭନ ଦେଖାଇ ସେ ଟଙ୍କା ହଡ଼ପ କରିଥିଲା। ଏହି ଅର୍ଥରୁ ପ୍ରାୟ ୮ ଲକ୍ଷ ଟଙ୍କା ‘୧ଏକ୍ସବେଟ୍‌କମ୍’ବେଟିଂ ପ୍ଲାଟଫର୍ମ ସହ ଜଡ଼ିତ ଆକାଉଣ୍ଟକୁ ପଠାଯାଇଥିବା ଜଣାପଡ଼ିଛି। ପୁଲିସ ଅନୁଯାୟୀ, ବିକ୍ରାନ୍ତ ଭଡ଼ାରେ ଦାମୀ କାର୍ ଆଣି ନିଜର ଆଭିଜାତ୍ୟ ଦେଖାଉଥିଲେ। ତାଙ୍କର ଲିଭ୍-ଇନ୍ ସହଯୋଗୀ ଦିଲ୍ଲୀ ପୁଲିସର ଜଣେ ମହିଳା କନଷ୍ଟେବଳ ଥିଲେ। ଉକ୍ତ ମହିଳାଙ୍କ ବ୍ୟାଚ୍‌ମେଟ୍ ମାନଙ୍କ ତଥ୍ୟ ବ୍ୟବହାର କରି ପ୍ରାୟ ୨୦ ଜଣ ମହିଳା କନଷ୍ଟେବଳଙ୍କୁ ବିକ୍ରାନ୍ତ ଟାର୍ଗେଟ୍ କରିଥିଲା। ବିକ୍ରାନ୍ତଙ୍କ ବିରୋଧରେ ପୂର୍ବରୁ ୫ଟି ଠକେଇ ମାମଲା ରହିଛି ଏବଂ ସେ ଜୁନ୍‌ରେ ଜାମିନରେ ଆସିଥିଲା। ବର୍ତ୍ତମାନ ସାଇବର ପୁଲିସ ଏହି ମାମଲାର ଅଧିକ ତଦନ୍ତ ଚଳାଇଛି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଉଗ୍ର ହେଉଛି...

୨୭ରୁ ୨୯ ତାରିଖ ଯାଏଁ ରାଜ୍ୟବାପୀ ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ସହ ବିଭିନ୍ନ ସ୍ଥାନରେ ପବନର ପ୍ରଭାବ ରହିବ।

ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସୂଚନା ଅନୁଯାୟୀ ପୂର୍ବ-କେନ୍ଦ୍ରୀୟ ଓ ସଂଲଗ୍ନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଥିବା ସୁସ୍ପଷ୍ଟ ଲଘୁଚାପ ଶନିବାର ସନ୍ଧ୍ୟା ସୁଦ୍ଧା ଅବପାତରେ ପରିଣତ ହୋଇଛି। ଆସନ୍ତା ୨୫ ତାରିଖରେ ଏହା ଗଭୀର ଅବପାତ ଏବଂ ୨୬ ତାରିଖ ସକାଳ ସୁଦ୍ଧା ବାତ୍ୟାରେ ପରିଣତ ହେବାର ଆକଳନ କରାଯାଇଛି। ଏହାପରେ ବାତ୍ୟା ଆହୁରି ଶକ୍ତିଶାଳୀ ହୋଇ ୨୭ ଅକ୍ଟୋବର ସକାଳ ସୁଦ୍ଧା ଭୀଷଣ ବାତ୍ୟାରେ ପରିଣତ ହେବ। ପରବର୍ତ୍ତୀ ସମୟରେ ଏହା ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଅତି ଭୀଷଣ ବାତ୍ୟାର ରୂପ ନେବାର ସମ୍ଭାବନା ରହିଛି। ଏହି ବାତ୍ୟା ପ୍ରଭାବରେ ୨୭ ତାରିଖ ବେଳକୁ ଜଗତସିଂହପୁର, ରାୟଗଡା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ ଓ ପୁରୀ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡା, କଟକ, କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ, ନବରଙ୍ଗପୁର, ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାରେ ମଧ୍ୟ ପ୍ରବଳ ବର୍ଷା ସମ୍ଭାବନା ଥିବାବେଳେ ଉପରୋକ୍ତ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବାତ୍ୟାର ପ୍ରଭାବ ଆସନ୍ତା ୨୮ ତାରିଖରେ ଓଡ଼ିଶା ଉପରେ ସର୍ବାଧିକ ରହିବ। ବିଶେଷକରି ରାୟଗଡା, କୋରାପୁଟ, ମାଲକାନଗିରି, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ତଥା ସ୍ଥାନେ ସ୍ଥାନେ ଅତିରୁ ଅତିପ୍ରବଳ ବର୍ଷା ହେବାର ଆଶଙ୍କା ଥିବାରୁ ଉକ୍ତ ଜିଲ୍ଲାଗୁଡ଼ିକୁ ରେଡ ୱାର୍ଣ୍ଣିଂ ।ରି କରାଯାଇଛି। ସେହିପରି ଭାବେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ପୁରୀ, ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଉପରୋକ୍ତ ଜିଲ୍ଲାଗୁଡ଼ିକରେ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ଏବଂ ବେଳେବେଳେ ୬୦ କିମି ବେଗରେ ଝଟକା ପବନ ବହିବାର ସମ୍ଭାବନା ଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର। ଏହାବ୍ୟତୀତ ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ବରଗଡ, ଦେବଗଡ, ଅନୁଗୋଳ, ଢେଙ୍କାନାଳ ଓ କେନ୍ଦୁଝରରେ ମଧ୍ୟ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ବେଳେ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୨୯ ତାରିଖରେ ମଧ୍ୟ ବାତ୍ୟାର ପ୍ରବାବ ବିଭିନ୍ନ ଜିଲ୍ଲାରେ ଅନୁଭୂତ ହେବ। ଉକ୍ତଦିନ ୬ଟି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ଓ ପବନ ଆଶଙ୍କା ଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଥିବାବେଳେ ୧୧ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ଶୂନ୍ୟ ମୃତ୍ୟୁକୁ...

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଏହି ବାତ୍ୟା ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ମଧ୍ୟରେ ୨୮ ତାରିଖରେ ସ୍ଥଳଭାଗ (ଲ୍ୟାଣ୍ଡଫଲ୍) ଛୁଇଁବ। ତେବେ ଆନ୍ଧ୍ରପ୍ରଦେଶ ଉପକୂଳରେ ସ୍ଥଳଭାଗ ଛୁଇଁବାର ଅଧିକ ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହେବ ଏବଂ ପ୍ରାୟ ୮୦ ରୁ ୯୦ କିଲୋମିଟର ବେଗରେ ପବନ ହେବାର ସମ୍ଭାବନା ରହିଛି। ବିଶେଷକରି ଦକ୍ଷିଣ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ଅଧିକ ବର୍ଷା ଓ ପବନ ବହିବାର ସମ୍ଭାବନା ରହିଛି। ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ଆଦି ଜିଲ୍ଲା ସର୍ବାଧିକ ପ୍ରଭାବିତ ହେବାର ସମ୍ଭାବନା ଅଛି। ଅନ୍ୟାନ୍ୟ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ମଧ୍ୟ ବର୍ଷାର ସମ୍ଭାବନା ରହିଛି। ଏହି ୫ଟି ଜିଲ୍ଲାରେ ସ୍କୁଲ, କଲେଜ ଏବଂ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ୨୮ ଓ ୨୯ ତାରିଖ ଦିନ ବନ୍ଦ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଅନ୍ୟ ଜିଲ୍ଲା ଗୁଡ଼ିକରେ ସ୍କୁଲ କଲେଜ ଛୁଟି କରିବା ନେଇ ଜିଲ୍ଲାପାଳମାନେ ପରିସ୍ଥିତି ଦେଖି ନିଷ୍ପତ୍ତି ନେବେ। ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ପହଞ୍ଚାଇବା ପାଇଁ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀଗୁଡ଼ିକ ପ୍ରସ୍ତୁତ କରାଯାଇଛି। ବିଶେଷକରି ରୋଗୀ ଓ ଗର୍ଭବତୀ ମହିଳାମାନଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି। ଓଡ୍ରାଫ୍, ଅଗ୍ନିଶମ ଏବଂ ଏନ୍‌ଡିଆର୍‌ଏଫ୍ ଟିମ୍ ନିୟୋଜିତ କରାଯାଇଛି। ପ୍ରାୟ ୬୦ଟି ଓଡ୍ରାଫ୍ ଟିମ୍ ଓ ୧୭ଟି ଏନଡିଆରଏଫ୍ ଟିମ୍‌କୁ ନିୟୋଜିତ କରାଯାଇଛି। ସେହିପରି ୨୨୫ ଟି ଅଗ୍ନିଶମ ଦଳ ସଜାଗ ଅଛନ୍ତି। ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ସତର୍କ କରାଯାଇଛି। ପ୍ରଭାବିତ ଅଞ୍ଚଳର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ସାପ କାମୁଡ଼ା ଇଞ୍ଜେକ୍ସନ୍, ଔଷଧ ଏବଂ ଚିକିତ୍ସା କିଟ୍ ଉପଲବ୍ଧ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ପରିସ୍ଥିତିରେ ତତକ୍ଷଣାତ୍ ରିଷ୍ଟୋରେସନ୍ ପାଇଁ ସମସ୍ତ ଇଞ୍ଜିନିୟରିଂ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ବିଶେଷକରି ରାସ୍ତାଘାଟରେ ପଡ଼ି ଅବରୋଧ ସୃଷ୍ଟି କରୁଥିବା ଗଛଗୁଡ଼ିକୁ ତୁରନ୍ତ ହଟାଇବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତି କରାଯାଇଛି। ଅମଳ ସମୟ ପାଖେଇ ଆସୁଥିବାରୁ, ଚାଷୀ ଭାଇମାନଙ୍କୁ ଆଗୁଆ ସତର୍କ କରି ଫସଲ କାଟି ସୁରକ୍ଷିତ କରି ରଖିବା ପାଇଁ ସଚେତନ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଅଗ୍ନିସେବା ଡିଜି, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶକ୍ତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଳସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ, ସ୍ୱାସ୍ଥ୍ୟ ସଚିବ, ଏସଆରସି ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଆଜି ଆସୁଛନ୍ତି...

ସୂଚନାଯୋଗ୍ୟ ଯେ ଭାରତୀୟ ରିଜର୍ଭ ବ୍ୟାଙ୍କର ନୂତନ ଡାଟା ସେଣ୍ଟର ଏବଂ ସାଇବର ସୁରକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ପ୍ରତିଷ୍ଠା ଭାରତର ଆର୍ଥିକ ବ୍ୟବସ୍ଥାରେ ପ୍ରଯୁକ୍ତିର ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏଗୁଡ଼ିକ ବ୍ୟାଙ୍କର କମ୍ପ୍ୟୁଟିଂ ଆବଶ୍ୟକତା ପୂରଣ କରିବା ଏବଂ ବ୍ୟାଙ୍କ ଓ ବ୍ୟାପକ ଆର୍ଥିକ କ୍ଷେତ୍ର ପାଇଁ ଏକ ସୁରକ୍ଷିତ, ସ୍ଥିର, ବ୍ୟାପକ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ କମ୍ପ୍ୟୁଟିଂ ଇକୋସିଷ୍ଟମ ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛି। ଚାରୋଟି ଅତ୍ୟାଧୁନିକ ଡାଟା ସେଣ୍ଟର ଅନ୍ୟାନ୍ୟ ପ୍ରମୁଖ ପଦକ୍ଷେପ ସହିତ ମିଶନ-କ୍ରିଟିକାଲ୍ ପେମେଣ୍ଟ ଏବଂ ସେଟେଲମେଣ୍ଟ ସିଷ୍ଟମକୁ ପରିଚାଳନା କରିବ। ଏହି ସୁବିଧାକୁ ଅପଟାଇମ୍ ଇନଷ୍ଟିଚ୍ୟୁଟ୍ ଟାୟାର-୪ ମାନକ - ଡାଟା ସେଣ୍ଟର ଭିତ୍ତିଭୂମି ଲାଗି ବିଶ୍ୱ ମାନଦଣ୍ଡ - ପାଇଁ ପ୍ରମାଣିତ କରାଯାଇଛି । ଏହା ବିଶ୍ୱବ୍ୟାପୀ ବିଏଫଏସଆଇ (ବ୍ୟାଙ୍କିଂ, ଆର୍ଥିକ ସେବା ଏବଂ ବୀମା) କ୍ଷେତ୍ରରେ ସର୍ବବୃହତ ଟାୟାର -୪ ପ୍ରମାଣିତ ସୁବିଧା ମଧ୍ୟରୁ ଗୋଟିଏ। ଏହା ଡିଜିଟାଲ୍ ଆର୍ଥିକ ସେବାର ବିସ୍ତାର, ଦକ୍ଷତା ଏବଂ ନିର୍ଭରଯୋଗ୍ୟତାକୁ ବିସ୍ତାର କରିବାରେ ଯୋଗଦାନ କରିବ ଏବଂ ସୁରକ୍ଷିତ ଡିଜିଟାଲ୍ ଭିତ୍ତିଭୂମି ଗଠନ କରିବ ଯାହା ଉପରେ ଭାରତର ବର୍ଦ୍ଧିତ ପ୍ରଯୁକ୍ତି-ଚାଳିତ ଆର୍ଥିକ ଅର୍ଥବ୍ୟବସ୍ଥା ଅଭିବୃଦ୍ଧି କରିପାରିବ। ଏହା କେନ୍ଦ୍ରୀୟ ବ୍ୟାଙ୍କିଂ ସମୁଦାୟ ମଧ୍ୟରେ ଡିଜିଟାଲ୍ ଭିତ୍ତିଭୂମିରେ ଏକ ନେତୃତ୍ୱ ଭାବରେ ରିଜର୍ଭ ବ୍ୟାଙ୍କର ଅନନ୍ୟ ସ୍ଥିତିକୁ ମଜବୁତ କରିବାରେ ମଧ୍ୟ ସହାୟକ ହେବ। ସେହିପରି ସାଇବର ସୁରକ୍ଷା ତାଲିମ ପ୍ରତିଷ୍ଠାନ କ୍ଷମତା ନିର୍ମାଣକୁ ମଧ୍ୟ ବୃଦ୍ଧି କରିବ। ଏହା ସାଇବର ସୁରକ୍ଷା ଏବଂ ଉଦ୍ୟୋଗ-ପ୍ରଯୁକ୍ତିବିଦ୍ୟା ତାଲିମ ସହିତ ଗବେଷଣା ଏବଂ କ୍ଷେତ୍ରସ୍ତରୀୟ ଦକ୍ଷତା ବିକାଶ ପାଇଁ ଏକ ଉତ୍ସର୍ଗୀକୃତ ସଂସ୍ଥାଗତ ପ୍ଲାଟଫର୍ମ ପ୍ରଦାନ କରିବ। ଏହି ପ୍ରତିଷ୍ଠାନ କ୍ୱାଣ୍ଟମ୍ କମ୍ପ୍ୟୁଟିଂ, କୃତ୍ରିମ ବୁଦ୍ଧିମତ୍ତା ଏବଂ ଅନ୍ୟାନ୍ୟ ଆଗଧାଡ଼ିର ପ୍ରଯୁକ୍ତିବିଦ୍ୟା ସମେତ ବିଏଫଏସଆଇ କ୍ଷେତ୍ର ସହିତ ପ୍ରାସଙ୍ଗିକ ଅତ୍ୟାଧୁନିକ ପ୍ରଯୁକ୍ତି ଉପରେ ଧ୍ୟାନ ଦେବ।

ଜୀବନ ହାରିଲେ...

ଭତ୍ତା ମିଳି ନ ଥିବାରୁ ଏଥିପାଇଁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ, ଜନସେବା କେନ୍ଦ୍ର ଓ ସମିତି କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହୋଇଥିଲେ। ଔଷଧ କ୍ରୟ ପାଇଁ ଅର୍ଥ ପ୍ରତିବନ୍ଧକ ସାଜିଥିବାରୁ ରୋଗକଷ୍ଟ ସମ୍ଭାଳି ନ ପାରି ସେ ଆତ୍ମହତ୍ୟା କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

କେବଳ ଘନଶ୍ୟାମ ନୁହେଁ, ରୋଡ଼ ପଞ୍ଚାୟତରେ ଏପରି ଅନେକ ହିତାଧିକାରୀ ମଧ୍ୟ ୪ ମାସର ଭତ୍ତା ପାଇ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ବ୍ଲକ ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ ଉପରିସ୍ଥ କାର୍ଯ୍ୟାଳୟରୁ ଭତ୍ତା ଆସୁ ନ ଥିବା ଉତ୍ତର ମିଳୁଛି ବୋଲି ସରପଞ୍ଚ ବିଶ୍ୱଜିତ ନାୟକ କହିଛନ୍ତି। ଏ ସଂକ୍ରାନ୍ତରେ ବିଡିଓ ସୌଭାଗ୍ୟ କୁମାର ବେହେରା କହିଛନ୍ତି, ମାର୍ଚ୍ଚରୁ ଚାରି ମାସ ପର୍ଯ୍ୟନ୍ତ ଭତ୍ତା ଷ୍ଟେଟ ବ୍ୟାଙ୍କ କୁମୁସୀ ଶାଖାକୁ ଆସିଛି। ତେବେ ପୋର୍ଟାଲ ଖୋଲୁ ନ ଥିବାରୁ ପରବର୍ତ୍ତୀ ତିନି ମାସର ଭତ୍ତା ଆସିଛି କି ନାହିଁ ଜଣାପଡ଼ିନାହିଁ। ଘନଶ୍ୟାମ ଭତ୍ତାରୁ ବଞ୍ଚିତ ହୋଇ ଆତ୍ମହତ୍ୟା କରିଥିବା ଚର୍ଚ୍ଚା ଜୋର ଧରିଥିବା ବେଳେ ପ୍ରଶାସନ ଏହାର ନିରପେକ୍ଷ ତଦନ୍ତ କରି ସତ୍ୟାସତ୍ୟ ଉନ୍ମୋଚନ କରିବାକୁ ଦାବି ହୋଇଛି।

ଆଇଟିଆଇ ଛାତ୍ରୀଙ୍କୁ...

ସୂଚନାଯୋଗ୍ୟ ଯେ, ଗତ ଜାନୁଆରୀ ୨୩ତାରିଖରେ ପୁରୁଣା ରାମଚନ୍ଦ୍ରପୁର ଗ୍ରାମର ଜଣେ ୧୭ବର୍ଷୀୟା ନାବାଳିକା ନିଜ ଘରୁ ନିଖୋଜ ହୋଇଯାଇଥିଲେ। ନାବାଳିକା ଜଣକ ଦ୍ୱିତୀୟ ବର୍ଷର ଆଇଟିଆଇ ଛାତ୍ରୀ ଥିଲେ। ତାଙ୍କୁ ଶୁଭମ ବାରିକ ଅପହରଣ କରିନେଇଥିବା ସନ୍ଦେହ କରି ନାବାଳିକାଙ୍କ ବାପା ଜାନୁଆରୀ ୨୫ତାରିଖରେ ସଦର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତ ବେଳେ ପୁଲିସ ଭୁବନେଶ୍ୱରର ପଥରଗାଡ଼ିଆ ସାହିରୁ ନିଖୋଜ ତଥା ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଏହି ଘଟଣାରେ ଅପହରଣ ସହ ଦୁଷ୍କର୍ମ ଅଭିଯୋଗ ମଧ୍ୟ ରହିଥିବାରୁ ପୁଲିସ ତଦନ୍ତ ଜାରି ରଖିଥିଲା। ଅନ୍ୟପକ୍ଷରେ ଅଭିଯୁକ୍ତ ଶୁଭମ ଫେରାର ଥିବାରୁ ତାଙ୍କୁ ଧରିବା ପାଇଁ ପୁଲିସ ଉଦ୍ୟମ ଜାରି ରଖିଥିଲା। ଶେଷରେ ଭୁବନେଶ୍ୱରରୁ ଶୁଭମଙ୍କୁ କାବୁ କରି ବ୍ରହ୍ମପୁରରେ କୋର୍ଟଚାଲାଣ କରାଯାଇଥିବା ପୁଲିସ ସୂଚନା ଦେଇଛି।

■ ପାକିସ୍ତାନ ଆମକୁ ସୁରକ୍ଷା ଦେଉଛି

ଫାରୁକ୍‌ଙ୍କ କାଶ୍ମୀର ବୟାନରୁ ରାଜନୈତିକ ଝଡ଼

ଜମ୍ମୁ,୨୪।୧୦(ଏଜେନ୍ସି): ନ୍ୟାସନାଲ କନଫରେନ୍ସ (ଏନ୍‌ସି) ସଭାପତି ଫାରୁକ୍ ଅବଦୁଲ୍ଲା ବାରମୁଲ୍ଲାରେ ଏକ କର୍ମୀ ସମ୍ମିଳନୀରେ ଦେଇଥିବା ବିବାଦୀୟ ବୟାନକୁ ନେଇ ଦେଶରେ ତୀବ୍ର ରାଜନୈତିକ ବିବାଦ ସୃଷ୍ଟି ହୋଇଛି। ଅବଦୁଲ୍ଲା କହିଛନ୍ତି ଯେ ପାକିସ୍ତାନ ଅନ୍ତର୍ଜାତୀୟ ମଞ୍ଚରେ କାଶ୍ମୀରର ସମସ୍ୟା ଉଠାଇ କାଶ୍ମୀରବାସୀଙ୍କୁ ସୁରକ୍ଷା ଦେଉଛି। ଏହାସହ ସେ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟକୁ ନେଇ ପ୍ରଶ୍ନ ଉଠାଇଥିଲେ। ପୁଣି କାଶ୍ମୀରବାସୀଙ୍କୁ ନିଜର ଅଧିକାର ଓ ପରିଚୟ ପାଇଁ ଲଢ଼ିବାକୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ସେ ଧାରା ୩୭୦ ଉଚ୍ଛେଦକୁ ନିନ୍ଦା କରିଥିଲେ। ବିଜେପି ଅଧୀନରେ ଦେଶରେ ମୁସଲମାନଙ୍କ ସମ୍ପତ୍ତି ନଷ୍ଟ କରାଯାଉଛି ବୋଲି ଦାବି କରିଥିଲେ। ତେଣୁ ସେ ମୁସଲିମ ସମ୍ପ୍ରଦାୟକୁ ଏକଜୁଟ ହେବାକୁ ନିବେଦନ କରିବା ସହ କେତେକ ଗଣମାଧ୍ୟମକୁ ସମାଲୋଚନା କରିଛନ୍ତି। ଏହି ବକ୍ତବ୍ୟକୁ ନେଇ ବିଜେପି ଓ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ବିଜେପି ନେତାମାନେ ଏହାକୁ ‘ଦେଶଦ୍ରୋହ’ ଏବଂ ପାକିସ୍ତାନ ସମର୍ଥକ ଆଖ୍ୟା ଦେଇଛନ୍ତି।

34001/1051/2627 | ID: ee.randbjyp@gmail.com

GOVERNMENT OF ODISHA
OFFICE OF THE SUPERINTENDING ENGINEER, JAYAPUR (R&B) DIVISION, JAYAPUR
e-Procurement Notice
Bid Identification No. S.E (R&B)-23/2026-27/JYP(K)
No. 6050 Date. 16.10.2026

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1.	Name of the Work	: Civil Works as mentioned in DTCN.
2.	No. of Works	: 10 Nos.
3.	Estimated Cost	: Rs. 1.77 Lakhs to 12.71 lakhs
4.	Period of completion	: 1 (One) to 4 (Four) Months
5.	Date & Time of Bidding	: From 11.00 hours of 27.10.2026 Up-to 17.00 hours of 02.11.2026
6.	Last date & time for receipt of bids in portal	: 17.00 hours of 02.11.2026.
7.	Bids received online shall be opened on	: 11.00 hours of 03.11.2026.
8.	Name and address of the officer inviting Bid	: Superintending Engineer, Jayapur (R&B) Division, Jayapur

Further details can be seen from the www.tendersodisha.gov.in

Superintending Engineer
Jayapur (R&B) Division

OIPR-34001/34027/1/26-27/0024

34001/1013/2627 | E-mail ID : eerbkbj@rediffmail.com

Government of Odisha

OFFICE OF THE SUPERINTENDING ENGINEER
KANTABANJI (R&B) DIVISION
Bid Identification No.06 / KBJ / 2026-2027

The Superintending Engineer, Kantabanji (R&B) Division, Kantabanji **on** behalf of Governor of Odisha invites percentage rate bid in **Single over** system in **ONLINE MODE** for the works detailed in the table below from **“C” & “B” Class Civil Contractor** registered with the State Governments and contractors of equivalent Grade / Class registered with Central Government / MES / Railways for execution of Civil works. The proof of registration from the appropriate authority shall be enclosed along with the bid.

1)	No. of work	:- 02 Nos. (Single Cover)
2)	Nature of work	:- Civil work
3)	Class of contractor	:- (1) "C" & "B" Class Civil Contractor
4)	Approximate value of work	:- Rs.26.13 Lakhs and Rs.42.10 Lakhs
5)	Tender cost	:- Rs.6,000/-
6)	Date and time of vailability of Bid documents in online	:- From 05:00 PM of Dt. 27.10.2026 to 05:00 PM Dt.07.11.2026
7)	Date of Opening	:- At 11:30 AM on Dt.09.11.2026
8)	Other details can be seen in the bidding documents from the e-procurement portal "www.tendersodisha.gov.in"	
9)	The bidders have to participate in ONLINE bidding only. Further details can be seen from the website: www.tendersodisha.gov.in. All future corrigendum will be available on ONLINE MODE only.	

Superintending Engineer,
Kantabanji (R&B) Division

OIPR-34001/34099/1/26-27/0009

AFFIDAVIT
By virtue of an affidavit sworn before the Executive Magistrate, Chandbali, Dt.16.10.2026, I, Usharani Behera, Vill-Rameswarpur, P.O.-Rampur, P.S.-Chandbali, Via-Motto, Dist.-Bhadrak-756132, declare that I have changed my name from Usha Behera to Usharani Behera. Henceforth, I shall be known as **Usharani Behera** for all purposes.
Sd/- Usharani Behera

AFFIDAVIT
By virtue of an affidavit sworn before the Notary Public, Sundargarh I, **ZEBA PARWEEN**, W/o Mohammad Azmat Ali, At- Brahmanpada, Sundargarh, PS. - Town, Dist - Sundargarh, Odisha, have changed my husband’s name from **MD AZMAT ALI, Odisha** to **MOHAMMAD AZMAT ALI, Jharkhand.** Henceforth he shall be known as **MOHAMMAD AZMAT ALI, Jharkhand** for all future purposes.

AFFIDAVIT
(Declaration)
By virtue of an Affidavit **No-8346** sworn before the Executive Magistrate, Cuttack. dated **16/10/2026.** I, Srikant Swain, S/o. Damodar Swain and Bhabini Swain (Mother), Aadhar No.609221424010, At-Nuapatna, P/o-Kayalpada, P/s-Choudwar, Dist-Cuttack declare that I have changed the name of my father from **Bijay Kumar Swain** to **Damodar Swain.** Henceforth, he shall be known as **Damodar Swain** for all purposes.

AFFIDAVIT
By virtue of an affidavit no 4695, sworn before the Executive Magistrate Kamakhyanagar on dtd 16/10/2026,I Bipini Bihari Sahoo, aged 54year, S/o-Satyananda sahoo, Vill/Po/P.s-Mahabirod, Dist Dhenkanal declared that I have changed my son's name from Om Prakash Sahu, S/o- Bipin Sahu (Old Name) to Omm Prakash Sahu, S/o-bipini Bihari Sahoo (New Name). Henceforth he shall be known as **Omm Prakash Sahu, S/o-Bipini Bihari Sahoo** for all future purposes.
Sd/-Bipini Bihari Sahoo

AFFIDAVIT
By Virtue of an Affidavit Sworn Before The Executive Magistrate Angul vide Affidavit No.: 3918 on Dated 29.07.2026, **I, Ghanashyam Patel,** aged about 52 years, S/o.: Soumitri Patel, Vill/PO.: Kumbhari, P.S.: Barpalli, Dist.: Bargarh, Odisha, PIN-768029 declare that I have changed my son’s name from Jugananda Patel to **Yogananda Patel.** Jugananda Patel and Yogananda Patel is one and same person. Henceforth, he shall be known as **Yogananda Patel** for all purposes.

AFFIDAVIT
By virtue of an affidavit sworn before the Executive Magistrate Bhawanipatna, Kalahandi on dt 15/10/2026.I Misra Majhi ,s/o Haladhar Majhi, adress vill: Madingpadar, Po : Karlapada, Ps: Sadar Bhawanipatna, Dist: Kalahandi, Odissa, Pin: 766011, declared that I have changed my son's name from SUBMIT MAJHI to SOVIT MAJHI, Henceforth, he shall be known as **SOVIT MAJHI** for all purposes.
MISRA MAJHI

AFFIDAVIT
By virtue of an affidavit (SL No. 1378, dtd- 05.10.2026) sworn before The Notary Public, Khordha. I, **Bijaya Lakshmi Das,** W/o- Subrata Kumar Das, resident of Vill/PO: Pangarsingh, PS: Baghamari, Dist: Khordha, Odisha declare that I have changed my name from **Bijyalaxmi Das** (old name) to **Bijaya Lakshmi Das** (new name). Henceforth, I shall be known as **Bijaya Lakshmi Das** (new name) for all official and non-official purposes.
Bijaya Lakshmi Das

AFFIDAVIT
By virtue of an affidavit, sworn before the Notary Public, Malkangiri, Vide no. 8022/2026, dated 24.10.2026, I, Rukamani Pujari resident of Vill - Sarangapali, PO - Kianga, PS - Mathili, Dist - Malkangiri, Odisha, declare that I have changed my name from Rukuni Pujari to Rukamani Pujari. Henceforth, I shall be known as **Rukamani Pujari** for all future purposes.
Sd/- Rukamani Pujari

AFFIDAVIT
By virtue of an affidavit sworn before the Executive Magistrate, Jharsuguda, Odisha, Affidavit No.: 523, Dated: 13.02.2026, **I, Rishika Ray,** wife of Sourav Ray, resident of Shantipada, Durlaga, P.S.: Jharsuguda, District: Jharsuguda, Odisha, hereby declare that my name is recorded as Rishika Tamang in my Rayati Patta/ROR, Khata No.: 103/843, Mouza: Saletikra and as Rishika Ray in my Aadhaar and PAN records. Both names refer to one and the same person, i.e., myself. Henceforth, I shall be known as **Rishika Ray** for all purposes.

AFFIDAVIT
I, Sanjay Gupta, aged about 54 years, S/o- Late Gulab Chand Gupta, resident of Vill-Tusra, Radhanipada, PO/PS- Tusra, Dist-Bolangir, Odisha declared by this affidavit No. 2229, dtd-10.09.2026 that now onwards I shall be known as **SANJAYA KUMAR GUPTA** for all future purposes.

ସକାଳ THE SAKALA

ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି

ଖୋଲାରହିବ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍

ଜଗତସିଂହପୁର,୨୪।୧୦(ସମିସ)

ସମ୍ଭାବ୍ୟ ବାତ୍ୟା ପରିସ୍ଥିତିର ମୁକାବିଲା ପାଇଁ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ଜିଲ୍ଲାପାଳ ଜେ. ସୋନାଲ ଏ ନେଇ ସୂଚନା ଦେଇ କହିଛନ୍ତି, ପାଣିପାଗ ବିଭାଗ ପକ୍ଷରୁ ଜାରି ସୂଚନା ଅନୁଯାୟୀ, ଆସନ୍ତା ୨୬ ଅକ୍ଟୋବରରେ ବଙ୍ଗୋପସାଗରରେ ଘୂର୍ଣ୍ଣିଝଡ ସୃଷ୍ଟି ହୋଇ ବାତ୍ୟାର ରୂପ ନେବା ସହ ସମୁଦ୍ର ମଧ୍ୟରେ ଗତି କରି ୨୭ ମଧ୍ୟରାତ୍ର କିମ୍ବା ୨୮ ତାରିଖ ସକାଳ ସୁଦ୍ଧା କାକିନାଡାଠାରେ ସ୍ଥଳଭାଗ ଛୁଇଁବ । ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାର ଜିଲ୍ଲା ଗୁଡ଼ିକ ବିଶେଷ ଭାବେ ପ୍ରଭାବିତ ହେବାକୁ ଥିବା ବେଳେ ଜଗତସିଂହପୁର ଜିଲ୍ଲାରେ ଅରେଞ୍ଜ ୱାର୍ଣ୍ଣିଂ ସହ ବର୍ଷା ଏବଂ ଘଣ୍ଟା ପ୍ରତି ୫୦ରୁ ୬୫ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି ବୋଲି ଜିଲ୍ଲାପାଳ କହିଛନ୍ତି । ଜିଲ୍ଲାର ଉପକୂଳବର୍ତ୍ତୀ ବାତ୍ୟା ପ୍ରବଣ ଅଞ୍ଚଳ ଯେପରି ବାଲିକୁଦା, ଏରସମା ଓ କୁଜଙ୍ଗ ବ୍ଲକର ବିଭିନ୍ନ ଅଞ୍ଚଳରେ କଚ୍ଚା ଘରେ ରହୁଥିବା ଲୋକ, ତଳିଆ ଅଞ୍ଚଳ, ଜଳମଗ୍ନ ହେବାର ଆଶଙ୍କା ଥିବା ଅଞ୍ଚଳ, ବିସ୍ଥାପିତ ଶ୍ରମଜୀବୀ ଆଦିମାନଙ୍କୁ ନିରାପଦ ଆଶ୍ରୟ ସ୍ଥଳୀକୁ ସ୍ଥାନାନ୍ତର କରିବା ପାଇଁ ଯୋଜନା ପ୍ରସ୍ତୁତ ସରିଛି । ଏ ନେଇ ଆଜି ପୂର୍ବାହ୍ନରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ସମସ୍ତ ଲାଇନ୍ ବିଭାଗ, ବିଡିଓ, ତହସିଲଦାରଙ୍କ ସମେତ ବରିଷ୍ଠ ଅଧିକାରଙ୍କ ସହ ଆଭାସୀ ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି ।

ବର୍ତ୍ତମାନର ପରିସ୍ଥିତ ଓ ସୂଚନା ଅନୁଯାୟୀ ଜିଲ୍ଲା ପ୍ରତି ସେପରି କିଛି ବିପଦ ନାହିଁ ବୋଲି ଜିଲ୍ଲାପାଳ ସୂଚନା ଦେବା ସହ ଜନସାଧାରଣଙ୍କୁ ଏଥିପାଇଁ ଭୟଭୀତ ନ ହେବାକୁ କହିଥିଲେ । ଏଥିପାଇଁ ପ୍ରଶାସନ ପକ୍ଷରୁ ମାଇକିଂ ସହ ସମସ୍ତ କ୍ଷେତ୍ରୀୟ ଅଧିକାରୀମାନଙ୍କ ଦ୍ୱାରା, ଗଣମାଧ୍ୟମ ତଥା ବିଭିନ୍ନ ସୋସିଆଲ ମିଡିଆ ମାଧ୍ୟମରେ ଲୋକମାନଙ୍କୁ ସତର୍କ ସୂଚନା ପ୍ରଦାନ କାରାଯିବ । ସେହିପରି କ୍ଷେତ୍ରୀୟ କୃଷି ଅଧିକାରୀ ମାନେ ବ୍ଲକ୍ ତଥା ପଞ୍ଚାୟତ ସ୍ତରରେ ଲୋକମାନଙ୍କୁ ସଚେତନ କରାଇବେ । ଜିଲ୍ଲାର ୪୫ଟି ଆଶ୍ରୟ ସ୍ଥଳୀରେ ଆବଶ୍ୟକ ସ୍ଥଳେ ଲୋକମାନଙ୍କୁ ସ୍ଥାନାନ୍ତରିତ କାରାଯିବ । ଜଳମଗ୍ନ ଅଞ୍ଚଳରୁ ଜଳ ନିଷ୍କାସନ ପାଇଁ ପ୍ରଶାସନ ଓ ବିଭାଗୀୟ ଅଧିକାରୀ ପ୍ରସ୍ତୁତ ଅଛନ୍ତି । ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକୀୟ ଔଷଧ ମହଜୁଦ ରଖାଯାଇଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ସମସ୍ତ ବ୍ୟବସ୍ଥା କରିବେ ଓ ସଠିକ୍ ପଦକ୍ଷେପ ନେବେ ବୋଲି ସେ କହିଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ୍ ଓ ତହସିଲରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ରହିଛି ଓ ଜରୁରୀ କ୍ଷେତ୍ରରେ ଜନସାଧାରଣଙ୍କୁ ଯୋଗାଯୋଗ କରିବା ପାଇଁ ସେ କହିଥିଲେ । ଜିଲ୍ଲା ଜରୁରକାଳୀନ ବିଭାଗ କଣ୍ଟ୍ରୋଲ ରୁମ୍ ନମ୍ବର ୨୨୦୩୬୮ରେ ଆବଶ୍ୟକ ସ୍ଥଳେ ଯୋଗାଯୋଗ କରିପାରିବେ । ବଜାରରେ ଆବଶ୍ୟକୀୟ ସାମଗ୍ରୀ ର ଦର ବୃଦ୍ଧି ଉପରେ ମଧ୍ୟ ନଜର ରଖାଯାଇଛି ଓ ଜିଲ୍ଲା ଯୋଗାଣ ଅଧିକାରୀ ଓ ଏମ ଆଇ ମାନେ ନିଜେ ଯାଇ ତାର ଯାଞ୍ଚ କରୁଛନ୍ତି । ମତ୍ସ୍ୟ ଜିବୀ ମାନଙ୍କୁ ସମୁଦ୍ର ଭିତରକୁ ନଯିବା ପାଇଁ ପରାମର୍ଶ ଦିଆଯାଇଛି ଓ ଯେଉଁମାନେ ସମୁଦ୍ର ମଧ୍ୟକୁ ଯାଇଛନ୍ତି ଆଜି ସନ୍ଧ୍ୟା ସୁଦ୍ଧା ଫେରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗର୍ଭବତୀ ମହିଳା, ଯେଉଁମାନଙ୍କର ଆସନ୍ତା ୩ ସପ୍ତାହ ମଧ୍ୟରେ ପ୍ରସବ ଡେଟ୍ ଅଛି, ସେମାନଙ୍କୁ ଚିହ୍ନଟ କରି ତୁରନ୍ତ ନିରାପଦ ଆଶ୍ରୟ ସ୍ଥଳୀକୁ ସ୍ଥାନାନ୍ତର କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ଆଶ୍ରୟସ୍ଥଳୀର ଲାଇଟ୍, ଶୌଚାଳୟ ଓ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ରଖାଯାଇଛି ଓ ତଦାରଖ ମଧ୍ୟ କରାଯାଉଛି । ଏଥିସହିତ ଶୁଖିଲା ଖାଦ୍ୟ, ଛତୁଆ, ଗୋଖାଦ୍ୟ ଏବଂ ଆବଶ୍ୟକ ସ୍ଥଳେ ରନ୍ଧା ଖାଦ୍ୟ ଯୋଗାଇ ଦେବାକୁ ପ୍ରଶାସନ ପ୍ରସ୍ତୁତ ରହିଛି । ଜିଲ୍ଲାର ବିଭିନ୍ନ ଆଶ୍ରୟ ସ୍ଥଳ ପରିଦର୍ଶନ କରି ଅତ୍ୟାବଶ୍ୟକୀୟ ସେବା ସୁବ୍ୟବସ୍ଥିତ କରିବା ପାଇଁ ସଂପୃକ୍ତ ବିଡିଓ ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହିତ ଦୁର୍ଗାପୂଜା ସମୟରେ ବିଭିନ୍ନ ପୂଜା କମିଟି ପକ୍ଷରୁ ଆୟୋଜିତ ଅସ୍ଥାୟୀ ତୋରଣ ଓ ପୂଜାମଣ୍ଡପ ଗୁଡ଼ିକୁ ଆସନ୍ତା ୨୫ ତାରିଖ ସୁଦ୍ଧା ଖୋଲିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହ ଉପଜିଲ୍ଲାପାଳ ଓ ସମ୍ପୃକ୍ତ ଅଞ୍ଚଳର ତହସିଲଦାର ଓ ପୌରନିର୍ବାହୀ ଅଧିକାରୀମାନଙ୍କୁ ଏହାର ସୁନିଶ୍ଚିତତା ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବାତ୍ୟା ପ୍ରବଣ ଅଞ୍ଚଳ ଗୁଡିକରେ ଥିବା ଆଶ୍ରୟସ୍ଥଳୀକୁ ଯୋଗାଯୋଗ କରୁଥିବା ରାସ୍ତାର ଦ୍ରୁତ ମରାମତି, ଭଗ୍ନ ବା ଭଗ୍ନ ସଦୃଶ ଇଲେକ୍ଟ୍ରିକ ଖୁଣ୍ଟିକୁ ଅପରୁଟ କରିବା, ଆବଶ୍ୟକ ସ୍ଥଳେ ଗଛ ବା ଡାଳ କାଟିବା, ଡ୍ରେନ ସଫା, ଔଷଧ, ଓଆର୍ଏସ୍, ସାପ କାମୁଡ଼ା ପାଇଁ ଆଣ୍ଟିଭେନମ, ରାପିଡ ରେସ୍ପନ୍ସ ଟିମ୍, ସାନିଟାରୀ ନ୍ୟାପକିନ୍, ଆମ୍ବୁଲାନ୍ସ, ପଲିଥିନ, ପାନୀୟ ଜଳ, ଶୁଖିଲା ଖାଦ୍ୟ, ଆସ୍କା ଲାଇଟ୍, ଗାଡି ପାଇଁ ଫୁଏଲ ଆଦି ଯଥେଷ୍ଟ ମାତ୍ରାରେ ମହଜୁଦ୍ ରଖିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ବାତ୍ୟା ପରବର୍ତ୍ତୀ ସମୟରେ ଉପର ମୁଣ୍ଡରେ ପ୍ରବଳ ବର୍ଷାର ସମ୍ଭାବନା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି ବୋଲି ଜିଲ୍ଲାପାଳ କହିଛନ୍ତି । ସେଥିପାଇଁ ଜିଲ୍ଲା ପ୍ରଶାସନ ସଜାଗ ରହିଛି ବୋଲି ସେ କହିଥିଲେ । ଏହି ପ୍ରେସ ବିବୃତ୍ତିରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଡେପୁଟି କଲେକ୍ଟର ଏମର୍ଜେନ୍ସି, ଏସ୍‌ଡିପିଓ, ଜଗତସିଂହପୁର, ଡିଏସପିଡି ଆଇବି, ଆଇଆଇସି, ଜଗତସିଂହପୁରଙ୍କ ସମେତ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

ମତ୍ସ୍ୟଜୀବୀଙ୍କୁ ଫେରି ଆସିବାକୁ ନିର୍ଦ୍ଦେଶ

ପାରାଦୀପ,୨୪।୧୦(ସମିସ): ଆଜି ସମ୍ଭାବ୍ୟ ବାତ୍ୟାକୁ ନେଇ ଓଡିଶା ସରକାରଙ୍କ ମତ୍ସ୍ୟ ପାଣିପାଗ ବିଭାଗ ପକ୍ଷରୁ ପାରାଦୀପ ମାଛଧରା ବନ୍ଦରରେ ସତର୍କ ସୂଚନା ଦିଆଯାଇଛି । ପାରାଦୀପ ମାଛଧରା ବନ୍ଦର ମଧ୍ୟରେ ଥିବା ସମସ୍ତ ବୋଟ୍ ମାଲିକ, ଡଙ୍ଗା ମାଲିକ ଓ ମତ୍ସ୍ୟଜୀବୀମାନେ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଅଶାନ୍ତ ରହୁଥିବାରୁ କେହି ସମୁଦ୍ର ମଧ୍ୟକୁ ମାଛ ମାରିବାକୁ ଯିବାକୁ ବାରଣ କରାଯାଇଛି । ଯେଉଁ ବୋଟ ଗୁଡିକ ସମୁଦ୍ର ମଧ୍ୟରେ ମାଛ ମାରିବାକୁ ଯାଇଛନ୍ତି ସେମାନେ ଫେରୁଆସିବାକୁ କୁହାଯାଇଛି । ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଦକ୍ଷିଣ ପୂର୍ବ ଏବଂ ପୂର୍ବ କେନ୍ଦ୍ରୀୟ ସମଗ୍ର ଅଞ୍ଚଳରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବା ସହିତ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ପବନ ବହିବାର ସମ୍ଭାବନା ଅଛି ଏହି ସମୟ ମଧ୍ୟରେ ସମୁଦ୍ରକୁ ମାଛ ମାରିବାକୁ ନଯିବା ପାଇଁ କୁହାଯାଇଛି ।

ଏବେବି ମନରୁ ଲିଭିନି 'ଅଣତିରିଶ'ର ଆତଙ୍କ

ପାରାଦୀପ,୨୪।୧୦(ସମିସ): ୧୯୯୯ ଅକ୍ଟୋବର ୨୯ ରେ ପ୍ରଳୟ ଘଟାଇଥିଲା ମହାବାତ୍ୟା । ସେହି ମହାବାତ୍ୟାର ତାଣ୍ଡବକୁ ଯିଏ ଅଙ୍ଗେ ଲିଭାଇଛି, ତା' ମନରେ ଏବେବି ବାତ୍ୟା ଆସିବା କଥା ଶୁଣିଲେ ଛନକା ପଶିବା କଥା ସ୍ୱାଭାବିକ । ଏହି ପ୍ରଳୟକାରୀ ମହାବାତ୍ୟାକୁ ଆଉ ଦିନ କେଇଟା ପରେ ୨୭ ବର୍ଷ ପୂରିବ । ପ୍ରତ୍ୟେକ ବର୍ଷ ଅକ୍ଟୋବର ମାସ ଆସିଲେ ହିଁ ପାରାଦୀପ ବନ୍ଦର ଅନ୍ତେବାସୀଙ୍କ ମନରେ ବାତ୍ୟା କଥା ମନେ ପଡିଥାଏ । ଚଳିତ ବର୍ଷ ଏହି ଅକ୍ଟୋବର ମାସ ଶେଷରେ ବାତ୍ୟା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହାର ପ୍ରଭାବରେ ୨୭ ଓ ୨୮ ତାରିଖରେ ପ୍ରବଳରୁ ପ୍ରବଳ ବର୍ଷା ସହ ୯୦ କିମି ବେଗରେ ପବନ ବୋହିବ ବୋଲି ପାଣିପାଗ ବିଭାଗ କହିଛି । ଓଡିଶା ଉପକୂଳରେ ବାତ୍ୟାର ପ୍ରଭାବ ଯଦିଓ ସେତେଟା ନଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି, ତଥାପି ୧୯୯୯ ମହାବାତ୍ୟାର ପୁନରାବୃତ୍ତିକୁ କେହି ଅଣଦେଖା କରି ପାରିବେ ନାହିଁ ।

ଏବେ ପାରାଦୀପ ସମୁଦ୍ର କୂଳିଆ ଲୋକଙ୍କ ମନରେ ଭୟ ଦେଖିବାକୁ ମିଳିଛି । ମହାବାତ୍ୟାରେ ସୌଭାଗ୍ୟକୁ ବଞ୍ଚି ଯାଇଥିବା ଉପକୂଳବାସୀମାନେ ମନେ ପକାଉଛନ୍ତି ସେହି ମହାପ୍ରଳୟ ଦିନକୁ । ତେଣୁ ଏହି ସମ୍ଭାବ୍ୟ ବାତ୍ୟାକୁ ନେଇ ବନ୍ଦର ଅନ୍ତେବାସୀ ଏବେବି ଆତଙ୍କିତ ହୋଇ ପଡିଛନ୍ତି । ୧୯୯୯ ମହାବାତ୍ୟାର କରାଳ ରୂପ ଲୋକଙ୍କ ମନରୁ ଲିଭି ନଥିବା ବେଳେ ପୁଣି ଅକ୍ଟୋବରରେ ବାତ୍ୟା ସାଧାରଣରେ କୋକୁଆ ଭୟ ସୃଷ୍ଟି କରିଛି । ଅନେଶୋତ ମହାବାତ୍ୟାରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲେ ପାରାଦୀପ ଷଣ୍ଢକୁଦ ବସ୍ତିର ଲୋକେ । ଅନେକ ଧନ ଜୀବନ, ଗୋରୁଗାଈ ସମୁଦ୍ର ଗର୍ଭରେ ଲୀନ ହୋଇଯାଇଥିଲେ । ମହାବାତ୍ୟାର ୨୭ ବର୍ଷ ପରେ ଆଜି ବି ବସ୍ତିର ସ୍ଥିତି ବଦଳି ନାହିଁ । ବାତ୍ୟା ଆସିଲେ ପ୍ରଶାସନ ଲୋକଙ୍କୁ ଗାଡ଼ିରେ ଅନ୍ୟତ୍ର ସ୍ଥାନାନ୍ତରିତ କରୁଛି ।

ଅଦ୍ୟାବିଧି ଜୁଆର ପ୍ରତିବନ୍ଧକ ବନ୍ଧ ନିର୍ମାଣ ହୋଇ ନାହିଁ କି ବସ୍ତିବାସିନ୍ଦାଙ୍କୁ ଥଇଥାନ କରାଯାଇ ପାରିନାହିଁ । ବହୁ ଝୁମ୍ପୁଡି ଘର ଏବେବି ରହିଛି ବସ୍ତିରେ । ଯଦିଓ କିଛି ମାତ୍ରାରେ କୋଠା ଘର ହେଲାଣି; ତଥାପି ବନ୍ଦର ପ୍ରଶାସନ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ରହିଥିବା ଜାଗା ବିବାଦକୁ ନେଇ କେହି ସ୍ଥାୟୀ କୋଠାଘର ନିର୍ମାଣ କରି ପାରୁନାହାନ୍ତି । ଫଳରେ ବାତ୍ୟା, ଘୂର୍ଣ୍ଣିଝଡ, ଜୁଆର ଆଶଙ୍କାରେ ସବୁବେଳେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି ଷଣ୍ଢକୁଦ ବସ୍ତିବାସିନ୍ଦା । କେବଳ ଷଣ୍ଢକୁଦ ବସ୍ତିବାସିନ୍ଦା ନୁହନ୍ତି, ପାରାଦୀପ ଅଞ୍ଚଳରେ ଛୋଟବଡ଼ ୨୫ରୁ ଉର୍ଦ୍ଧ୍ୱ ବସ୍ତି ବାସିନ୍ଦାଙ୍କ ସମାନ ଅବସ୍ଥା ରହିଛି ।

ବାତ୍ୟାକୁ ନେଇ ଆତଙ୍କିତ ସମୁଦ୍ରକୂଳିଆ ଲୋକ

ଏରସମା,୨୪।୧୦(ସମିସ): ୧୯୯୯ ମହାବାତ୍ୟାର ଭୟାବହ ସ୍ମୃତି ଏବେ ବି ଲୋକଙ୍କ ଭିତରେ ତାଜା ଥିବା ବେଳେ ପୁଣି ଏକ ବାତ୍ୟାର ସଙ୍କେତ ଉପକୂଳବାସୀଙ୍କ ଚିନ୍ତା ବଢାଇ ଦେଇଛି । ସେଇ ଅକ୍ଟୋବର ୨୯ ପାଖାପାଖି ହେବାକୁ ଥିବା ବାତ୍ୟାକୁ ନେଇ ଏରସମା ବ୍ଲକର ସମୁଦ୍ରକୂଳିଆ ଅଞ୍ଚଳରେ ଭୟ ଓ ଆଶଙ୍କା ଦେଖାଦେଇଛି । ବିଶେଷକରି ପଦ୍ମପୁର, ଗଡ଼ହରିଶପୁର, ଜପା ଓ ଆମ୍ବିକି ଅଞ୍ଚଳର ଲୋକଙ୍କ ମନରେ ପୁଣି ଥରେ ଘାରିଛି ପ୍ରାକୃତିକ ବିପର୍ଯ୍ୟୟର ଭୟ । ଅକ୍ଟୋବର ମାସ ଆସିଲେ ଉପକୂଳବାସୀଙ୍କ ମନରେ ଆପେ ଆପେ ମନେ ପଡ଼ିଯାଏ ୧୯୯୯ ମସିହାର ସେହି ପ୍ରଳୟଙ୍କରୀ ମହାବାତ୍ୟାର କରୁଣ ସ୍ମୃତି । ୧୯୯୯ ମସିହା ମହାବାତ୍ୟା ଏରସମା ଅଞ୍ଚଳରେ ଯେଉଁ ଧ୍ୱଂସଲୀଳା ରଚିଥିଲା, ତାହାର ସ୍ମୃତି ଆଜି ବି ଲୋକଙ୍କ ମନରୁ ଲିଭିନାହିଁ । ପ୍ରବଳ ପବନ, ଅସ୍ୱାଭାବିକ ଜୁଆର ଓ ବନ୍ୟାଜଳରେ ଅନେକ ପରିବାର ଛାରଖାର ହୋଇଯାଇଥିଲେ । ଘରଦ୍ୱାର, ଚାଷଜମି ଓ ଜୀବିକା ହରାଇ ଅନେକ ଲୋକ ଦୀର୍ଘଦିନ ଧରି ଦୁର୍ଦ୍ଦଶା ଭୋଗିଥିଲେ । ବିଶେଷକରି ସମୁଦ୍ର ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ଜୁଆର ମାଡ଼ି ଆସିବା, ନଦୀବନ୍ଧ ଦୁର୍ବଳ ହେବା ଓ ଲୁଣାପାଣି ଗାଁ ଭିତରକୁ ପଶିବା ଭଳି ଆଶଙ୍କାକୁ ନେଇ ଲୋକେ ଚିନ୍ତିତ । ପୂର୍ବରୁ ବିଭିନ୍ନ ବାତ୍ୟା ସମୟରେ ଏହି ଅଞ୍ଚଳର ଲୋକେ ସମୁଦ୍ର ଜୁଆର ଓ ନଦୀବନ୍ଧ ସମସ୍ୟାର ସମ୍ମୁଖୀନ ହୋଇଥିବା ଖବର ରହିଛି । ପାଣିପାଗ ବିଭାଗ ସୂଚନା ଅନୁସାରେ, ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ଅଧିକ ଘନୀଭୂତ ହୋଇ ବାତ୍ୟାର ରୂପ ନେବା ଏବଂ ଅକ୍ଟୋବର ୨୮ ତାରିଖ ପାଖାପାଖି ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଉପକୂଳ ମଧ୍ୟରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ନେଇ ଆକଳନ କରାଯାଇଛି । ତେବେ ବାତ୍ୟାର ଗତିପଥ ଓ ତୀବ୍ରତା ନେଇ ପରିସ୍ଥିତି ଉପରେ ନଜର ରଖାଯାଉଛି ।

ଜଗତସିଂହପୁରରେ ସରିଲା ଭସାଣି ଉତ୍ସବ

ଜଗତସିଂହପୁର,୨୪।୧୦(ସମିସ): ଜଗତସିଂହପୁର ସହରରେ ଆନନ୍ଦ ଉଲ୍ଲାସ ଏବଂ ଭାବିଭକ୍ତିର ସହିତ ଶାରଦୀୟ ଦୁର୍ଗାପୂଜା ଭସାଣି ଉତ୍ସବ ସହିତ ଶେଷ ହୋଇଛି । ଚଳିତ ବର୍ଷ ମୋଟ ୨୪ଟି ମଣ୍ଡପରେ ମା' ଦୁର୍ଗା ଏବଂ ଶିବପାର୍ବତୀଙ୍କ ମୃଣ୍ମୟ ମୂର୍ତ୍ତୀ ସ୍ଥାପନ କରାଯାଇ ପୂଜା କାର୍ଯ୍ୟ ରୀତିନୀତିରେ ଅନୁଷ୍ଠିତ ହୋଇଥିଲା । ୨୧ ତାରିଖ ବିଜୟା ଦଶମୀ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆରେ ରାବଣ ପୋଡି ଉତ୍ସବ ଆୟୋଜିତ ହୋଇଥିବା ବେଳେ ୨୩ ତାରିଖ ସନ୍ଧ୍ୟାରେ ମେଲଣ ଓ ପରେ ଭସାଣି କରାଯାଇଥିଲା । ଅପରାହ୍ନ ୩ଟା ଠାରୁ ବିଭିନ୍ନ ମଣ୍ଡପରେ ପୂଜା ପାଇ ଆସୁଥିବା ମୃଣ୍ମୟୀ ମୂର୍ତ୍ତି ମାନଙ୍କୁ ବାଜା ବାଣ ଏବଂ ରୋଷଣୀ ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡିଆକୁ ନିଆଯାଇଥିଲା । ସେଠାରେ ଥାନପତି କ୍ଲବ ପକ୍ଷରୁ ସମସ୍ତ ମେଢ଼ ନିକଟରେ ଭୋଗଲାଗି କରାଯାଇଥିଲା । ସ୍ୱଳ୍ପ ସମୟର ସଭା ପରେ ମେଢ଼ ଗୁଡ଼ିକୁ ଶୋଭାଯାତ୍ରାରେ ବାହାରି ପ୍ରଶାସନ ପକ୍ଷରୁ ନିର୍ମିତ ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଇଥିଲା । ଭସାଣି ଉତ୍ସବର ସୁପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ ଏବଂ ପୁଲିସ ପ୍ରଶାସନ ସମସ୍ତ ପଦକ୍ଷେପ ନେଇଥିଲେ ମଧ୍ୟ କିଛି କମିଟି କଟକଣା ଉଲ୍ଲଙ୍ଘନ କରିଥିଲେ । ନିର୍ଦ୍ଦିଷ୍ଟ କିଛି ମେଢ଼ର ଶୋଭାଯାତ୍ରାରେ ଡିଜେର ବିକଟାଳ ଶବ୍ଦ ସାଧାରଣ ଲୋକଙ୍କୁ ଅତିଷ୍ଠ କରିଥିଲା । ସେହି ପରି ରାତି ୧୦ଟା ମଧ୍ୟରେ ଭସାଣି ସାରିବାକୁ ପ୍ରସ୍ତୁତି ବୈଠକରେ ଜିଲ୍ଲାପାଳ ଏବଂ ଏସ୍‌ପି କଡ଼ା ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇନଥିଲା । ବିଳମ୍ବିତ ରାତି ପର୍ଯ୍ୟନ୍ତ ମେଢ଼ ବିସର୍ଜନ ଚାଲିଥିଲା ।

୫୧.୯୮ ଗ୍ରାମ ବ୍ରାଉନ୍‌ସୁଗର ଜବତ

ତିର୍ତ୍ତୋଲ,୨୪।୧୦(ସମିସ): ତିର୍ତ୍ତୋଲ ପୁଲିସର ଏକ ଟିମ୍ ତିର୍ତ୍ତୋଲ ଥାନା ଅଧୀନ କୁଟିଳ ଗ୍ରାମ ଦୟାଲପୁରର ଝୁନି ଦାସଙ୍କ ଘରେ ଚଢ଼ଉ କରି ବିପୁଳ ପରିମାଣର ବ୍ରାଉନସୁଗର ଜବତ କରିବା ସହ ଏହି କାରବାରରେ ସଂପୃକ୍ତ ଥିବା ଅଭିଯୋଗରେ ଝୁନି ଦାସଙ୍କ ସମେତ ୬ ଜଣଙ୍କୁ ଗିରଫ କରିଛି । ଏଥିସହ ଘଟଣାସ୍ଥଳରୁ ଦୁଇଟି ମଟରସାଇକଲ ଓ ୫ଟି ମୋବାଇଲ୍ ଜବତ କରିଛି । ଏ ସମ୍ପର୍କରେ ତିର୍ତ୍ତୋଲ ଥାନା ପରିସରରେ ଆହୂତ ସାମ୍ବାଦିକ ସମ୍ମିଳନୀରେ ଜଗତସିଂହପୁର ଏସ୍‌ପି ଅଙ୍କିତ ବର୍ମା ସୂଚନା ଦେଇଛନ୍ତି । ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ରାତି ପାଟ୍ରୋଲିଂ ସମୟରେ ତିର୍ତ୍ତୋଲ ପୁଲିସର ଏକ ଟିମ୍ କୁଟିଳ ଗ୍ରାମ ଦୟାଲପୁରରେ ପହଞ୍ଚି ଘର ସମ୍ମୁଖରେ ବହୁ ଲୋକ ସନ୍ଦେହ ଜନକ ଅବସ୍ଥାରେ ମଟର ସାଇକଲ ଧରି ଠିଆ ହୋଇଥିବା ନେଇ ଦେଖିବାକୁ ପାଇଥିଲା । ପରେ ପୁଲିସ ଟିମ୍ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସେଠାରୁ ୫୧.୯୮ ଗ୍ରାମର ଧଳାଜହର ଜବତ କରିବା ସହ ୬ ଜଣକୁ ଗିରଫ କରିଥିଲା । ଅନ୍ୟ କିଛି ଅଭିଯୁକ୍ତ ଖସି ଯାଇଥିଲେ । ଗିରଫ ଅଭିଯୁକ୍ତ ମାନେ ହେଲେ କୁଟିଳ ଗ୍ରାମ ଦୟାଲପୁରର ଝୁନି ଦାସ, ଦୁର୍ଗା ପ୍ରସାଦ ଦାସ (ପପୁ), ବିଭୂ ପ୍ରସାଦ ଦାସ (ଟିମା), କଣ୍ଟାପଡା ଗ୍ରାମର ସରୋଜ କୁମାର ଦାସ (ମୁନା), କନକପୁର ଶାସନ ଗ୍ରାମର କୌଶିକ ରାଉଳ (ବୁଟୁନା), ଜଗତସିଂହପୁର ଥାନା ମାର୍କଣ୍ଡପୁର ଲାଲା ସାହିର ସୌଭାଗ୍ୟ ରଞ୍ଜନ ସିଂ(ପପୁ) । ଏଥିସହିତ ପୁଲିସ ୫ଟି ମୋବାଇଲ୍, ବାଇକ୍, ସ୍କୁଟି, ଟାଟା ନେକ୍ସନ କାରକୁ ଜବତ କରିଛି । ଫେରାର ହୋଇଯାଇଥିବା ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇଛି । ଏହି ଧଳା ଜହର କେଉଁଠୁ ଆସୁଥିଲା ଓ କେଉଁ କେଉଁ ଅଞ୍ଚଳକୁ ଯାଉ ଥିଲା, ଆଉ କିଏ ସବୁ ଏଥିରେ ସଂପୃକ୍ତ ଏ ବିଷୟରେ ପୁଲିସ ଅଧିକ ତଦନ୍ତ ଜାରି ରଖିଛି । ୬ ଅଭିଯୁକ୍ତକୁ ଅଦାଲତ ଚାଲାଣ କରାଯାଇଛି ।

୬ ଗିରଫ, ଏକ କାର୍ ଓ ୨ଟି ବାଇକ୍ ଜବତ

ଏରସମାରେ ରାବଣ ପୋଡ଼ି ମହୋତ୍ସବ

ଏରସମା,୨୪।୧୦(ସମିସ): ଏରସମା ସାର୍ବଜନୀନ ଦୂର୍ଗା ପୂଜା କମିଟି ପକ୍ଷରୁ ଆଞ୍ଚଳିକ ଯୁବ ପରିଷଦ ପଡିଆଠାରେ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ ଏକବିଂଶତମ ରାବଣ ପୋଡ଼ି ଉତ୍ସବରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ ମୁଖ୍ୟଅତିଥି ଭାବେ ଯୋଗଦେଇ, ରାବଣ ପୋଡ଼ି ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ ଲଢିବା ଯାହା ଅସତ୍ୟ ଉପରେ ସତ୍ୟର ଓ ଅଧର୍ମ ଉପରେ ଧର୍ମର ବିଜୟ ବୋଲି କହିଥିଲେ । ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଏହି ଅବସରରେ ରାବଣର ପ୍ରତିକୃତିରେ ଅଗ୍ନି ସଂଯୋଗ ସହିତ ଆକର୍ଷଣୀୟ ଆତସବାଜି ମାଧ୍ୟମରେ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଥିଲା । ପୂର୍ବତନ ସରପଞ୍ଚ ଦିପ୍ତିରଞ୍ଜନ କୁଅଁରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ଏରସମା ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଏରସମା ବ୍ଲକ ବିଜୁଜନତା ଦଳର ସଭାପତି ପୀତବାସ ଗୋଛାୟତ, ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ସଭାପତି ପାର୍ଥସାରଥୀ ରାଉତ, ଏରସମା ବ୍ଲକ ବିଜୁଜନତା ଦଳ ସଭାନେତ୍ରୀ ପ୍ରଦାୟନୀ ମହାନ୍ତି, ଏରସମା ପଞ୍ଚାୟତ ସମିତିସଭ୍ୟା ଦେବଜାନୀ ସେଠୀ, ଆଞ୍ଚଳିକ ଯୁବ ପରିଷଦ ସଭାପତି ଜ୍ୟୋତିରଞ୍ଜନ କୁଅଁର, ସଂପାଦକ ସଚ୍ଚିଦାନନ୍ଦ ଦାସ ଓ ଅନ୍ୟ ସଦସ୍ୟମାନେ କାର୍ଯ୍ୟ ପରିଚାଳନା କରିଥିଲେ ।

ସ୍ୱାମୀ ବିବେକାନନ୍ଦ ଲୋକସଂସଦର ସାଧାରଣ ପରିଷଦ ବୈଠକ

ଜଗତସିଂହପୁର,୨୪।୧୦(ସମିସ): ଜଗତସିଂହପୁର ସହରର ବଡବଜାର ସ୍ଥିତ ସ୍ୱାଧୀନତା ସଂଗ୍ରାମୀ ଅଳକା ଆଶ୍ରମ ଭବନରେ ସ୍ୱାମୀ ବିବେକାନନ୍ଦ ଲୋକସଂସଦ, ଜଗତସିଂହପୁର ଜିଲ୍ଲାଶାଖାର ସାଧାରଣ ପରିଷଦ ବୈଠକ ସଂସଦର ସଭାପତି ମହେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହାପରେ ଆଜୀବନ ସଦସ୍ୟା କନକଲତା ପରିଡା ଓଁକାରବନ୍ଦନା ଗାନ ସାଙ୍ଗକୁ ବିବେକବାଣୀ ପାଠ କରିଥିବାବେଳେ ବିଚାରଧାରାର ଅଧ୍ୟକ୍ଷ ଲାଲା ସଂଗ୍ରାମ କେଶରୀ ରାୟ ସ୍ୱାଗତଭାଷଣ ପ୍ରଦାନ କରିଥିଲେ । ସଂସଦର ସମ୍ପାଦକ ଅଧ୍ୟାପକ ଗୋପାଳକୃଷ୍ଣ ମିଶ୍ର ବିଗତବର୍ଷର ବିଭିନ୍ନ କାର୍ଯ୍ୟଧାରାର ବିବରଣୀ ପାଠ କରିଥିଲେ । କୋଷାଧ୍ୟକ୍ଷ ଅବନୀକାନ୍ତ ମହାରଣା ବିଗତବର୍ଷର ଆୟବ୍ୟୟ ଉପସ୍ଥାପିତ କରିଥିଲେ ଏବଂ ଏହା ସର୍ବସମ୍ମତିକ୍ରମେ ଅନୁମୋଦିତ ହୋଇଥିଲା ।

ଡିସେମ୍ବର ୨୦ ତାରିଖ ମଧ୍ୟରେ ଜିଲ୍ଲାର ଅନ୍ୟୁନ ଆଠୋଟି ଶିକ୍ଷାନୁଷ୍ଠାନରେ ଉଦ୍‌ବୋଧନୀ କାର୍ଯ୍ୟକ୍ରମର ଆୟୋଜନ କରାଯିବା ପାଇଁ ସ୍ଥିର କରାଯାଇଥିବା ବେଳେ କଟକ ସଂଭାଗ ମୋ ଗାଁ ପରିଷଦର ସଂଯୋଜକ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତିଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା । ଏ ଦିଗରେ ଜିଲ୍ଲା ଯୁବସଂସଦର ଅଧ୍ୟକ୍ଷ ସୌମ୍ୟରଞ୍ଜନ ନାୟକ, ଉପସଭାପତି ଶିକ୍ଷାବିତ୍ ପ୍ରକାଶ ରଞ୍ଜନ ଦାଶ ଓ ଅବସରପ୍ରାପ୍ତ ପ୍ରାଧ୍ୟାପକ ଶାନ୍ତନୁ କୁମାର ମିଶ୍ର ସମସ୍ତ ପ୍ରକାର ସହଯୋଗରେ ଉକ୍ତ ଉଦ୍‌ବୋଧନୀ କାର୍ଯ୍ୟକ୍ରମ ସଫଳ ରୂପାୟନ କରାଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଥିଲା । ଚଳିତବର୍ଷ ଜିଲ୍ଲାସ୍ତରରେ ପ୍ରତିଟି ବ୍ଲକରେ ଓ ଦୁଇଟି ପୌରପରିଷଦରେ ସର୍ବମୋଟ ୧୦ଟି କେନ୍ଦ୍ରରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯିବା ସହ ବିଭିନ୍ନ ବ୍ଲକର ଦାୟିତ୍ୱ ମଧ୍ୟ ବଣ୍ଟନ କରାଯାଇଥିଲା । ସଂଭାଗସ୍ତରୀୟ ସମ୍ମିଳନୀ ପାଇଁ ସ୍ଥାନ ନିର୍ଦ୍ଧାରଣ, ଅତିଥି ମନୋନୟନ ଓ କାର୍ଯ୍ୟଖସଡା ସମ୍ପର୍କରେ ମଧ୍ୟ ବିଶଦଭାବେ ଆଲୋଚନା କରାଯାଇଥିଲା ଏବଂ ଏଥିରେ ୨୦୨୬ ମସିହା ଜାନୁଆରୀ ମାସରୁ ଡିସେମ୍ବର ମଧ୍ୟରେ ଆୟୋଜିତ ୧୨ଟି ଆଭାସୀ ପାଠଚକ୍ରର ବରେଣ୍ୟ ଆଲୋଚକମଣ୍ଡଳୀ, ସଭାପତି ଓ ସଂଯୋଜକଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ସ୍ଥିର କରାଯାଇଥିଲା । ଆଗାମୀ ଦୁଇମାସର ଆଭାସୀ ପାଠଚକ୍ର ପାଇଁ ବରେଣ୍ୟ ଆଲୋଚକଙ୍କର ଚୟନ ଦାୟିତ୍ୱ ପ୍ରାଧ୍ୟାପକ ଶ୍ରୀ ମିଶ୍ରଙ୍କୁ ଅର୍ପଣ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଗୀତାପ୍ରଚାରକ ଡ. ସରୋଜ କୁମାର ମିଶ, ମୋ ଗାଁ ଜିଲ୍ଲା ଶାଖାର ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ କୃତି ପ୍ରଧାନଶିକ୍ଷକ ଅତୁଳ ବିକ୍ରମ ପ୍ରଧାନ, ସଂପର୍କ ସେତୁର ଅଧ୍ୟକ୍ଷ ଶିକ୍ଷାବିତ୍ ସାରଦା ପ୍ରସାଦ ମିଶ୍ର, ସବୁଜାୟନନର ସଂଯୋଜକ ଗଛ ମଣିଷ କାର୍ତ୍ତିକ ଚନ୍ଦ୍ର ମୁଦୁଲି ପ୍ରମୁଖ ଅଂଶଗ୍ରହଣ କରି ନିଜସ୍ୱ ମତାମତ ପ୍ରଦାନ କରିଥିଲେ । ଶେଷରେ ଉତ୍କଳ କଳା ଓ ସଂସ୍କୃତି ବିଭାଗର ଅଧ୍ୟକ୍ଷ ଦେବର୍ଷି ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।ମ

୩୯ ମଣ୍ଡପରେ ହେବ ଗଜଲକ୍ଷ୍ମୀ ପୂଜା

ସମ୍ଭାବ୍ୟ ବାତ୍ୟାକୁ ନେଇ ହଜିଗଲାଣି ସରାଗ

ଢେଙ୍କାନାଳ,୨୪ ।୧୦(ସମିସ)

ରବିବାରଠାରୁ ଆରମ୍ଭ ହେବ ଢେଙ୍କାନାଳର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା। ମାଆ ଧନଦାତ୍ରୀଙ୍କ ପୂଜା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହେଉଛି। କିନ୍ତୁ ସମ୍ଭାବ୍ୟ ବାତ୍ୟାକୁ ନେଇ ପୂଜାକମିଟି, ଭକ୍ତ ଏବଂ ଜନସାଧାରଣଙ୍କ ମନରୁ ସରାଗ ହଜିଯାଇଛି।

ଲକ୍ଷ୍ମୀପୂଜାର ପାର୍ବଣ ବାମନ ଜନ୍ମ ସୁନିଆଁ ତିଥିରୁ ମାଟି ଅନୁକୂଳ ହୋଇଥିବା ବେଳେ କୁମାର ପୂର୍ଣ୍ଣମୀ ଅବସରରେ ଢେଙ୍କାନାଳର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜାର ଆରମ୍ଭ ହୋଇଥାଏ। ରବିବାର ସନ୍ଧ୍ୟାରେ କଳସ ଯାତ୍ରା ସହିତ ମାଆଙ୍କୁ ଅବାହନ ସହିତ ସୋମବାର ଠାରୁ ରୀତି ନିତୀ ଅନୁସାରେ ପୂଜା ଅନୁଷ୍ଠିତ ହେବ। ଚଳିତ ବର୍ଷ ମୋଟ ୩୯ଟି ମଣ୍ଡପରେ ପୂଜା ଆରମ୍ଭ ହୋଇଛି। ଜିଲ୍ଲାରେ ୧୯୨୩ ମସିହାରୁ ଢେଙ୍କାନାଳର ମୀନା ବଜାରର ସ୍ୱର୍ଗତ ଗତିକୃଷ୍ଣ ପଟ୍ଟନାୟକ ଉଦ୍ୟମରେ ଲକ୍ଷ୍ମୀ ପୂଜା ୧୯୩୩ ମସିହା ପର୍ଯ୍ୟନ୍ତ ପାଳିତ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରଜା ଆନ୍ଦୋଳନ ଯୋଗୁଁ ପୂଜା ବନ୍ଦ ହୋଇଯାଇଥିଲା। ୧୯୪୩ ମସିହାରୁ ଏହି ପର୍ବ ପୁନରାୟ ମୀନାବଜାରରୁ ଆରମ୍ଭ ହୋଇଆସୁଥିବା ଏହି ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଆଜି ଗଣଉତ୍ସବରେ ପରିଣତ ହୋଇଛି। ୧୯୪୩ରେ ମୀନା ବଜାର, ୧୯୪୮ରେ ଜବାହର ଚୌକ, ୧୯୪୯ରେ ଲକ୍ଷ୍ମୀବଜାର, ୧୯୫୦ ଗଣେଷ ବଜାର, ୧୯୫୧ କାଞ୍ଚନ ବଜାର, ୧୯୫୨ରେ ଆନନ୍ଦବଜାର, ୧୯୫୫ରେ କାରିଗର ସାହି, ୧୯୫୭ରେ ଗୁଡିଆନାଳୀ, ୧୯୫୮ରେ ରାଧାକୃଷ୍ଣବଜାର, ପଦ୍ମବଜାର, କୁଞ୍ଜକାନ୍ତ, ୧୯୫୯ରେ କୈବଲ୍ୟ ବଜାର, ୧୯୬୦ରେ ଜୁବୁଲି ଟାଉନ-୨, ୧୯୬୩ରେ ଅନ୍ନପୂର୍ଣ୍ଣା ପୂଜା ସଂସ୍ଥାନ ଷ୍ଟେସନ ବଜାର, ୧୯୬୫ରେ ରତ୍ନବଜାର, ୧୯୬୭ରେ ଚନ୍ଦନ ବଜାର, ୧୯୬୯ରେ ଗାନ୍ଧୀବଜାର ଓ ବସଷ୍ଟାଣ୍ଡ, ୧୯୭୧ରେ କୋରିଆଁ, ୧୯୭୫ରେ ଦୁର୍ଗାବଜାର, ୧୯୭୬ରେ ଦକ୍ଷିଣକାଳୀରେ ପୂଜା ଆରମ୍ଭ ହୋଇଥିଲା। ଚଳିତ ବର୍ଷ କୋରିଆଁ, ଜୁବୁଲି ଟାଉନ୨, ରତନ ବଜାର ପଦ୍ମ ବଜାର, କାରିଗର ସାହି, ଚନ୍ଦନବଜାର, ବାଜିଚୌକ, ଆନନ୍ଦ ବଜାର, କାଞ୍ଚନ ବଜାର, ମୀନା ବଜାର, ଜବାହର ଚୌକ, ଲକ୍ଷ୍ମୀବଜାର, ମହାବୀର ବଜାର, ଗଣେଷ ବଜାର, ବସଷ୍ଟାଣ୍ଡ, ଗୁଡ଼ିଆନାଳୀ, କୁଞ୍ଜକାନ୍ତ, କଲେଜପଡ଼ା ସହ ଅନ୍ୟ ସ୍ଥାନରେ ପୂଜା ମଣ୍ଡପରେ ପୂଜା ଅନୁଷ୍ଠିତ ହେଉଛି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଐତିହ୍ୟ, ସଂସ୍କୃତି ଓ ଭାଇଚାରାକୁ ପାଥେୟ କରି ସହରବାସୀ ମା'ଙ୍କ ପାଦପଦ୍ମରେ ଗୋଟିଏ ମନ ଓ ଗୋଟିଏ ପ୍ରାଣରେ ସମର୍ପିତ ହୋଇଯାଆନ୍ତି। ଜନସାଧାରଣଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରତ୍ୟେକ ପୂଜା ମଣ୍ଡପ ନିଜ ସାଧନ ମତେ ମା' ମହାଲକ୍ଷ୍ମୀଙ୍କୁ ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାରରେ ସଜାଇଥିବାବେଳେ ପୂଜା ମଣ୍ଡପଗୁଡ଼ିକୁ ମଧ୍ୟ ଆକର୍ଷଣୀୟ କରାଯାଇଛି। ଏହି ଗଜଲକ୍ଷ୍ମୀ ପୂଜା ୭ କି.ମି. ପରିବ୍ୟାପ୍ତ ସହରକୁ ଆଚ୍ଛାଦିତ କରିରଖିଛି। ପବିତ୍ର କୁମାର ପୂର୍ଣ୍ଣିମାଠାରୁ ପୂଜା ଆରମ୍ଭ ହୋଇ ନଭେମ୍ବର ୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସହରର ପ୍ରବେଶପଥରୁ ପ୍ରସ୍ଥାନପଥ ପର୍ଯ୍ୟନ୍ତ ଦୀର୍ଘ ୭କି.ମି. ବ୍ୟାପୀ ରାସ୍ତା ପାଶ୍ୱର୍ରେ ଚଳିତ ବର୍ଷ ୩୯ଟି ମଣ୍ଡପରେ ମା'ଙ୍କ ପୂଜା ଅନୁଷ୍ଠିତ ହେଉଛି। ଜିଲ୍ଲାର ଗଣପର୍ବ ଭାବରେ ପାଳିତ ହେଉଥିବା ବେଳେ ପୂଜା ପାଳନ କରିବାକୁ ଜନସାଧାରଣ ଚାହିଁ ରହିଛନ୍ତି। କିନ୍ତୁ ପୂଜା ସମୟରେ ବାତ୍ୟା ଆଶଙ୍କା ଥିବାରୁ ସମସ୍ତଙ୍କ ମନରେ ଛନକା ପଶିଛି। ପୁଲିସ ପ୍ରଶାସନ, ପୌରସଂସ୍ଥା ତରଫରୁ ସମସ୍ତ ବ୍ୟବସ୍ଥା ଶେଷ ହୋଇଛି।

ଗଜଲକ୍ଷ୍ମୀ ପୂଜାରେ ପୁଲିସର ଫ୍ଲାଗ୍ ମାର୍ଚ୍ଚ

ଢେଙ୍କାନାଳ,୨୪ ।୧୦(ସମିସ): ଢେଙ୍କାନାଳ ଜିଲ୍ଲାର ଗଜଲକ୍ଷ୍ମୀ ପୂଜା ପୂର୍ବରୁ ସହରରେ ପୁଲିସର ଫ୍ଲାଗ୍ ମାର୍ଚ୍ଚ ଆସନ୍ତା ଗଜଲକ୍ଷ୍ମୀ ପୂଜାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଏବଂ ସହରରେ ଆଇନଶୃଙ୍ଖଳା ରକ୍ଷା ସହ ଜନସାଧାରଣଙ୍କ ମଧ୍ୟରେ ସୁରକ୍ଷାବୋଧ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ପୁଲିସ ପକ୍ଷରୁ ଏକ ଫ୍ଲାଗ୍ ମାର୍ଚ୍ଚ ଅନୁଷ୍ଠିତ ହୋଇଥିଲା। ଏସ୍‌ପି ଅଜିଙ୍କ୍ୟ ବାବୁରାଓ ମାନଙ୍କ ନେତୃତ୍ୱରେ ଆୟୋଜିତ ଏହି ଫ୍ଲାଗ୍ ମାର୍ଚ୍ଚରେ ବରିଷ୍ଠ ପୁଲିସ ଅଧିକାରୀଙ୍କ ସମେତ ପୂଜା ପାଇଁ ନିୟୋଜିତ ପୁଲିସ ବଳ ଅଂଶଗ୍ରହଣ କରିଥିଲେ। ଢେଙ୍କାନାଳ ମୁଖ୍ୟ ଷ୍ଟାଡିୟମ୍‌ରୁ ଆରମ୍ଭ ହୋଇଥିବା ଏହି ମାର୍ଚ୍ଚ ବାଜିଚୌକ ଦେଇ ଏସ୍‌ପି କାର୍ଯ୍ୟାଳୟ ମୁଖ୍ୟାଳୟରେ ଶେଷ ହୋଇଥିଲା।ଗଣମାଧ୍ୟମକୁ ସୂଚନା ଦେଇ ଏସ୍‌ପି ଶ୍ରୀ ମାନେ କହିଥିଲେ ଯେ ଗଜଲକ୍ଷ୍ମୀ ପୂଜା ଢେଙ୍କାନାଳର ସମସ୍ତଙ୍କର ପର୍ବ। ଏହାକୁ ସଫଳ ଓ ଶୃଙ୍ଖଳିତ କରିବାରେ ପ୍ରତ୍ୟେକ ନାଗରିକଙ୍କ ଭୂମିକା ରହିଛି। ତେଣୁ ଆଇନଶୃଙ୍ଖଳା ରକ୍ଷା ଦିଗରେ ପୁଲିସକୁ ସହଯୋଗ କରିବା ସହ ପୂଜାକୁ ସମସ୍ତଙ୍କ ପାଇଁ ସୁରକ୍ଷିତ କରିବା ନିମନ୍ତେ ସେ ସହରବାସୀଙ୍କୁ ଆହ୍ୱାନ ଦେଇଥିଲେ। ପୂଜା ସମୟରେ ମୋଟ ୨୪ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ରହିବେ। ସୁରକ୍ଷା ବ୍ୟବସ୍ଥାର ସୁପରିଚାଳନା ପାଇଁ ୧୮ଟି ଆଉଟ୍ ପୋଷ୍ଟ ସ୍ଥାପନ କରାଯାଇଛି। ସହରରେ ଚୋରି, ନିଶାଦ୍ରବ୍ୟ କାରବାର ଓ ଅନ୍ୟାନ୍ୟ ଅସାମାଜିକ କାର୍ଯ୍ୟକଳାପ ରୋକିବା ପାଇଁ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇଛି।ପ୍ରମୁଖ ଛକ ଓ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକ ଉପରେ ଡ୍ରୋନ୍ କ୍ୟାମେରା ମାଧ୍ୟମରେ ନଜର ରଖାଯିବ। ପ୍ରତ୍ୟେକ ପୂଜା ମଣ୍ଡପରେ ପୁଲିସ କର୍ମଚାରୀ ନିୟୋଜିତ ରହିବେ। ରୁପା ଅଳଙ୍କାରରେ ସଜ୍ଜିତ ମେଢ଼ଗୁଡ଼ିକର ସୁରକ୍ଷା ପାଇଁ ସଶସ୍ତ୍ର ପୁଲିସ ମୁତୟନର ବ୍ୟବସ୍ଥା ହୋଇଛି।ପୂଜା ସମୟରେ ଭିଡ଼ର ସୁଯୋଗ ନେଇ ସୁନାଚେନ୍ ଲୁଟ୍ ଭଳି ଘଟଣା ରୋକିବା ପାଇଁ ସାଧା ପୋଷାକରେ ସ୍ୱତନ୍ତ୍ର ପୁଲିସ ଟିମ୍ ମୁତୟନ ରହିବେ। ପୂଜା ସମୟରେ ସହରକୁ ଆସୁଥିବା ଶ୍ରଦ୍ଧାଳୁ ଓ ଦର୍ଶକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଯାନବାହନ ଚଳାଚଳ ନିୟନ୍ତ୍ରଣ, ଟ୍ରାଫିକ୍ ପରିଚାଳନା ଓ ପାର୍କିଂ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ଉପରେ ପୁଲିସ ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଇଛି।

ଗଜଲକ୍ଷ୍ମୀ ପୂଜା ପାଇଁ ଗଁଦିଆ ଉତ୍ସବମୁଖର

ଗଁଦିଆ,୨୪ ।୧୦(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକରେ ରବିବାରଠାରୁ ଆରମ୍ଭ ହେଉଛି ଗଣପର୍ବ ଗଜଲକ୍ଷ୍ମୀ ପୂଜା। ସେଥିପାଇଁ ଆଜିଠାରୁ ବ୍ଲକ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ପ୍ରତିବର୍ଷ ପରି ଏହି ଦିନକୁ ଲୋକେ ଚାତକ ପରି ଚାହିଁ ରହିଥାନ୍ତି। ଆଜି ବ୍ଲକର ବିଭିନ୍ନ ପୂଜା ମଣ୍ଡପଗୁଡ଼ିକରେ ଅନୁଷ୍ଠାନର କର୍ମକର୍ତ୍ତାମାନେ ମିଳିତ ହୋଇ ସେମାନଙ୍କ ପୂଜା ମଣ୍ଡପକୁ ଆକର୍ଷଣୀୟ କରିବା ଉପରେ ବିଶେଷ ଧ୍ୟାନ ଦେଇଛନ୍ତି। ଅଧିକାଂଶ ପୂଜା ମଣ୍ଡପରେ ସୁଦୃଶ୍ୟ ତୋରଣ ନିର୍ମାଣ ହେଉଥିବା ସ୍ଥଳେ ଅନେକ ମଣ୍ଡପ ଆକର୍ଷଣୀୟ ରଙ୍ଗୀନ ଡିଜିଟାଲ ଆଲୋକମାଳାରେ ସଜ୍ଜିତ କରାଯାଉଛି। ବ୍ଲକରେ ଗଜଲକ୍ଷ୍ମୀ ପୂଜା ଏକ ଗଣପର୍ବ କହିଲେ ଭୁଲ ହେବନାହିଁ। କାରଣ ବ୍ଲକରେ ଏପରି ଗ୍ରାମ ନାହିଁ ଯେଉଁଠାରେ ମା' ଧନଦାତ୍ରୀଙ୍କ ପୂଜା ହୋଇ ନ ଥାଏ। ଆସନ୍ତାକାଲି ପ୍ରାତଃ ସମୟରୁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବ। ବ୍ରତଧାରୀମାନେ ବିଭିନ୍ନ ଜଳାଶ୍ରୟରୁ ବ୍ରାହ୍ମଣଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ଜଳକଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିବେ। ପରେ ପୂଜାର୍ଚ୍ଚନା କରାଯାଇ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିରେ ଜୀବନ୍ୟାସ କରାଯିବ। ବ୍ଲକରେ ପ୍ରମୁଖ ସ୍ଥାନଗୁଡ଼ିକ ମଧ୍ୟରେ ଗଁଦିଆ ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଣ୍ଡବନ୍ଧ ପଞ୍ଚାୟତ, ପିଙ୍ଗୁଆ ପଞ୍ଚାୟତ, ନିହଳପ୍ରସାଦ ପଞ୍ଚାୟତ ଓ ଲେଥକା ଆଦି ପଞ୍ଚାୟତରେ ପୂଜା ବିଶେଷ ଆକର୍ଷଣୀୟ ହୋଇଥାଏ। ଏହି ସ୍ଥାନମାନଙ୍କରେ ପ୍ରତି ସ୍ଥାନରେ ୨୦ରୁ ୨୫ ପୂଜା ମଣ୍ଡପରେ ମା'ଙ୍କ ପୂଜା ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ପିଙ୍ଗୁଆଠାରେ ପିଙ୍ଗୁଆ ମହୋତ୍ସବ ସହ ଅପେରା ଅନୁଷ୍ଠିତ ହେବ। ସେହିପରି ନିହଳପ୍ରସାଦଠାରେ ଅପେରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ହାତୀ ଆକ୍ରମଣରେ ଯୁବକ ମୃତ

ହିନ୍ଦୋଳ,୨୪ ।୧୦(ସମିସ): ହିନ୍ଦୋଳ ଉପଖଣ୍ଡ ବାଲିମି ଥାନା ଅନ୍ତର୍ଗତ ସଞ୍ଚୀପଡ଼ା ପଞ୍ଚାୟତ ନଣ୍ଡେଇଲ ଗ୍ରାମରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ସଞ୍ଜୟ ଭୋଇ (୩୫)। ସଞ୍ଜୟ ଶୌଚ ହେବା ପାଇଁ ଯାଇଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ତାଙ୍କ ଚିତ୍କାର ଶୁଣି ଗ୍ରାମବାସୀ ପହଞ୍ଚିଯିବାରୁ ହାତୀ ପଳାଇ ଯାଇଥିଲା। ଗ୍ରାମବାସୀ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।



ମେଗା ପାନୀୟ ଜଳ ପ୍ରକଳ୍ପରେ ମହାଦୁର୍ନୀତି

ହିନ୍ଦୋଳ,୨୪ ।୧୦(ସମିସ): ହିନ୍ଦୋଳ ଉପଖଣ୍ଡରେ ୫ ଶହ କୋଟି ଟଙ୍କାର ମେଗା ପାନୀୟ ଜଳ ପ୍ରକଳ୍ପରେ ମହାଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ହୋଇଥିବା ବେଳେ ଆରମ୍ଭରୁ ବିଭିନ୍ନ ଟାଙ୍କିରୁ ଅନବରତ ପାଣି ଗଳୁଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

ଗ୍ରାମାଞ୍ଚଳରେ ବାସ କରୁଥିବା ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ସରକାର ରାଜକୋଷରୁ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ତତ୍କାଳୀନ ବିଜେଡି ସରକାର ହିନ୍ଦୋଳ ଅଞ୍ଚଳବାସୀଙ୍କୁ ଜଳ ଯୋଗାଣ ପାଇଁ ୫ଶହ କୋଟି ଟଙ୍କାର ମେଗା ପାନୀୟ ଜଳ ପ୍ରକଳ୍ପ ମଞ୍ଜୁର କରିଥିଲେ। ୨୦୨୪ ସୁଦ୍ଧା ଉପଖଣ୍ଡର ପ୍ରତ୍ୟେକ ଗ୍ରାମର ଅଧିବାସୀ ଘରେ ଘରେ ପାଣି ପାଇପାରିବେ ବୋଲି ଘୋଷଣା କରିଥିଲେ। ହେଲେ କିଛି ଅର୍ଥପିପାସୁ ଅଧିକାରୀଙ୍କ ପାଇଁ ଆରମ୍ଭରୁ ମେଗା ପାନୀୟ ଜଳ ପ୍ରକଳ୍ପ ଆଣ୍ଠେଇ ପଡ଼ିଥିଲା। ଠିକାଦାର ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରିଥିବାରୁ ଓଭରହେଡ୍ ଟାଙ୍କି କାର୍ଯ୍ୟକ୍ଷମ ବେଳକୁ ଆରମ୍ଭରୁ ସେଥିରୁ ପାଣି ଲିକ୍ କରୁଥିବା ଦେଖିବାକୁ ମିଳିଥିଲା। ଏପରିକି ବିଭିନ୍ନ ଗ୍ରାମରେ ବିଛଯାଇଥିବା ପାଇପ ଅତ୍ୟନ୍ତ ନିମ୍ନମାନର ଏବଂ ଖୁବ କମ ଗଭୀରରେ ପୋତାଯାଇଥିବାରୁ ପାଣି ଟେଷ୍ଟ କରିବା ବେଳକୁ ପାଇପ ସବୁ ଫାଟିଯିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ପୁନର୍ବାର ବିଭାଗ ଦ୍ୱାରା ଏବେ ପାଇପ ବିଛାଇବା ସହ ମରାମତି କାର୍ଯ୍ୟ ହେଉଛି। ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ଆଜିପର୍ଯ୍ୟନ୍ତ ଉପଖଣ୍ଡ ଅଧିବାସୀ ମେଗା ପାନୀୟ ଜଳପ୍ରକଳ୍ପରୁ ପାଣି ଟୋପେ ପାଇପାରିଲେ ନାହିଁ।

ସାତମାଇଲ ଠାରେ ନିର୍ମାଣ ହୋଇଥିବା ଟାଙ୍କିରୁ ପାଣି ଗଳୁଥିବା ଦେଖିବାକୁ ମିଳିଥିବା ବେଳେ କିଛିଦିନ ପୂର୍ବରୁ ରାସୋଳ ଅଞ୍ଚଳରେ ହୋଇଥିବା ଓଭର ହେଡ୍ ଟାଙ୍କି ଓ କନ୍ତିମିଲି ପଞ୍ଚାୟତରେ ହୋଇଥିବା ଓଭରହେଡ୍ ଟାଙ୍କିରୁ ଅନବରତ ପାଣି ଗଳୁଥିବା ଦେଖିବାକୁ ମିଳିଛି। ତେଣୁ ସରକାରଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ୫ ଶହ କୋଟିର ପ୍ରକଳ୍ପରୁ ଲୋକେ ପାଣି ଟୋପେ ପାଇ ପାରିବେ କି ନାହିଁ ତାହା ଏବେ ସନ୍ଦେହ ସୃଷ୍ଟି କରିଛି। ପ୍ରକଳ୍ପ କାର୍ଯ୍ୟର ଉଚ୍ଚାସ୍ତରୀୟ ତଦନ୍ତ କରି ଦାୟିତ୍ୱରେ ଥିବା ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

ଏସୟୁସିଆଇ କମ୍ୟୁନିଟି ପାର୍ଟିର ଶୋଭାଯାତ୍ରା

ଢେଙ୍କାନାଳ,୨୪ ।୧୦(ସମିସ): ୧୪ ଦଫା ଦାବି ନେଇ ଢେଙ୍କାନାଳ ଜିଲ୍ଲା ଏସ୍‌ୟୁସିଆଇ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ବାଜିଚୌକ ଛକଠାରୁ ବିରାଟ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଢେଙ୍କାନାଳ ମୁଖ୍ୟ ମେଡିକାଲକୁ ମେଡକିାଲ କଲେଜରେ ପରିଣତ କରିବା, ଢେଙ୍କାନାଳ ଓ କାମାକ୍ଷାନଗର ମେଡିକାଲରେ ଏମ୍‌ଆରଆଇ ସୁବିଧା ଯୋଗାଇଦେବା ସହ ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ସମସ୍ତ ମେଡିକାଲରେ ସାପକାମୁଡ଼ା ଓ କୁକୁର କାମୁଡ଼ା ଇଞ୍ଜେକ୍ସନ୍ ଯୋଗାଇଦେବା, ଜିଲ୍ଲାର ଜଙ୍ଗଲ ଅଧିବାସୀଙ୍କୁ ଘରଡିହ ପଟ୍ଟା ଓ ଚାଷଜମି ପଟ୍ଟା ପ୍ରଦାନ, ଏସ୍‌ଆଇଆର୍ ରଦ୍ଦ କରିବା, କାମାକ୍ଷାନଗର ମେଡିକାଲ୍‌ରେ ସିଟି ସ୍କାନ୍ ଓ ଏଣ୍ଡୋସ୍କପି ବ୍ୟବସ୍ଥା, ବିଭିନ୍ନ ସ୍କୁଲ କେଲଜରେ ଖାଲି ପଡ଼ିଥିବା ଶିକ୍ଷକ ଓ ଅଧ୍ୟାପକ ପଦବୀ ପୂରଣ, ବିଜ୍ଞାନଭିତ୍ତିକ ପାଠ ଉପକରଣ ଯୋଗାଣ, ସମସ୍ତ ଗ୍ରାମକୁ ପିଇବା ପାଣି ଓ ଜମିକୁ ପାଣି ସୁବିଧା ଇତ୍ୟାଦି ଦାବି ପୂରଣ ନିମନ୍ତେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ବିଷୟରେ ତଦାରଖ କରି ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

ହାଇୱା ଧକ୍କାରେ ଯୁବକ ମୃତ

ଖଜୁରିଆକଟା,୨୪ ।୧୦(ସମିସ): ହିନ୍ଦୋଳ ଉପଖଣ୍ଡ ସୀମାନ୍ତ ପିଚ୍ଛୁଳିଘାଟି ମନ୍ଦିର ନିକଟରେରେ ଶନିବାର ସଡ଼କ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ହିନ୍ଦୋଳ ଏନଏସି ୪ନଂ ୱାର୍ଡ ପାଞ୍ଜିଆ ସାହିର ରୁଦ୍ର ସିଂସାମନ୍ତ ଓରଫ ଟୁବୁଲା (୪୮)। ରୁଦ୍ର ବାଇକ୍ ଯୋଗେ କୌଣସି କାର୍ଯ୍ୟରେ କଟକ ଜିଲ୍ଲା ନରସିଂହପୁର ଯାଇ ଘରକୁ ଫେରୁଥିବା ବେଳେ ହିନ୍ଦୋଳ ପଟୁ ଯାଉଥିବା ଏକ ହାଇୱା ତାଙ୍କୁ ପିଚ୍ଛୁଳି ଧକ୍କାଦେଇ ଫେରାର ହୋଇଯାଇଥିଲା। ଏଥିରେ ରୁଦ୍ରଙ୍କ ଗୋଟିଏ ହାତ ଓ ଗୋଡ଼ ଛିଣ୍ଡି ଯାଇଥିଲା। ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟ, ପରେ ଅନୁଗୋଳ ଡାକ୍ତରଖାନା ଓ ଶେଷରେ କଟକ ଏସ୍‌ସିବି ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ତେବେ କଟକ ଯିବା ବାଟରେ ତାଙ୍କ ମୃତ୍ୟୁ ଘଟିଛି। ହିନ୍ଦୋଳ ଦେଇ ଦୈନିକ ଶହ ଶହ ହାଇୱା, ଟିପ୍ପର, ଟ୍ରକ ସହ ଅନ୍ୟାନ୍ୟ ଗାଡ଼ି ଚାଲୁଥିବାବେଳେ ଅନେକ ଗାଡ଼ିର କାଗଜପତ୍ର ନାହିଁ। ଏପରିକି ବିନା ପରମିଟ୍‌ରେ ମଧ୍ୟ ଅନେକ ଗାଡ଼ି ଚଳାଚଳ କରୁଛି। କାହିଁକି ସେମାନଙ୍କ ଉପରେ ଲାଗୁନି ଅଙ୍କୁଶ, କାହା ସମର୍ଥନ, ଛତ୍ରଛାୟା ତଳେ ରହି ଚାଲିଛି ଏଭଳି ଅବ୍ୟବସ୍ଥା, ତାହା ଏବେ ବଡ଼ପ୍ରଶ୍ନ। ଦୁର୍ଘଟଣା ଘଟାଇଥିବା ହାଇୱା ଓ ଡ୍ରାଇଭରକୁ ଧରିବାସହ ରୁଦ୍ରଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇଦେବାକୁ ଦାବି ହେଉଛି।

ବେଆଇନ ବାଲିଘାଟରେ ଚଢ଼ଉ, ୩ ହାଇୱା ଜବତ

ଢେଙ୍କାନାଳ,୨୪ ।୧୦(ସମିସ): ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀ ନଦୀର ବିଭିନ୍ନ ସ୍ଥାନରେ ବେଆଇନ ବାଲି ଖନନ ଅଭିଯୋଗରେ ଖଣି ବିଭାଗ, ତହସିଲ ପ୍ରଶାସନ ଓ ମୋଟଙ୍ଗା ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ୩ଟି ହାଇୱା ଜବତ କରାଯାଇଛି। ଜବତ ଗାଡ଼ିଗୁଡ଼ିକର ମାଲିକ ସନ୍ତୋଷ କୁମାର ନାଏକ ବୋଲି ଜଣାପଡ଼ିଛି। ସେ ସ୍ଥାନୀୟ ଜଣେ ବିଧାୟକଙ୍କ ସମ୍ପର୍କୀୟ ଭାଇ ବୋଲି ମଧ୍ୟ କୁହାଯାଉଛି। ଜବତ ଗାଡ଼ିଗୁଡ଼ିକୁ ମୁକୁଳାଇବା ପାଇଁ ଅଧିକାରୀଙ୍କ ଉପରେ ରାଜନୈତିକ ଚାପ ପ୍ରୟୋଗ କରାଯାଉଥିବା ଅଭିଯୋଗ ଉଠିଛି। ଏହି ଅଭିଯୋଗର ସ୍ୱତନ୍ତ୍ର ଯାଞ୍ଚ ଆବଶ୍ୟକ ରହିଛି। ଅନ୍ୟପକ୍ଷରେ ଓଡ଼ାପଡ଼ା ତହସିଲଦାରଙ୍କୁ ନିଲମ୍ବନ କରାଯାଇଥିବା ସୂଚନା ମିଳିଛି।

ମଦକାରବାରକୁ ନେଇ କରନ୍ଦା ଗ୍ରାମରେ ଗୋଷ୍ଠୀ ସଂଘର୍ଷ

- ମହିଳାଙ୍କୁ ମାଡ଼ ମାରି ତାଲାପକାଇ ରଖିଲେ ମାଫିଆ
- ମାଫିଆଙ୍କ ମାଡ଼ରେ ମହିଳାଙ୍କ ମୁଣ୍ଡ ଫାଟିଲା, ୨ ଅଟକ

ଗଁଦିଆ,୨୪ ।୧୦(ସମିସ)

ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ନିହଳପ୍ରସାଦ ଥାନା କରନ୍ଦା ଗ୍ରାମରେ ବେଆଇନ ମଦ କାରବାରକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟିଛି। ଏହି ଘଟଣାରେ ମଦ ମାଫିଆମାନେ ଏସଏସଜି ଗ୍ରୁପର ମହିଳାଙ୍କୁ ମାଡ ମାରି ଲହୁଲୁହାଣ କରିବା ସହିତ ମୁଣ୍ଡ ଫଟାଇ ତାଲାପକାଇଦେଇଥିଲେ। ଖବରପାଇ ପୁଲିସ ମହିଳାଙ୍କୁ ଉଦ୍ଧାର କରିବା ସହିତ ୨ ଅଟକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ଗଁଦିଆ ବ୍ଲକ ଅନ୍ତର୍ଗତ ନିହଳପ୍ରସାଦ ଥାନା ଅଧୀନ କରନ୍ଦା ଗ୍ରାମରେ ବେଆଇନ ମଦ କାରବାରକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ ଘଟିଛି। ଏହି ଘଟଣାରେ ଏକାଧିକ ମହିଳା ଆହତ ହୋଇଥିବା ବେଳେ ଜଣେ ମହିଳାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ମହିଳାଙ୍କ ଅଭିଯୋଗ ଆଧାରରେ ନିହଳପ୍ରସାଦ ପୁଲିସ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।ସୂଚନା ଅନୁଯାୟୀ, କରନ୍ଦା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଦିନକୁ ଦିନ ବେଆଇନ ମଦ କାରବାର ବୃଦ୍ଧି ପାଉଥିବା ଅଭିଯୋଗ ହୋଇଆସୁଛି। ଏହାକୁ ନେଇ ଗ୍ରାମରେ ଅସନ୍ତୋଷ ବଢୁଥିବା ବେଳେ ମଦ କାରବାର ବନ୍ଦ କରିବା ପାଇଁ ପୂର୍ବରୁ ମହିଳାମାନେ ଆନ୍ଦୋଳନ କରିଥିଲେ। ତେବେ ଏହି ସମସ୍ୟାର ସମାଧାନ ହୋଇ ନଥିବାରୁ ପୁଣିଥରେ ମଦ ବିରୋଧୀ ପ୍ରତିବାଦ ଆରମ୍ଭ ହୋଇଥିବା ଜଣାପଡ଼ିଛି।ଗ୍ରାମରେ ବେଆଇନ ମଦ କାରବାର ବୃଦ୍ଧି ଏବଂ ଏହାକୁ ରୋକିବାରେ ଅବକାରୀ ବିଭାଗର ଭୂମିକାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ମହିଳାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଗତକାଲି ଶୁକ୍ରବାର ସନ୍ଧ୍ୟାରେ ଗ୍ରାମର ମହିଳାମାନେ ପୁନର୍ବାର ମଦ ବିରୋଧୀ ପ୍ରତିବାଦ କରୁଥିବା ସମୟରେ ସ୍ୱୟଂ ସହାୟକ ଗୋଷ୍ଠୀର ଜଣେ ଅଗ୍ରଣୀ ମହିଳାଙ୍କ ସହ ମଦ କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିବା ବିପିନ ଦେହୁରୀଙ୍କ ପରିବାରର ସଦସ୍ୟମାନଙ୍କ ମଧ୍ୟରେ ବଚସା ହୋଇଥିଲା।ପରବର୍ତ୍ତୀ ସମୟରେ ଉକ୍ତ ମହିଳାଙ୍କୁ ମାଡ଼ ମରାଯିବା ସହ ଘର ଭିତରେ ତାଲା ପକାଇ ଅଟକ ରଖାଯାଇଥିବା ଅଭିଯୋଗ ହୋଇଛି। ମହିଳା ଜଣକ ଛାଡ଼ିଦେବା ପାଇଁ ଅନୁରୋଧ କରିଥିଲେ ମଧ୍ୟ ତାଙ୍କୁ ଛଡ଼ା ଯାଇନଥିବା ଅଭିଯୋଗରେ ଦର୍ଶାଯାଇଛି। ଏହାପରେ ବାଧ୍ୟ ହୋଇ ମହିଳାମାନେ ଜରୁରୀକାଳୀନ ସହାୟତା ନମ୍ବର ୧୧୨କୁ ଫୋନ୍ କରି ପୁଲିସର ସହାୟତା ଲୋଡ଼ିଥିଲେ।ଖବର ପାଇ ନିହଳପ୍ରସାଦ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଟକ ଥିବା ମହିଳାଙ୍କୁ ଉଦ୍ଧାର କରିଥିଲା। ପରେ ଆହତ ମହିଳାମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତୁମୁଣି ବେହେରା (୪୮)ଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ଘଟଣାକୁ ନେଇ ମହିଳାଙ୍କ ପକ୍ଷରୁ ଥାନାରେ ଏତଲା ଦିଆଯିବା ପରେ ପୁଲିସ ବିପିନ ଦେହୁରୀ ଓ ତାଙ୍କ ପୁଅ ଅଜୟ ଦେହୁରୀଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। କରନ୍ଦା ଗ୍ରାମରେ ବେଆଇନ ମଦ କାରବାରକୁ ନେଇ ଏପରି ଉତ୍ତେଜନା ସୃଷ୍ଟି ହେବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଗ୍ରାମରେ ମଦ କାରବାର ବନ୍ଦ କରିବା ସହ ଏଭଳି ଘଟଣାର ପୁନରାବୃତ୍ତି ରୋକିବାକୁ ସ୍ଥାନୀୟ ମହଲରେ ଦାବି ହେଉଛି।

ଦୁର୍ଗାପୂଜା ଭସାଣକୁ ନେଇ ବାରଦା ଗାଁରେ ଗୋଷ୍ଠୀ ସଂଘର୍ଷ

ଢେଙ୍କାନାଳ,୨୪ ।୧୦(ସମିସ): ଢେଙ୍କାନାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ବାରଦା ଗ୍ରାମରେ ଦୁର୍ଗାପୂଜା ଭସାଣକୁ ନେଇ ସବର୍ଣ୍ଣ ଅସବର୍ଣ୍ଣଙ୍କ ମଧ୍ୟରେ ଗୋଷ୍ଠୀ ସଙ୍ଘର୍ଷ ଘଟିଛି। ପରିସ୍ଥିତି ଉତ୍ତେଜନା ପୂର୍ଣ୍ଣ ରହିଥିବା ବେଳେ ଗ୍ରାମରେ ପୁଲିସ ମୁତୟନ କରାଯାଇଛି। ଘଟଣା ପରେ ଗ୍ରାମ ଶୂନଶାନ ହୋଇପଡିଛି।

ପୁଲିସ ମୁତୟନ, ଗ୍ରାମ ପୁରୁଷଶୂନ୍ୟ

ବାରଦା ଗ୍ରାମର ସବର୍ଣ୍ଣ ଗୋଷ୍ଠୀର ତିନି ସାହି ପକ୍ଷରୁ ମିଳିତ ଭାବରେ ଦୁର୍ଗାପୂଜା ଭସାଣି ସମୟରେ ଦୁଇ ଗୋଷ୍ଠୀ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ବଚସା ତିବ୍ର ହେବା ପରେ ଉଭୟ ଗୋଷ୍ଠୀ ପରସ୍ପରକୁ ଆକ୍ରମଣ କରିଥିଲେ।ଯେଉଁଥିରେ ଉଭୟ ସବର୍ଣ୍ଣ ଓ ଅସବର୍ଣ୍ଣ ଗୋଷ୍ଠୀର ୧୦ରୁ ଅଧିକ ଯୁବକ ଆହତ ହୋଇଥିଲେ।ଏହାକୁ କେନ୍ଦ୍ର କରି ସଦରଥାନାରେ ଉଭୟ ପକ୍ଷ ଲିଖିତ ଅଭିଯୋଗ କରିଥିଲେ। ଆଜି ତାହାର ଆପୋଷ ସମାଧାନ ହେବାର ଥିଲା। କିନ୍ତୁ ତା' ପୂର୍ବରୁ ସବର୍ଣ୍ଣ ଗୋଷ୍ଠୀର ଶତାଧିକ ଲୋକ ହରିଜନ ସାହିରେ ପଶି ବ୍ୟାପକ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ସଦରଥାନା ଅନ୍ତର୍ଗତ ବାରଦା ହରିଜନ ସାହିରେ ପୁଲିସ୍ ଉପସ୍ଥିତିରେ ଢେଲାମାଡ଼ ସାଙ୍ଗକୁ ଗାଡ଼ି ଭଙ୍ଗାରୁଜା ଓ କିଛି ଘର ମଧ୍ୟ ଭାଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଛି। ସେହିପରି କିଛି ଶିଶୁ ଓ ମହିଳାଙ୍କୁ ମଧ୍ୟ ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଖବରପାଇ ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ତଦନ୍ତ କରିବା ସହ ସ୍ଥିତି ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିଛି। ସମଗ୍ର ଗାଁ ପୁଲିସ୍ ଛାଉଣି ହୋଇଛି।

ମୁଦ୍ରା ବିନିମୟ ମୂଲ୍ୟ

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୪.୮୨ ● ପାଉଣ୍ଡ ୧୨୭.୦୭
- ୟୁରୋ ୧୦୬.୯୭ ● ୟେନ୍ ୦.୬୦

ସୁନା, ରୁପା ଦର (ଟଙ୍କାରେ)

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୦,୭୦୦ (ଭୁବନେଶ୍ୱର)
- ରୁପା : ୨,୨୦,୦୦୦ (କେଜି)

ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୭୩,୧୨୩.୦୦
- ନିଫ୍ଟି ୨୨,୬୦୦.୦୦

ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦

ମେକିଙ୍ଗ୍ ଚାର୍ଜ ଉପରେ ୫୦% ରିଆତି

ଜୟଆଲୁକ୍କାସର 'ଜୟୱାଲି ଦିୱାଲି' ଅଭିଯାନ

ଭୁବନେଶ୍ୱର,୨୪।୧୦(ସମିସ): ଜୁଏଲର ଜୟଆଲୁକ୍କାସ୍ 'ଜୟୱାଲି ଦିୱାଲି' ନାମରେ ଏକ ଅଭିଯାନ ଆରମ୍ଭ କରିଛି। ସମୁଦାୟ ଅଳଙ୍କାର ସଂଗ୍ରହରେ ମେକିଙ୍ଗ୍ ଚାର୍ଜ (ଭିଏ)

Joyalukkas World's favourite jeweller

ଉପରେ ସରଳ ୫୦% ରିଆତି ସହିତ ଏହି ଅଫର୍ ଦେଶର ସମସ୍ତ ଜୟଆଲୁକ୍କାସ୍ ଶୋରୁମରେ ୮ ନଭେମ୍ବର ପର୍ଯ୍ୟନ୍ତ ଚାଲୁ ରହିବ। ଏହି ଅଫର ଗ୍ରାହକମାନଙ୍କୁ ଚଳିତଥର ଦୀପାବଳିରେ ଅଧିକ ଉତ୍ସବ, ଅପଗ୍ରେଡ୍ ଏବଂ ଉପହାର ପ୍ରଦାନ କରିବ। ଅଫର ଜରିଆରେ ଗ୍ରାହକ ଜୟଆଲୁକ୍କାସ୍ ଷ୍ଟୋରରେ ଉପଲବ୍ଧ ସୁନା, ହୀରା, ଅନକଟ୍ ହୀରା, ମୂଲ୍ୟବାନ ପଥର, ପ୍ଲାଟିନମ୍ ଏବଂ ରୂପା ଅଳଙ୍କାର ମଧ୍ୟରୁ ସେମାନଙ୍କର ଏକ ମିଲିୟନରୁ ଅଧିକ ଡିଜାଇନ୍ ରେଞ୍ଜ ପସନ୍ଦ କରିପାରିବେ, ଯାହା ପାରମ୍ପରିକ ଭାରତୀୟ ଏବଂ ଇଥନୋ-କନ୍‌ମୋରାରୀ ସୃଜନରୁ ଆରମ୍ଭ କରି ଇଟାଲିଆନ୍, ତୁର୍କିଶ୍ ଏବଂ ବିଶ୍ୱ ଶୈଳୀ ପର୍ଯ୍ୟନ୍ତ ରହିଛି। ମେକିଂ ଚାର୍ଜ ଅଫର୍ ସହିତ ଜୟଆଲୁକ୍କାସ୍ ପୁରୁଣା ସୁନା ବଦଳ ଉପରେ ୦% ଡିଡକସନ୍ ପ୍ରଦାନ କରୁଛି। କୌଣସି ଜୁଏଲରଙ୍କଠାରୁ କିଣାଯାଇଥିବା ସୁନା ଅଳଙ୍କାରକୁ ପୂର୍ଣ୍ଣ ମୂଲ୍ୟରେ ବଦଳ କରାଯାଇପାରିବ। ଏଥିରେ ଗ୍ରାହକ ଏକ ଗ୍ରାମ୍ ବି ମଧ୍ୟ ହାରାଇବେ ନାହିଁ। ପୁରୁଣା ଅଳଙ୍କାରର ମୂଲ୍ୟ ନଗଦରେ ପାଇବାକୁ ଚାହୁଁଥିଲେ, ଜୟଆଲୁକ୍କାସ୍ ୧୫ ମିନିଟରେ ତୁରନ୍ତ ପେମେଣ୍ଟ ପ୍ରଦାନ କରୁଛି। ଏହି ଅଭିଯାନ ସମ୍ପର୍କରେ ଡ଼ା. ଜୟ ଆଲୁକ୍କାସ୍, ସିଏମ୍‌ଡି ଜୟଆଲୁକ୍କାସ୍ ଗ୍ରୁପ କହିଛନ୍ତି ଯେ, ଦିପାବଳୀ ନୂତନ ଆରମ୍ଭକୁ ଉଦଯାପନ କରେ ଏବଂ ଆମେ ଭଲପାଉଥିବା ଲୋକମାନଙ୍କ ସହିତ ଏହାକୁ ଭାଗ କରିବାର ଆନନ୍ଦକୁ ଉଦଯାପନ କରେ ଜୟୱାଲି ଦୀପାବଳି ସହିତ, ଆମେ ସେଇ ଆନନ୍ଦକୁ ଆଉ ଅଧିକ ପୁରସ୍କାରମୟ କରିବାକୁ ଚାହୁଁଛୁ।

ସୁପ୍ରିମକୋର୍ଟରେ ମାନିଲେ କେନ୍ଦ୍ର ସରକାର

ରୋଗୀଙ୍କୁ ଲୁଟୁଛନ୍ତି ହସ୍ପିଟାଲ

କ୍ୟାନସର ଔଷଧରେ ୭୦୦% ପ୍ରିମିୟମ୍

ଔଷଧ ଓ ଚିକିତ୍ସା ପାଇଁ ଏମ୍‌ଆର୍‌ପିଠାରୁ ଅଧିକ ମୂଲ୍ୟ ଏକ ପ୍ରକାର 'ଅର୍ଥନୈତିକ ଅଭ୍ୟାସ'

ନୂଆଦିଲ୍ଲୀ,୨୪।୧୦(ଏଜେନ୍ସି): ଚିକିତ୍ସା ସମୟରେ ହସ୍ପିଟାଲଗୁଡ଼ିକ ରୋଗୀଙ୍କଠାରୁ ଔଷଧ ଓ ଚିକିତ୍ସା ସାମଗ୍ରୀ ପାଇଁ ଅତ୍ୟଧିକ ମୂଲ୍ୟ ଅସୁଲ କରୁଛନ୍ତି। ବିଶେଷକରି କର୍କଟ ରୋଗ ବା କ୍ୟାନସର ଔଷଧ ଉପରେ ଡାକ୍ତରଖାନା କର୍ତ୍ତୃପକ୍ଷ ରୋଗୀଙ୍କଠାରୁ ୧୭୦% ରୁ ୭୦୦% କିମ୍ବା ତା'ଠାରୁ ଅଧିକ ମୂଲ୍ୟ ନେଉଛନ୍ତି। ଏମିତି କରି ହସ୍ପିଟାଲଗୁଡିକ ସୋମାନଙ୍କ ନିକଟକୁ ଚିକିତ୍ସା ପାଇଁ ଯାଉଥିବା ରୋଗୀଙ୍କୁ ଲୁଟୁଛନ୍ତି। ଔଷଧ ସାମଗ୍ରୀର ମୂଲ୍ୟ ଏବଂ ହସ୍ପିଟାଲଗୁଡିକ ଉପରେ ସରକାରଙ୍କ କୌଣସି ନିୟନ୍ଦ୍ରଣ ରହୁନାହିଁ। କେନ୍ଦ୍ର ସରକାର ମଧ ବର୍ତ୍ତମାନ ଏହି କଥାକୁ ସ୍ୱୀକାର କରିଛନ୍ତି। କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି ଯେ ଡାକ୍ତରଖାନାଗୁଡ଼ିକ ଔଷଧ ଓ ଚିକିତ୍ସା ସାମଗ୍ରୀ ପାଇଁ ରୋଗୀଙ୍କଠାରୁ ସର୍ବାଧିକ ଖୁଚୁରା ମୂଲ୍ୟ (ଏମ୍‌ଆର୍‌ପି) ଠାରୁ ମଧ୍ୟ ଅଧିକ ମୂଲ୍ୟ ନେବା ଏକ ପ୍ରକାର 'ଅନୈତିକ ଅଭ୍ୟାସ' କରୁଛନ୍ତି। ସରକାର କହିଛନ୍ତି ଯେ ସେମାନେ ଏହି ସମସ୍ୟା ପ୍ରତି ସଚେତନ ଅଛନ୍ତି ଏବଂ ସମସ୍ତ ସମ୍ପୃକ୍ତ ପକ୍ଷଙ୍କ ସହ ଆଲୋଚନା କରି ଉପଯୁକ୍ତ ପଦକ୍ଷେପ ନେବାକୁ ବିଚାର କରୁଛନ୍ତି। କେନ୍ଦ୍ର ସରକାର ସମସ୍ତ ଔଷଧ, ଚିକିତ୍ସା ସାମଗ୍ରୀ, ରସାୟନ ଏବଂ ସାରର ମୂଲ୍ୟ ନିୟନ୍ତ୍ରଣ କରିବା ପ୍ରସଙ୍ଗରେ ସୁପ୍ରିମକୋର୍ଟରେ ଏକ ସତ୍ୟପାଠ ଦାଖଲ କରିଛନ୍ତି।

କେନ୍ଦ୍ର ରସାୟନ ଓ ସାର ମନ୍ତ୍ରଣାଳୟ ସମସ୍ତ ଔଷଧ, ଚିକିତ୍ସା ସାମଗ୍ରୀ, ରସାୟନ ଏବଂ ସାରର ମୂଲ୍ୟ ସୀମିତ କରିବା ସମ୍ବନ୍ଧରେ ସୁପ୍ରିମକୋର୍ଟରେ ଏକ ସତ୍ୟପାଠ ଦାଖଲ କରିଛି। ମନ୍ତ୍ରଣାଳୟ ଉଲ୍ଲେଖ କରିଛି ଯେ ଡାକ୍ତରଖାନା ତୁଳନାରେ ରୋଗୀମାନେ ଚିକିତ୍ସା ଖର୍ଚ୍ଚ ସମ୍ବନ୍ଧରେ ବୁଝାମଣା କରିବାରେ ଅତ୍ୟନ୍ତ ଦୁର୍ବଳ ସ୍ଥିତିରେ ଅଛନ୍ତି। ଏହା ବ୍ୟତୀତ, ଔଷଧ, ଉପଲବ୍ଧ ବିକଳ୍ପ ଏବଂ ମୂଲ୍ୟ ନିର୍ଦ୍ଧାରଣ ସମ୍ପର୍କରେ ସେମାନଙ୍କର ଜ୍ଞାନ "ଅତ୍ୟନ୍ତ ସୀମିତ। ସତ୍ୟପାଠରେ ଏହା ଏ ନେଇ ଚିନ୍ତା ମଧ ପ୍ରକାଶ ପାଇଛି ଯେ, ଯଦିଓ ଭାରତରେ ଶସ୍ତା ଔଷଧ ପ୍ରସ୍ତୁତ କରୁଥିବା କମ୍ପାନୀଗୁଡ଼ିକ ଅଛନ୍ତି, ତଥାପି ରୋଗୀମାନଙ୍କୁ ପ୍ରାୟତଃ ପ୍ରକୃତ ଉତ୍ପାଦନ ମୂଲ୍ୟ ଠାରୁ ଅନେକ ଗୁଣ ଅଧିକ ଦାମ୍ ଦେବାକୁ ପଡୁଛି। ଏହାଛଡା, ଭାରତରେ ଔଷଧ ନିର୍ମାତାମାନଙ୍କ ମଧ୍ୟରେ ତୀବ୍ର ପ୍ରତିଯୋଗିତା ସତ୍ତ୍ୱେ, ପର୍ଯ୍ୟାପ୍ତ ସୂଚନା ଏବଂ ସଚେତନତାର ଅଭାବ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଏଭଳି ଅନିୟମିତତାକୁ ଦର୍ଶାଉଛି।

ଅତ୍ୟାବଶ୍ୟକ ଔଷଧର ମୂଲ୍ୟରେ ଥିବା ପ୍ରବଳ ପାର୍ଥକ୍ୟ ଏବଂ ଡାକ୍ତରଖାନା ତଥା ଔଷଧ କମ୍ପାନୀଗୁଡ଼ିକର ଲାଭଖୋରୀ ମନବୃତ୍ତିକୁ ନେଇ ଅଭିଯୋଗ ଆସୁଥିବାବେଳେ, ନ୍ୟାୟପାଳିକା ଏହାର ଯାଞ୍ଚ କରୁଛି। ଔଷଧ ମୂଲ୍ୟ ନିୟନ୍ତ୍ରଣ କରିବା ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକର ବିସ୍ତୃତ ବିବରଣୀ ଦେଇ ସରକାର କହିଛନ୍ତି ଯେ ୯୩୫ ନିର୍ଦ୍ଦିଷ୍ଟ ଔଷଧ ଫର୍ମୁଲେସନ ପାଇଁ ସର୍ବାଧିକ ମୂଲ୍ୟ ସ୍ଥିର କରାଯାଇଛି। ଏହା ସହିତ, ୩୮୮୧ ଅନ୍ୟ ଔଷଧ ପାଇଁ ଖୁଚୁରା ମୂଲ୍ୟ ସ୍ଥିର କରାଯାଇଛି। ଡାକ୍ତର ସଞ୍ଜୟ କୁଳଶ୍ରେଷ୍ଠଙ୍କ ଦ୍ୱାରା ଦାଖଲ କରାଯାଇଥିବା ଏକ ଆବେଦନର ଜବାବରେ ସରକାର ଏହି ସତ୍ୟପାଠ ଦାଖଲ କରିଛନ୍ତି।

ଏହି ପ୍ରସଙ୍ଗରେ ପୂର୍ବ ଏକ ଶୁଣାଣି ସମୟରେ ସଲିସିଟର ଜେନେରାଲ କୋର୍ଟଙ୍କୁ ଜଣାଇଥିଲେ ଯେ କେନ୍ଦ୍ର ସରକାର କର୍କଟ ରୋଗ ସମ୍ବନ୍ଧୀୟ ଔଷଧଗୁଡ଼ିକର ଏକ ତାଲିକା ପ୍ରକାଶ କରିବେ, ଯାହା ଏହି ପ୍ରସ୍ତାବିତ ମୂଲ୍ୟ ସୀମା ଅଧୀନରେ ରହିବ। ବଜାର ପରିସ୍ଥିତି ଏବଂ ଜନସ୍ୱାସ୍ଥ୍ୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ତାଲିକାରେ ସମୟ ସମୟରେ ନୂତନ ଔଷଧ ଯୋଡ଼ାଯିବ ଏବଂ ଅଧିକ ସୁଲଭ ମୂଲ୍ୟର ଔଷଧଗୁଡ଼ିକୁ ଏଥିରୁ ବାଦ୍ ଦିଆଯିବ। ତେବେ, ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି ଯେ କେବଳ କର୍କଟ ରୋଗର ଔଷଧ ପାଇଁ କାହିଁକି ମୂଲ୍ୟ ନିୟନ୍ତ୍ରଣ ବ୍ୟବସ୍ଥା ବିଚାର କରାଯାଉଛି, ଅନ୍ୟ ଔଷଧଗୁଡ଼ିକ ପାଇଁ କାହିଁକି ନୁହେଁ ? କୋର୍ଟ ଆହୁରି ମଧ୍ୟ ପଚାରିଛନ୍ତି ଯେ, ଯଦି ଔଷଧ ଉତ୍ପାଦନକାରୀମାନଙ୍କୁ ନିଜ ଇଚ୍ଛାରେ ମୂଲ୍ୟ ନିର୍ଦ୍ଧାରଣ କରିବାକୁ ଅନୁମତି ଦିଆଯାଏ, ତେବେ ରୋଗୀମାନେ କିପରି ଉପକୃତ ହେବେ ? ଏହା ସହିତ କୋର୍ଟ ଔଷଧ ମୂଲ୍ୟ ନିର୍ଦ୍ଧାରଣ ପ୍ରକ୍ରିୟାର ଏକ ବ୍ୟାପକ ସମୀକ୍ଷା କରିବାକୁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାର କହିଛନ୍ତି ଯେ ସେମାନେ ବିଭିନ୍ନ ସମ୍ପୃକ୍ତ ପକ୍ଷଙ୍କ ସହ ପରାମର୍ଶ କରୁଛନ୍ତି ଏବଂ ଏହି ସମସ୍ୟାର ସମାଧାନ ପାଇଁ ଉପଯୁକ୍ତ ନିୟାମକ ପଦକ୍ଷେପ ବିଷୟରେ ବିଚାର କରୁଛନ୍ତି।

ପହଲେ ଇଣ୍ଡିଆ ଫାଉଣ୍ଡେସନ୍ ରିପୋର୍ଟ ଉନ୍ମୋଚିତ

ଭୁବନେଶ୍ୱର,୨୪।୧୦(ସମିସ): ପହଲେ ଇଣ୍ଡିଆ ଫାଉଣ୍ଡେସନ୍ (ପିଆଇଏଫ୍) ପକ୍ଷରୁ ଶୁକ୍ରବାର ଭୁବନେଶ୍ୱରଠାରେ "ବିକଶିତ ଓଡ଼ିଶା: ଅଗ୍ରଗତି, ସମ୍ଭାବନା ଏବଂ ୨୦୪୭ ପାଇଁ ପଥ" ଉପରେ ଏକ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ସେଠାରେ ସରକାରୀ ଅଧିକାରୀ, ଶିଳ୍ପ ପ୍ରତିନିଧି ଏବଂ ଶିକ୍ଷାବିତମାନେ ଉପସ୍ଥିତ ଥିଲେ। ଓଡ଼ିଶାର ଅର୍ଥନୈତିକ ଅଗ୍ରଗତି, ପୁଞ୍ଜିନିବେଶ ସୁଯୋଗ ଏବଂ ଆଗାମୀ ଦଶନ୍ଧିଗୁଡ଼ିକରେ ଏହାର ବିକାଶକୁ ରୂପ ଦେବାକୁ ଥିବା ପ୍ରାଥମିକତାଗୁଡ଼ିକ ଉପରେ ଆଲୋଚନା କେନ୍ଦ୍ରିତ ଥିଲା। ପହଲେ ଇଣ୍ଡିଆ ଫାଉଣ୍ଡେସନର ଅଧ୍ୟକ୍ଷ ଡକ୍ଟର ରାଜୀବ କୁମାର ମତ ପ୍ରକାଶ କରି କହିଥିଲେ ଯେ ୨୦୪୭ ସୁଦ୍ଧା ଏକ ବିକଶିତ ଅର୍ଥନୀତିର ମାନ୍ୟତା ହାସଲ କରିବା ପାଇଁ ଅଧିକ ପୁଞ୍ଜି ବିନିଯୋଗ ଆବଶ୍ୟକ କରୁଥିବା ଖଣି, ସବୁଜ ଧାତୁ ଏବଂ ଅବିକଶିତ ଜିଲ୍ଲାଗୁଡ଼ିକୁ ବିଶ୍ୱସ୍ତରୀୟ ରପ୍ତାନି ଶୃଙ୍ଖଳା ସହିତ ଯୋଡ଼ିବା ଆବଶ୍ୟକ।

ବାଳିକାଙ୍କ ଫୁଟବଲ ସ୍ୱପ୍ନ ସାକାର କରୁଛି ଆଦିତ୍ୟ ଆଲୁମିନିୟମ୍

ଭୁବନେଶ୍ୱର,୨୪।୧୦(ସମିସ): ଆଦିତ୍ୟ ବିର୍ଲା ଗ୍ରୁପ୍ର ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ଏକ ୟୁନିଟ୍ ଆଦିତ୍ୟ ଆଲୁମିନିୟମ ପ୍ରୋଜେକ୍ଟ ଲକ୍ଷ୍ୟ ଜରିଆରେ ଓଡ଼ିଶାରେ

ଉଦୀୟମାନ ଯୁବ ଖେଳାଳିଙ୍କୁ ଚିହ୍ନଟ କରିବାକୁ ୬ଟି ଗ୍ରାମ ପଞ୍ଚାୟତର ବିଦ୍ୟାଳୟ ଓ ଗ୍ରାମଗୁଡିକରେ ଆଉଟ୍ରିଚ (ଜନସମ୍ପର୍କ) ସହିତ ଆରମ୍ଭ ହୋଇଥିଲା। ୫ ଜଣ ଖେଳାଳି ଜିଲ୍ଲା ଅଣ୍ଡର-୧୪ (୧୪ ବର୍ଷରୁ କମ୍) ଫୁଟବଲ ଟିମ୍ ନିମନ୍ତେ ମନୋନୀତ ହୋଇସାରିଥିବାବେଳେ ଅନ୍ୟ ଜଣେ ଖେଳାଳି ଗୋଆରେ ସମ୍ମାନଜନକ ସେସା (ଏସ୍‌ଇଏସ୍‌ଏ) ଫୁଟବଲ ଏକାଡେମୀରେ ତାଲିମ ପାଇଁ ନାମ ଲେଖାଇଛନ୍ତି।

ଗ୍ରାମାଞ୍ଚଳ ଓ ଆଦିବାସୀ ବାଳିକାମାନଙ୍କ ନିମନ୍ତେ ନୂତନ ସୁଯୋଗ ସୃଷ୍ଟି କରୁଛି। ଏହି ପ୍ରୟାସ ସମ୍ବଲପୁର ଜିଲ୍ଲାର ରେଙ୍ଗାଲି ବ୍ଲକ୍ରେ ବୃତ୍ତିଗତ ପ୍ରଶିକ୍ଷଣ, କ୍ରୀଡା ଭିତ୍ତିଭୂମି, ପୋଷଣଗତ ସମର୍ଥନ ଏବଂ ପ୍ରତିଯୋଗିତାମୂଳକ ପ୍ରଦର୍ଶନ ସୁଯୋଗ ଆଦି ଜରିଆରେ ୫୫ ଜଣ କିଶୋରୀ ବାଳିକାଙ୍କର ଫୁଟବଲ ପ୍ରତିଭାର ପରିପୋଷଣ କରୁଛି। ପଞ୍ଜିକୃତ ଆଦିତ୍ୟ ଉଦୟ ସ୍ପୋର୍ଟସ୍ କ୍ଲବ ଜରିଆରେ କାର୍ଯ୍ୟକାରୀ କରାଯାଉଥିବା ଏହି କାର୍ଯ୍ୟକ୍ରମ

ଆଇସିଆଇସିଆଇ ଲାଇଫ୍‌ର ପିଏଟିରେ ୨୬.୫% ଅଭିବୃଦ୍ଧି

ନୂଦିଲ୍ଲୀ,୨୪।୧୦ (ଏଜେନ୍ସି): ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ଆଇସିଆଇସିଆଇ ଲାଇଫ ଇନ୍ସୁରାନ୍ସ ଲିମିଟେଡର ରିଟେଲ ପ୍ରୋଟେକ୍ସନ ସେଗ୍ମେଣ୍ଟ ବାର୍ଷିକ ଆଧାରରେ ୪୭.୨% ବୃଦ୍ଧି ପାଇଥିବାବେଳେ ଆନୁଇଟି ସେଗ୍‌ମେଣ୍ଟ ବାର୍ଷିକ ୫୦% ବୃଦ୍ଧି ପାଇଛି। ଯାହାଫଳରେ କମ୍ପାନୀର ରିଟେଲ ସମ୍ ଆସ୍ୟୋର୍ଡ ବା ବୀମା ସୁରକ୍ଷା ରାଶି ବାର୍ଷିକ ଆଧାରରେ ୩୪.୯% ବୃଦ୍ଧି ହୋଇ ୨.୩୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି ଯାହା ଗ୍ରାହକଙ୍କ ଦିଆଯାଉଥିବା କଭରେଜ କ୍ଷେତ୍ରରେ ଏକ ଅର୍ଥପୂର୍ଣ୍ଣ ସମ୍ପ୍ରସାରଣକୁ ପ୍ରତିଫଳନ କରୁଛି। ଏହି ଅବଧିରେ କମ୍ପାନୀର ନୂଆ ବ୍ୟବସାୟ ପ୍ରିମିୟମ ବାର୍ଷିକ ୨୫.୦% ବୃଦ୍ଧି ହୋଇ ୧୧,୮୨୧ କୋଟି ଟଙ୍କା ରହିଥିବା ବେଳେ ଭାଲ୍ୟୁ ଅଫ୍ ନ୍ୟୁ ବିଜନେସ୍ (ଭିଏନବି) ୨୬%ର ମାର୍ଜିନ ସହ ୨୨.୩% ବୃଦ୍ଧି ହୋଇ ୧୨୮୩ କୋଟି ଟଙ୍କା ରହିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ କମ୍ପାନୀର ଟିକସ ପରବର୍ତ୍ତୀ ଲାଭ ବା ପିଏଟି ବାର୍ଷିକ ୨୬.୫% ବୃଦ୍ଧି ହୋଇ ୭୬୦ କୋଟି ଟଙ୍କା ରହିଛି।

ଋଣ ଭାରରେ ବୁଡିଛନ୍ତି ଭାରତୀୟ ପରିବାର

ନୂଆଦିଲ୍ଲୀ,୨୪।୧୦(ଏଜେନ୍ସି): ୨୦୨୫ରେ ଭାରତୀୟ ପରିବାରର ଋଣ ସେମାନଙ୍କ ଆର୍ଥିକ ସମ୍ପତ୍ତି ତୁଳନାରେ ବହୁତ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଏପରିକି ପରିବାରଗୁଡିକ ବିଭିନ୍ନ କାର୍ଯ୍ୟ ପାଇଁ କରିଥିବା ଋଣ ସେମାନଙ୍କ ଆର୍ଥିକ ସଞ୍ଚୟରାଶିକୁ ଅତିକ୍ରମ କରିଯାଇଛି। ଏହି ସମୟ ମଧ୍ୟରେ ପରିବାରଗୁଡିକର ଉଦାର ବାବଦ ଦେଣା ୧୪.୩% ବୃଦ୍ଧି ପାଇଛି। ଫଳରେ, ଋଣ ଭାରରେ ବୁଡିଥିବା ଭାରତୀୟ ପରିବାରଗୁଡିକର ସଞ୍ଚିତ ଅର୍ଥକୁ ଋଣ ଅର୍ଥ ବଳିଯାଇଛି, ଯାହାକି ସେମାନଙ୍କର ସଞ୍ଚିତ ଅର୍ଥ ତୁଳନାରେ ଦେଢ଼ ଗୁଣ ଅଧିକ। ଏହି ପାର୍ଥକ୍ୟ ସୂଚାଇ ଦିଏ ଯେ ଯଦିଓ ଭାରତୀୟ ପରିବାରଗୁଡ଼ିକ ସଞ୍ଚୟ ଏବଂ ନିବେଶ ବୃଦ୍ଧି କରିଚାଲିଛନ୍ତି, ସେମାନଙ୍କର ଅତିରିକ୍ତ ସମ୍ପତ୍ତିର ଏକ ବଡ଼ ଅଂଶ ବଢ଼ିଚାଲିଥିବା ଋଣ ଭାରରେ ବୁଡି ରହିଛି। ଫଳସ୍ୱରୂପ, ଏହି ପରିବାରଗୁଡିକର ୨୦୨୫ରେ ନିଟ୍ ଆର୍ଥିକ ସମ୍ପତ୍ତି କେବଳ ୬.୮% ବୃଦ୍ଧି ପାଇଛି, ଯାହା ମୋଟ ଆର୍ଥିକ ସମ୍ପତ୍ତିର ବୃଦ୍ଧି ହାର ତୁଳନାରେ ମନ୍ଥର ବୋଲି ଆଲିଆଞ୍ଜ ଗ୍ଲୋବାଲ ୱେଲଥ ରିପୋର୍ଟରେ ଏହା କୁହାଯାଇଛି।

ରିପୋର୍ଟ ଅନୁଯାୟୀ, ଭାରତୀୟ ପରିବାରଗୁଡିକରେ ରହିଥିବା ଆର୍ଥିକ ସମ୍ପତ୍ତି ୨୦୨୫ରେ ୯% ବୃଦ୍ଧି ପାଇ ୫.୩ ଟ୍ରିଲିୟନ ଡଲାରରେ ପହଞ୍ଚିଛି। ଏହି ଅଭିବୃଦ୍ଧି ବିଶ୍ୱ ହାର ୮.୬% ତୁଳନାରେ ସାମାନ୍ୟ ଅଧିକ

ସଞ୍ଚିତ ଅର୍ଥକୁ ଟପିଲାଣି ଋଣ

ଥିଲା, କିନ୍ତୁ ରିପୋର୍ଟରେ ଅନ୍ତର୍ଭୁକ୍ତ ଏସୀୟ ଅର୍ଥନୀତିରେ ରେକର୍ଡ ହୋଇଥିବା ୯.୮% ହାରାହାରି ତୁଳନାରେ କମ୍ (ଜାପାନ ଏବଂ ଚୀନକୁ ବାଦ ଦେଇ)। ବୀମା ଏବଂ ପେନସନରେ ଦୃଢ଼ ଅଭିବୃଦ୍ଧି ସତ୍ତ୍ୱେ, ଜମା ଭାରତୀୟ ପରିବାରର ଆର୍ଥିକ ସମ୍ପତ୍ତିର ସର୍ବବୃହତ ଅଂଶ ରହିଥିଲା। ଜମା ମୋଟ ପୋର୍ଟଫୋଲିଓର ୪୦.୨% ଥିଲା, ଯେତେବେଳେ କି ସିକ୍ୟୁରିଟିଜ୍ ୩୨.୭% ଥିଲା। ସେମାନଙ୍କର ଜୀବନ ବୀମା ଏବଂ ପେନସନ ବାବଦ ସମ୍ପତ୍ତି ୨୬.୭% ରହିଥିଲା।

୨୦୧୯ ପରଠାରୁ ଭାରତୀୟ ପରିବାରଗୁଡିକ ସେମାନଙ୍କର ପ୍ରକୃତ ସମ୍ପତ୍ତିରେ ଯଥେଷ୍ଟ ବୃଦ୍ଧି କରିଛନ୍ତି। ଋଣ ପଇଠରେ ଦ୍ରୁତ ବୃଦ୍ଧି ସତ୍ତ୍ୱେ, ଦୀର୍ଘକାଳୀନ ସମୟରେ ଭାରତୀୟ ପରିବାରଗୁଡିକ ଆର୍ଥିକ ସମ୍ପତ୍ତିରେ ଦୃଢ଼ ଅଭିବୃଦ୍ଧି ରେକର୍ଡ କରିଛନ୍ତି। ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ପରେ, ଭାରତରେ ଘରୋଇ ଆର୍ଥିକ ସମ୍ପତ୍ତି ୨୦୧୯ ତୁଳନାରେ ୨୦୨୫ରେ ୫୭% ଅଧିକ ଥିଲା। ଆଲିଆଞ୍ଜ ତଥ୍ୟ ଏହା ମଧ୍ୟ ଦର୍ଶାଏ ଯେ ପରିବାରଗୁଡ଼ିକ କିପରି ସେମାନଙ୍କର ସଞ୍ଚୟ ଆବଣ୍ଟନ କରନ୍ତି ଏବଂ ତାହା ସେମାନଙ୍କ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱ ସ୍ତରରେ ସେୟାର, ବଣ୍ଡ ଏବଂ ନିବେଶ ପାଣ୍ଠି ସମେତ ସିକ୍ୟୁରିଟିଜ୍ ୨୦୨୫ରେ ୧୨.୪% ବୃଦ୍ଧି ପାଇଛି। ଏହା ଜମାରେ ୫.୭% ବୃଦ୍ଧି ଏବଂ ବୀମା ଏବଂ ପେନସନ୍ ସମ୍ପତ୍ତିରେ ରେକର୍ଡ ହୋଇଥିବା ୫% ବୃଦ୍ଧି ଅପେକ୍ଷା ଯଥେଷ୍ଟ ଦ୍ରୁତ ଥିଲା। ଏହି ସମୟରେ, ନୂତନ ସଞ୍ଚୟ ୫.୪% ହ୍ରାସ ପାଇ ୪.୧ ଟ୍ରିଲିୟନ ୟୁରୋ ହୋଇଛି, ଯାହା ସୂଚିତ କରେ ଯେ ନୂତନ ଘରୋଇ ସଞ୍ଚୟ ଅପେକ୍ଷା ବିଶ୍ୱ ସମ୍ପତ୍ତି ବୃଦ୍ଧିକୁ ଚଳାଇବାରେ ବଜାର ପ୍ରଦର୍ଶନ ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

ପାର୍ବଣରେ ଆମାଜନ ପେ'ର ସଞ୍ଚୟ ସୁଯୋଗ

ମୁମ୍ବାଇ, ୨୪।୧୦ (ଏଜେନ୍ସି): ପାର୍ବଣ ଋତୁରେ କିଣାକିଣି, ଯାତ୍ରା ଓ ଡିଜିଟାଲ୍ ପେମେଣ୍ଟକୁ ଅଧିକ ଲାଭଦାୟକ କରିବା ପାଇଁ ଆମାଜନ ପେ' ଗ୍ରାହକଙ୍କୁ ବିଭିନ୍ନ ସଞ୍ଚୟ ସୁଯୋଗ ପ୍ରଦାନ କରୁଛି। ଆମାଜନ ଗ୍ରେଟ୍ ଇଣ୍ଡିଆନ୍ ଫେଷ୍ଟିଭାଲ୍ ସମୟରେ ଯୋଗ୍ୟ ଗ୍ରାହକମାନେ ଆମାଜନ ପେ' ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ମାଧ୍ୟମରେ ଅତିରିକ୍ତ ୫ ପ୍ରତିଶତ କ୍ୟାଶ୍‌ବ୍ୟାକ୍ ପାଇପାରିବେ। ଏହା ପ୍ରାଇମ୍ ସଦସ୍ୟଙ୍କ ପାଇଁ ଉପଲବ୍ଧ ୫% ଏବଂ ଅଣ-ପ୍ରାଇମ୍ ସଦସ୍ୟଙ୍କ ପାଇଁ ୩ % ନିୟମିତ କ୍ୟାଶ୍‌ବ୍ୟାକ୍ ବ୍ୟତୀତ ମିଳିବ।

ସେହିପରି ଆମାଜନ ପେ' ଲ୍ୟାଟର ମାଧ୍ୟମରେ ଯୋଗ୍ୟ ଗ୍ରାହକମାନେ ୬୦,୦୦୦ ଟଙ୍କା ପର୍ଯ୍ୟନ୍ତ ତତ୍କାଳ କ୍ରେଡିଟ୍ ସୁବିଧା ପାଇବା ସହ ନିର୍ଦ୍ଧାରିତ ସର୍ତ୍ତ ଅନୁଯାୟୀ ୧୦% କ୍ୟାଶ୍‌ବ୍ୟାକ୍ ପାଇପାରିବେ। ଏହା ସହିତ ଆମାଜନ ପେ'ର ଯାତ୍ରା ଅଫର ଅନ୍ତର୍ଗତ ବିମାନ ଟିକଟ୍ ବୁକିଂରେ ୨୩%, ହୋଟେଲ୍ ବୁକିଂରେ ୭୫% ପର୍ଯ୍ୟନ୍ତ ରିଆତି ଏବଂ ବସ୍ ବୁକିଂରେ ୧୭% ପର୍ଯ୍ୟନ୍ତ ସଂଚୟ ସହ ୧୦୦ ଟଙ୍କା କ୍ୟାଶ୍‌ବ୍ୟାକ୍ର ସୁଯୋଗ ରହିଛି।

ମ୍ୟାଲେରିଆ ଟୀକା ମୂଲ୍ୟରେ ୪୦% ପର୍ଯ୍ୟନ୍ତ ହ୍ରାସ

ନୂଆଦିଲ୍ଲୀ,୨୪।୧୦(ଏଜେନ୍ସି): ଶସ୍ତା ହେଲା ମ୍ୟାଲେରିଆ ଟୀକା। ଏହି ଟୀକା ମୂଲ୍ୟରେ ୪୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ଘଟାଇଲା ଭାରତ ବାୟୋଟେକ୍। ଏ ନେଇ କମ୍ପାନୀ ସୋସିଆଲ୍ ମିଡିଆ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛି। କମ୍ପାନୀ ମ୍ୟାଲେରିଆ ଟୀକା 'ମୋସ୍କିଭାକ୍'ର ମୂଲ୍ୟରେ ୪୦ ପ୍ରତିଶତ ହ୍ରାସ ଘୋଷଣା କରିଛି। ଏହି ଟୀକାକୁ ଲୋକେ ଆର୍ଟିଏସ୍,ଏସ୍/ଏଏସ୍୦୧ ଭାବରେ ମଧ୍ୟ ଜାଣନ୍ତି। ଏନେଇ ଭାରତ ବାୟୋଟେକ ଏକ୍ସରେ ପୋଷ୍ଟ କରି ଲେଖିଛି ଯେ କମ୍ପାନୀର ଏଭଳି ନିଷ୍ପତ୍ତି ଯୋଗୁ ୧ ମିଲିଅନ ଶିଶୁଙ୍କ ସୁରକ୍ଷା ହୋଇପାରିବ। ତା ସହିତ ଲୋକଙ୍କର ୫୦ ମିଲିଅନ ଆମେରିକୀୟ ଡଲାର ସଞ୍ଚୟ ହୋଇପାରିବ। ହାଇଦ୍ରାବଦ କମ୍ପାନୀ ଭାରତ ବାୟୋଟେକ ନିଜର ଏକ୍ସ ପୋଷ୍ଟରେ ଲେଖିଛି "ୟୁନିସେଫ୍ ଦ୍ୱାରା ସମ୍ପାଦିତ ଏବଂ ଗାଭି ଦ୍ୱାରା ଆର୍ଥିକ ସହାୟତା ପ୍ରାପ୍ତ ଏକ ଚୁକ୍ତି ଅନୁଯାୟୀ, ଟିକାର ମୂଲ୍ୟ ପ୍ରାୟ ୪୦ ପ୍ରତିଶତ ହ୍ରାସ କରାଯାଇଛି। କମ୍ପାନୀ ଆହୁରି କହିଛି ଯେ ଏଝକ ବିକଶିତ କରିଥିବା ଆର୍ଟିଏସ୍,ଏସ୍/ଏଏସ୍୦୧ ହେଉଛି ବିଶ୍ୱର ପ୍ରଥମ ମ୍ୟାଲେରିଆ ଟୀକା। ମ୍ୟାଲେରିଆ ଜ୍ୱର ଯୋଗୁ ପ୍ରତି ମିନିଟ୍ରେ ଜଣେ ଶିଶୁର ମୃତ୍ୟୁ ହେଉଛି।

୨୦୨୮ ସୁଦ୍ଧା ଭାରତରେ ମିଳିବ ନିଜସ୍ୱ ସ୍ମାର୍ଟଫୋନ୍ !

ନୂଆଦିଲ୍ଲୀ,୨୪।୧୦(ଏଜେନ୍ସି): ଆଗାମୀ ଦିନରେ ଦେଶରେ ମିଳିବ ଭାରତୀୟ ସ୍ମାର୍ଟଫୋନ। ମୋବାଇଲ୍ ଫୋନ୍ ନିର୍ମାଣ କ୍ଷେତ୍ରରେ ଆଉ ଏକ ବଡ଼ ପଦକ୍ଷେପ ସ୍ୱରୂପ ୨୦୨୮ ସୁଦ୍ଧା ଭାରତରେ ଡିଜାଇନ୍ ହୋଇଥିବା ଏବଂ ଭାରତୀୟ ବ୍ରାଣ୍ଡ ନାମରେ ବିକ୍ରି ହେଉଥିବା ସ୍ମାର୍ଟଫୋନ୍ ବଜାରକୁ ଆସିବ। ୨୦୨୮ ଅକ୍ଟୋବର ୨୩କୁ ନିର୍ଦ୍ଧାରିତ ତାରିଖ ଭାବେ ଉଲ୍ଲେଖ କରି କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ଘୋଷଣା କରିଛନ୍ତି। ଏହା ଭାରତକୁ କେବଳ ମୋବାଇଲ୍ ଫୋନ୍ ଉତ୍ପାଦନର କେନ୍ଦ୍ର ନୁହେଁ, ବରଂ ନିଜସ୍ୱ ଡିଜାଇନ୍ ଓ ପ୍ରଯୁକ୍ତିର ମାଲିକ ହେବା ଦିଗରେ ଆଗକୁ ନେଇପାରେ।

୨୦୨୮ ଅକ୍ଟୋବର ୨୩ ସୁଦ୍ଧା ଭାରତରେ ଡିଜାଇନ୍, ନିର୍ମାଣ ଓ ଭାରତୀୟ ବ୍ରାଣ୍ଡ ନାମରେ ବିକ୍ରି ହେଉଥିବା ମୋବାଇଲ୍ ଫୋନ୍ ଉପଲବ୍ଧ ହେବା ଲକ୍ଷ୍ୟ ରହିଛି। ଏହି ଘୋଷଣାର ଗୁରୁତ୍ୱ ହେଉଛି, ଭାରତ ଏବେ ବିଦେଶୀ କମ୍ପାନୀଗୁଡ଼ିକ ପାଇଁ ମୋବାଇଲ୍ ଫୋନ୍ ଉତ୍ପାଦନ କରିବା ସହିତ ନିଜସ୍ୱ ଡିଜାଇନ୍ ଓ ପ୍ରଯୁକ୍ତି ଉପରେ ଅଧିକ ନିୟନ୍ତ୍ରଣ ହାସଲ କରିବାକୁ ଚାହୁଁଛି। ମନ୍ତ୍ରୀଙ୍କ କହିବା ଅନୁସାରେ, ପ୍ରାୟ ତିନି ବର୍ଷ ପୂର୍ବେ ଭାରତୀୟ ଡିଜାଇନରମାନଙ୍କୁ ମୋବାଇଲ୍ ଫୋନ୍ର ମୁଖ୍ୟ ସର୍କିଟ୍ ବୋର୍ଡ ବା ପ୍ରିଣ୍ଟେଡ୍ ସର୍କିଟ୍ ବୋର୍ଡ ଡିଜାଇନ୍ କରିବାକୁ ଚ୍ୟାଲେଞ୍ଜ ଦିଆଯାଇଥିଲା। ଏହି ଚ୍ୟାଲେଞ୍ଜକୁ ଦୁଇଟି କମ୍ପାନୀ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ଗୋଟିଏ କମ୍ପାନୀର ଡିଜାଇନ୍ ଆମେରିକାର ଏକ ପ୍ରମୁଖ ଟେଲିକମ୍ ସେବା ପ୍ରଦାନକାରୀ ସଂସ୍ଥା ଦ୍ୱାରା ଚୟନ ହୋଇଥିବା ସେ ଦାବି କରିଛନ୍ତି। ବୈଷ୍ଣବଙ୍କ ଅନୁସାରେ, ସମ୍ପୃକ୍ତ ଭାରତୀୟ କମ୍ପାନୀ ଏକ ୫ଜି-ପ୍ଲସ୍ ମୋବାଇଲ୍ ଫୋନ୍ର ଡିଜାଇନ୍ କରିବା ସହ ଏହାକୁ ନିର୍ମାଣ କରି ଆମେରିକାର ଟେଲିକମ୍ ସଂସ୍ଥାକୁ ଯୋଗାଇଦେଇଛି। ଏହି ଅଭିଜ୍ଞତା ଭବିଷ୍ୟତରେ ଭାରତୀୟ ବ୍ରାଣ୍ଡ ସ୍ମାର୍ଟଫୋନ୍ ବିକାଶ ପାଇଁ ଆଧାର ହେବ ବୋଲି ମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଏକ ସ୍ମାର୍ଟଫୋନ୍ ନିର୍ମାଣ କେବଳ ବିଭିନ୍ନ ଯନ୍ତ୍ରାଂଶକୁ ଏକାଠି ଖଞ୍ଜିବାରେ ସୀମିତ ନୁହେଁ।

ଓଡ଼ିଶାରେ ୪,୭୫୦ କୋଟି ଟଙ୍କା ନିବେଶ କରିବ ପାରାଦୀପ ଫସଫେଟ୍ସ

ନୂତନ ରାସାୟନିକ ଓ ସାର ଉତ୍ପାଦନ ପ୍ରକଳ୍ପ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ

ମୁମ୍ବାଇ, ୨୪।୧୦(ଏଜେନ୍ସି): ରାଜ୍ୟରେ ନୂଆ ରାସାୟନିକ ପ୍ଲାଣ୍ଟ ଏବଂ ଜୈବିକ ସାର ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ ପାରାଦୀପ ଫସଫେଟ୍ସ ଲିମିଟେଡ୍ (ପିପିଏଲ୍)। ଏ କ୍ଷେତ୍ରରେ କମ୍ପାନୀ ୪,୭୫୦ କୋଟି ଟଙ୍କା ନିବେଶ କରିବ। ଏଥିପାଇଁ ପିପିଏଲ୍ ଓଡ଼ିଶା ସରକାରଙ୍କ ସହ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି। ମୁମ୍ବାଇରେ ଆୟୋଜିତ ଇଣ୍ଡିଆ କେମ୍ ୨୦୨୬ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣାପତ୍ରରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ କୁମାର ଶର୍ମା ଏବଂ ପାରାଦୀପ ଫସଫେଟ୍ସ ଲିମିଟେଡ୍ ପକ୍ଷରୁ କମ୍ପାନୀର ପରିଚାଳନା

ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏନ୍. ସୁରେଶ କ୍ରିଷ୍ଣନ ସ୍ୱାକ୍ଷର କରିଥିଲେ। ଏହା ସହିତ ପିପିଏଲ୍ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରାଜୀବ ନାମ୍ବିଆର, ମୁଖ୍ୟ ଆର୍ଥିକ ଅଧିକାରୀ (ସିଏଫ୍‌ଓ) ବିଜୟ କୁମାର ବିଶ୍ୱାଳ ଏବଂ କମ୍ପାନୀ ବ୍ୟାପାର ମୁଖ୍ୟ ବିଭୁଦତ୍ତ ପାଣିଗ୍ରାହୀ ମଧ୍ୟ ଉପସ୍ଥିତ ଥିଲେ। ଏହି ପ୍ରସ୍ତାବିତ ନିବେଶ ରାସାୟନିକ ଓ ସାର ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାକୁ ଏକ ପ୍ରମୁଖ ନିବେଶ ଗନ୍ତବ୍ୟସ୍ଥଳ ଭାବେ ପ୍ରତିଷ୍ଠିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ରାଜ୍ୟର ଶିଳ୍ପ ପରିବେଶକୁ ଅଧିକ ସୁଦୃଢ଼ ଓ ସମ୍ପ୍ରସାରିତ କରିବା ସହିତ ସମଗ୍ର ମୂଲ୍ୟ ଶୃଙ୍ଖଳରେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

ଆଳାପ

"ନୃତ୍ୟ ଓ ଅଭିନୟ ଉଭୟ ମୋ' ଜୀବନ"

ସୁଶ୍ରୀ ମନସ୍ୱିନୀ ଶତପଥୀ , ଅଭିନେତ୍ରୀ

ନୃତ୍ୟ ହେଉ କି ଅଭିନୟ ସବୁଠି ସେ ନିଜ ପ୍ରତିଭାର କମାଲ୍ ପ୍ରଦର୍ଶନ କରିଛନ୍ତି । ନୃତ୍ୟ ମାଧ୍ୟମରେ ସେ ଦର୍ଶକଙ୍କ ମଧ୍ୟରେ ସିଧାସଳଖ ସମ୍ପର୍କ ସ୍ଥାପନ କରୁଥିଲେ । ଅନେକ ଷ୍ଟେଜ୍ ଶୋ'ରେ ସେ ଭାଗ ନେଇ ଦର୍ଶକଙ୍କ ହୃଦୟ ଜିଣିବାରେ ସଫଳ ହୋଇଛନ୍ତି । 'କିଶୋରୀ ପ୍ରେମିକା' ତାଙ୍କର ପ୍ରଥମ ମ୍ୟୁଜିକ୍ ଭିଡିଓ । ନୃତ୍ୟରୁ ଅଭିନୟ ଜଗତ ଆଡ଼କୁ ତାଙ୍କର ଯାତ୍ରା । ସ୍ୱଳ୍ପ ସମୟ ମଧ୍ୟରେ ଓଲିଉଡ୍‌ର 'ଦେବକନ୍ୟା' ଚଳଚ୍ଚିତ୍ରରେ ତାଙ୍କୁ ଅଭିନୟ କରିବାର ସୁଯୋଗ ମିଳିଛି । ଏହି ପ୍ରତିଭାମୟୀ ଅଭିନେତ୍ରୀ ଜଣକ ହେଉଛନ୍ତି ଭୁବନେଶ୍ୱର, ସୁନ୍ଦରପଦାର ସୁଶ୍ରୀ ମନସ୍ୱିନୀ ଶତପଥୀ । ନୃତ୍ୟ ଓ ଅଭିନୟ ଉଭୟ କ୍ଷେତ୍ରରେ ସେ ବେଶ୍ ପାରଙ୍ଗମ । ନବାଗତା ଅଭିନେତ୍ରୀ ସୁଶ୍ରୀ ମନସ୍ୱିନୀ ଶତପଥୀଙ୍କ ସହ କିଛି ଆଳାପ ।

ନୃତ୍ୟରୁ ଅଭିନୟ ଜଗତକୁ ଆସିବା ପାଇଁ କାହିଁକି ଆଗ୍ରହ ପ୍ରକାଶ କଲେ?

- ମାତ୍ର ଚାରି ବର୍ଷ ବୟସରୁ ଓଡ଼ିଶୀ ନୃତ୍ୟ ଶିଖିବା ଆରମ୍ଭ କରିଥିଲି । ନାଚରେ ମଜି ଯାଉଥିବା ଝିଅଟି ଧୀରେ ଧୀରେ ଅଭିନୟ କରିବାକୁ ମନ ବଳାଇଥିଲା । ପ୍ରଥମେ 'କିଶୋରୀ ପ୍ରେମିକା' ମୁଜିକ୍ ଭିଡିଓ କରିଛି । ଏହି ମ୍ୟୁଜିକ୍ ଭିଡିଓ ଦେଖି ଅନେକ ବ୍ୟକ୍ତି ମୋତେ ଉତ୍ସାହିତ କରିଥିଲେ । ଏହାପରେ ମୁଁ ସିନେମାରେ ଅଭିନୟ କରିବାର ସୁଯୋଗ ପାଇଥିଲି ।

'ଦେବକନ୍ୟା' ସିନେମାରେ କାମ କରିବାକୁ କେମିତି ସୁଯୋଗ ମିଳିଥିଲା?

- କୋରିଓଗ୍ରାଫର୍ ବିଦ୍ୟୁତ ସାର୍ 'ଦେବକନ୍ୟା' ସିନେମା ବିଷୟରେ ଅବଗତ କରାଇଥିଲେ । ତାଙ୍କ ଯୋଗୁଁ ମୁଁ ଏହି ସିନେମାରେ ଅଭିନୟ କରିବାର ସୁଯୋଗ ପାଇଛି । ଏଥିପାଇଁ ସ୍କ୍ରିନ୍ ଟେଷ୍ଟ ହୋଇଥିଲା । ସୌଭାଗ୍ୟବଶତଃ ସିନେମାରେ ଶୁଭାଶିଷଙ୍କ ପତ୍ନୀ 'ରମା' ଭୂମିକାରେ ଅଭିନୟ କରିବାକୁ ମୋତେ ସୁଯୋଗ ମିଳିଛି । 'ଦେବକନ୍ୟା'ରେ ନିଖୁଣ ଅଭିନୟ କରିବା ପାଇଁ ମୁଁ ଶତ ପ୍ରତିଶତ ଚେଷ୍ଟା କରିଛି ।

ପ୍ରଥମେ କ୍ୟାମେରାକୁ କେମିତି ସାମ୍ନା କରିଥିଲେ ?

- 'ଶତାବ୍ଦୀର କଳାକାର' ଅନୁଷ୍ଠାନରେ ଅଭିନୟ ପାଇଁ ଛଅ ମାସ ତାଲିମ ନେଇଛି । ସେଠାରେ ଅଭିନୟ ସଂପର୍କରେ ଅନେକ କଥା ଶିଖି ପାରିଥିଲି । ସେଥିପାଇଁ କ୍ୟାମେରା ସାମ୍ନାରେ ଅଭିନୟ କରିବାକୁ ମୋତେ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିନଥିଲା ।

'ଦେବକନ୍ୟା'ରେ 'ରମା' ଚରିତ୍ରକୁ ନେଇ କ'ଣ କହିବେ?

- ମୁକ୍ତିଲାଭ ଅପେକ୍ଷାରେ 'ଦେବକନ୍ୟା' ଚଳଚ୍ଚିତ୍ର । ଏହି ଚଳଚ୍ଚିତ୍ରରେ ମୋ' ସ୍ୱାମୀ ମହିଳା ବେଶରେ ନୃତ୍ୟ କରୁଛନ୍ତି । ସେଥିପାଇଁ ସମାଜର ଲୋକଙ୍କଠାରୁ ମୋତେ ବହୁତ କଟୁ କଥା ଶୁଣିବାକୁ ପଡୁଛି । ତଥାପି ମୁଁ ଧୈର୍ଯ୍ୟ ସବୁ ସହିଛି । ଏହି ଚରିତ୍ର ପାଇଁ ମୋତେ ପରିଶ୍ରମ କରିବାକୁ ପଡ଼ିଛି । ମୋ ଅଭିନୟକୁ ନେଇ ମୁଁ ଖୁସି ଅଛି । ତେବେ ଅଭିନୟରେ ମୁଁ କେତେ ଦୂର ସଫଳ ହୋଇଛି, ତାହା ଫିଲ୍ମଟି ରିଲିଜ୍ ହେଲା ପରେ ମୋର ପ୍ରିୟ ଦର୍ଶକମାନେ ହିଁ କହିପାରିବେ ।

'ଦେବକନ୍ୟା' ଦର୍ଶକଙ୍କ ହୃଦୟକୁ ଛୁଇଁବ ପାରିବ?

- ନିଶ୍ଚୟ 'ଦେବକନ୍ୟା' ଦର୍ଶକମାନଙ୍କ ହୃଦୟକୁ ଛୁଇଁ ପାରିବ । କାରଣ ଏହି ସିନେମାଟି ଓଡ଼ିଶାର କଳା, ସଂସ୍କୃତି ତଥା ଘୋଡ଼ାନାଚ ଉପରେ ଆଧାରିତ । ଯାହାକି ଆଜିର ଯୁବପିଢିଙ୍କୁ ସ୍ୱତନ୍ତ୍ର ବାର୍ତ୍ତା ଦେବ ।

ଆପଣଙ୍କ ଫିଟ୍‌ର ରାଜ?

- ପ୍ରତିଦିନ ମୁଁ ସକାଳୁ ଘଣ୍ଟାଏ ଓଡ଼ିଶୀ ନୃତ୍ୟ କରେ । ଏହାସହ ସନ୍ତୁଳିତ ଖାଦ୍ୟ ଗ୍ରହଣ କରେ । ସ୍ୱାସ୍ଥ୍ୟ ପ୍ରତି ସର୍ବଦା ସଚେତନ ଥାଏ ।

ଆପଣଙ୍କ ରୁଚି?

- ବିଭିନ୍ନ ସୁନ୍ଦର ସୁନ୍ଦର ପର୍ଯ୍ୟଟନ ସ୍ଥଳୀ ବୁଲିବାକୁ ମୋତେ ଭଲ ଲାଗେ । ତାସହିତ ଚିତ୍ର ଆଙ୍କିବା ମୋର ପସନ୍ଦ ।

ଓଡ଼ିଶୀ ନୃତ୍ୟ ନା' ଅଭିନୟ କେଉଁଟି ଆପଣଙ୍କ ପ୍ରଥମ ପସନ୍ଦ?

- ନୃତ୍ୟ ଓ ଅଭିନୟ ଦୁଇଟି ଯାକ ମୋ' ଜୀବନ । ଉଭୟକୁ ନେଇ ମୁଁ ଆଗକୁ ବଢ଼ିବି ।

ଭବିଷ୍ୟତ ଯୋଜନା?

- 'ଦେବକନ୍ୟା'ରେ ସଫଳତା ମିଳିବା ପରେ ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିବାକୁ ମୋର ଇଚ୍ଛା ଅଛି । ■

ପରଦା ପଛର କାହାଣୀ

ଗୋଟିଏ ଗୀତରେ ମାଧୁରୀଙ୍କ ୧୫ ଥର ରିଟେକ୍

୧୯୯୪ ମସିହାରେ ମୁକ୍ତିଲାଭ କରିଥିଲା ସୁପରହିଟ୍ ଫିଲ୍ମ 'ହମ୍ ଆପ୍‌କେ ହେଁ କୌନ' । ଏଥିରେ ମାଧୁରୀ ଏବଂ ସଲ୍‌ମାନ୍‌ଙ୍କ ଯୋଡ଼ିକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ । ଏହି ଫିଲ୍ମର "ଦିଦି ତେରା ଦେୱର ଦିୱାନା....' ଗୀତଟି ସୁପରହିଟ୍ ହୋଇଥିଲା । ଏଥିରେ ମାଧୁରୀଙ୍କ ଅନ୍ଦାଜ ଏବେ ବି ଦର୍ଶକଙ୍କ ହୃଦୟରେ ରହିଛି । ହେଲେ ଏହି ଗୀତକୁ ସୁଟିଂ ପାଇଁ ଖୁବ୍ ପରିଶ୍ରମ କରିବାକୁ ପଡ଼ିଥିଲା । ଏହି ଦୃଶ୍ୟକୁ ସୁଟିଂ ପାଇଁ ୧୦-୧୫ ରିଟେକ୍ ନେବାକୁ ପଡ଼ିଥିଲା । ଏହି ଦୃଶ୍ୟଟି ପରଦାରେ ଯେପରି ଅସଂଗତ ନ ଲାଗେ ସେଥିପ୍ରତି ଫିଲ୍ମ ନିର୍ମାତା ମଧ୍ୟ ଚିନ୍ତିତ ଥିଲେ । ନିକଟରେ ମାଧୁରୀ ଦୀକ୍ଷିତ ଏକ ମରାଠି ରିୟାଲିଟି ଶୋ'ରେ ଏହି କଥା ପ୍ରକାଶ କରିଛନ୍ତି । ଏହି ଶୋ'ରେ ଜଣେ କଥକ ନୃତ୍ୟାଙ୍ଗନା ପ୍ରଜକ୍ତା ତାୱଡେ ଅଭିନେତ୍ରୀ ମାଧୁରୀଙ୍କୁ ଏକ ଆଶ୍ଚର୍ଯ୍ୟଜନକ ଉପହାର ଦେଇଥିଲେ । ପ୍ରଜକ୍ତା, ଚଳଚ୍ଚିତ୍ର 'ହମ୍ ଆପ୍‌କେ ହେଁ କୌନ୍'ର ମାଧୁରୀଙ୍କ ଖୁବ୍ ଲୋକପ୍ରିୟ ଲୁକ୍‌ରେ ସାମ୍ନାକୁ ଆସିଥିଲେ । ତାଙ୍କୁ ଏହି ବେଶରେ ଦେଖି ମାଧୁରୀଙ୍କ ଚଳଚ୍ଚିତ୍ରର ସୁଟିଂ ସମୟର ସ୍ମୃତି ମନେ ପଡ଼ିଥିଲା । କହିଥିଲେ, "ପରଦାରେ ଏହି ଦୃଶ୍ୟ ସହଜ ଲାଗୁଥିଲେ ମଧ୍ୟ ବାସ୍ତବରେ ଏହା ସୁଟିଂ କରିବା ଖୁବ୍ କଷ୍ଟକର ଥିଲା । ଏହି ଦୃଶ୍ୟଟିକୁ ନିର୍ଭୁଲ ସୁଟିଂ ପାଇଁ ୧୦ -୧୫ ରିଟେକ୍ ନେଇଥିଲେ । ମେକର୍ସମାନେ ମଧ୍ୟ ଏହାର ସୁଟିଂକୁ ନେଇ ଚିନ୍ତିତ ଥିଲେ ।" ସୁରଜ ଆର୍ ବଡ଼ଜାତ୍ୟାଙ୍କ ନିର୍ଦ୍ଦେଶିତ 'ହମ୍ ଆପକେ ହେଁନ୍ କୌନ୍' ଫିଲ୍ମ ସୁପରହିଟ୍ ହୋଇଥିଲା । ପରିବାର, ପ୍ରେମ, ସମ୍ପର୍କ ଉପରେ ଆଧାରିତ ଏହି ଫିଲ୍ମକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ । ■

ଡେଞ୍ଜର୍ ଦେବଦାସ

'ସାଇ ଲୁମ୍ବିନୀ ପ୍ରଡକ୍ସନ'ରେ ନିର୍ମିତ ଏବଂ ଅଶ୍ୱିନୀ ତ୍ରିପାଠୀଙ୍କ ନିର୍ଦ୍ଦେଶିତ 'ଡେଞ୍ଜର୍ ଦେବଦାସ' ସିନେମାର ପ୍ରଯୋଜନା କରିଛନ୍ତି ଶୁଭ୍ର କୁମାର । ସିନେମାର ମୁଖ୍ୟ ଚରିତ୍ରରେ ଅମ୍ଲାନ, ଏଲିନା, ଜ୍ୟୋତିରଞ୍ଜନ ଅଛନ୍ତି । ସେହିପରି ପପୁପମ୍, ଅନୀଶା ପ୍ରମୁଖ ଅଭିନୟ କରିଛନ୍ତି । ତେବେ ଅମ୍ଲାନ ଓ ଏଲିନା ଦ୍ୱିତୀୟ ଥର ପାଇଁ ଏହି ସିନେମାରେ ଏକାଠି ନଜର ଆସିଛନ୍ତି । ଅନ୍ୟପଟେ ପ୍ରଥମଥର ପାଇଁ ଏହି ସିନେମା ମାଧ୍ୟମରେ ଜ୍ୟୋତି ଓ ଅମ୍ଲାନ ସ୍କ୍ରିନ ସେୟାର୍ କରିଛନ୍ତି । ■

ଆଗ୍ନେ ୱେଡ୍‌ସ ମିଲନ

ଦଶହରାରେ ପ୍ରେକ୍ଷାଳୟରୁ ଆସିଥିବା ଅନ୍ୟତମ ସିନେମା ହେଉଛି ରିଷଭ ଅଗ୍ରୱାଲଙ୍କ ନିର୍ଦ୍ଦେଶିତ 'ଆଗ୍ନେ ୱେଡ୍‌ସ ମିନଲ ।' ପ୍ରଯୋଜନାରେ ମନୋଜ ମିଶ୍ର, ମମତା ନନ୍ଦ, ରିଷଭ ଅଗ୍ରୱାଲ ପ୍ରଶାନ୍ତ ବେହେରା ଅଛନ୍ତି । ସିନେମାରେ ମନୋଜ ମିଶ୍ରଙ୍କୁ ସମ୍ପୂର୍ଣ୍ଣ ନୂଆ ଲୁକ୍ ଓ ଭିନ୍ନ ଚରିତ୍ରରେ ଦେଖିବାକୁ ମିଳିଛି । ସିନେମାଟି ଏକ ସୁନ୍ଦର ବାର୍ତ୍ତା ଦେବାକୁ ପ୍ରୟାସ କରିଛି । ଶାରୀରିକ ଅକ୍ଷମତାକୁ ଦେଖିବାର ଏଥିରେ ଏକ ଭିନ୍ନଦୃଷ୍ଟିକୋଣ ରହିଛି । ଅର୍ଲିନ ଅଙ୍କିତା, ଉଷସୀ ମିଶ୍ର, ଶକ୍ତି ବରାଳ, ସଞ୍ଜୟ ମହାପାତ୍ର ପ୍ରମୁଖ କଳାକାର ଅଭିନୟ କରିଛନ୍ତି । ■

ଗେମ୍ ଓଭର୍

ଆଦିଲକ୍ଷ୍ମୀ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନ୍‌ରରେ ନିର୍ମିତ ଓ ଆଦିକନ୍ଦ ସାହୁଙ୍କ ପ୍ରଯୋଜିତ ଏହି ସିନେମାର ମୁଖ୍ୟ ଭୂମିକାରେ ଅଛନ୍ତି ଅର୍ଦ୍ଧେନ୍ଦୁ ଓ ସୁପ୍ରିୟା । ରାଜା ଡିଙ୍କ ନିର୍ଦ୍ଦେଶିତ ଏହି ସିନେମାର କାହାଣୀ, ଚିତ୍ରନାଟ୍ୟ ସଂଳାପ କୁନା ତ୍ରିପାଠୀ ରଚନା କରିଛନ୍ତି । ଦକ୍ଷିଣ ଭାରତର ଲୋକପ୍ରିୟ ନୃତ୍ୟ ନିର୍ଦ୍ଦେଶିକା ଉର୍ବଶୀ ଚୌହାନ ନଜର ଆସିଛନ୍ତି । ସିନେମାର 'ଯନ୍ତାଳ' ଗୀତଟି ସୁପରହିଟ୍ ହୋଇଛି । ■

ନୂଆ ସିନେମା ଚଳଚଞ୍ଚଳ ପ୍ରେକ୍ଷାଳୟ

ଏଥର ଦଶହରା ଅବସରରେ ମୁକ୍ତିଲାଭ କରିଛି ୬ଟି ଓଡ଼ିଆ ସିନେମା । ପ୍ରତ୍ୟେକ ସିନେମାର କାହାଣୀ, କଳାକାର, ଗୀତ, ନାଚ ସବୁକିଛି ଦମଦାର୍ ହୋଇଛି । ଏପରିକି ରିଲିଜ୍ ପୂର୍ବରୁ ହିଁ କିଛି ସିନେମାର ଗୀତ ଟ୍ରେଣ୍ଡରେ ଥିବା ବେଳେ ଆଉ କିଛି କଳାକାରଙ୍କ ଅଭିନୟ ଓ ଲୁକ୍‌କୁ ନେଇ ଚର୍ଚ୍ଚା ଦେଖିବାକୁ ମିଳିଥିଲା । ତେଣୁ ଚଳିତ ବର୍ଷ ପାର୍ବଣରେ ୬ଟି ସିନେମା ପାଇଁ ପ୍ରେକ୍ଷାଳୟକୁ ଚଳଚଞ୍ଚଳ କରିଛି । ତେବେ ଏହା ମଧ୍ୟରୁ କେଉଁ ସିନେମା ବାଜିମାତ୍ କରିବ, ସେକଥା ଆଗାମୀ ଦିନରେ ଜଣାପଡ଼ିବ ।

ମଧୁମାଳତୀ



୮୦ ଦଶକର ରୋମାଣ୍ଟିକ୍ ପ୍ରେକ୍ଷାପଟକୁ ନେଇ ସିନେମା ହେଉଛି 'ମଧୁମାଳତୀ' । 'ଔରୋଶ୍ରୀ ଫିଲ୍ମ' ନିବେଦିତ ତଥା ମୃତ୍ୟୁଞ୍ଜୟ ସାହୁଙ୍କ ନିର୍ଦ୍ଦେଶିତ ଏହି ସିନେମାରେ କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା । ଏହି ସିନେମାରେ ବଲିଉଡ୍ ଅଭିନେତା ସଞ୍ଜୟ ମିଶ୍ରା, ମହାଶ୍ୱେତା ରାୟ, ଭୂମିକା ଦାଶ, ଆକାଶ ହୋତା,କେକେ, ଭାସ୍ୱତୀ, ଶୁଭ୍ରାଂଶୁ, ପ୍ରଶାନ୍ତ, ସନୋଜ ଏବଂ ପ୍ରଜ୍ଞା ମଧ୍ୟ ନଜର ଆସିଛନ୍ତି । ତେବେ ସଂଜୟଙ୍କର ଏହା ହେଉଛି ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ହୋଇଥିବାରୁ ଏହି ସିନେମାକୁ ଦର୍ଶକୀୟ ଆଦୃତି ମିଳିବା ନେଇ ସଂଜୟ ବେଶ୍ ଆଶାବାଦୀ ଅଛନ୍ତି । ସିନେମାର ପ୍ରଯୋଜନାରେ ସଚ୍ଚିକାନ୍ତ ଜେନା ଅଛନ୍ତି । ସଂଗୀତ ନିର୍ଦ୍ଦେଶନାରେ ଅଛନ୍ତି ବୈଦ୍ୟନାଥ ଦାଶ । ■

ମନଷ୍ଟର୍

'ମନଷ୍ଟର୍' ସିନେମାରେ କିଲର୍ ଲୁକ୍‌ରେ ନଜର ଆସିଛନ୍ତି ଆଦିତ୍ୟ ମହାପାତ୍ର । ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ଦିବ୍ୟଜ୍ୟୋତି ତ୍ରିପାଠୀ, ମହାଶ୍ୱେତା ରାୟ, କ୍ରିଷ୍ଣାକର, ଚୌଧୁରୀ ଜୟ ପ୍ରକାଶ ଦାସ ପ୍ରମୁଖ ଅଭିନୟ କରିଛନ୍ତି । ସିନେମାଟି ଆକ୍ସନ ଫିଲ୍ମ ହୋଇଥିବାରୁ ଯୁବପିଢ଼ି ପସନ୍ଦ କରିବେ । ■

ମୋହନଗିରି

'ୟୁକେ କ୍ରିଏସନ୍' ନିର୍ମିତ 'ମୋହନଗିରି' ସିନେମା ପୂଜା ବଜାରରେ ମୁକ୍ତିଲାଭ କରିଛି । ରିୟାଜ୍ ଖାନ୍‌ଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ଅନେକ ନବାଗତ କଳାକାର ଅଛନ୍ତି । ସାର୍ଥକ, ଅର୍ଲିନ ଅଙ୍କିତା, ହିରଣ୍ମୟୀ, ଉଷସୀ ମିଶ୍ର, ଚୌଧୁରୀ ବିକାଶ ଦାସ, ପୁଷ୍ପା ପଣ୍ଡା ପ୍ରମୁଖ କଳାକାର ଅଭିନୟ କରିଛନ୍ତି । ସିନେମାର ଅଧିକାଂଶ ସୁଟିଂ ଓଡ଼ିଶାରେ କରାଯାଇଛି । ■

ଜୟବର୍ଦ୍ଧନେଙ୍କ ସ୍ଥାନରେ ପୋଲାର୍ଡ ମୁମ୍ବାଇର ମୁଖ୍ୟ ପ୍ରଶିକ୍ଷକ

ମୁମ୍ବାଇ, ୨୪।୧୦ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ୨୦ତମ ସିଜନ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ଫ୍ରାଞ୍ଚାଇଜ ପ୍ରଶିକ୍ଷକମଣ୍ଡଳୀରେ ବଡ଼ ପରିବର୍ତ୍ତନ କରିଛି। ପୂର୍ବତନ ଖେଳାଳି କାଇରନ ପୋଲାର୍ଡଙ୍କୁ ଦଳର ନୂଆ ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତ କରାଯାଇଛି। ଶ୍ରୀଲଙ୍କାର ମାହେଲା ଜୟବର୍ଦ୍ଧନେଙ୍କ ସ୍ଥାନରେ ୩୯ ବର୍ଷୀୟ ପୋଲାର୍ଡ ଏହି ଗୁରୁଦାୟିତ୍ୱ ତୁଲାଇବେ। ପୋଲାର୍ଡ ଗତ ୧୬ ବର୍ଷ ଧରି ମୁମ୍ବାଇ ଇଣ୍ଡିଆନ୍ସ ସହ ଜଡ଼ିତ ରହିଛନ୍ତି। ୨୦୧୦ରେ ପ୍ରଥମେ ଖେଳାଳି ଭାବରେ ପୋଲାର୍ଡ ମୁମ୍ବାଇରେ ଯୋଗ ଦେଇଥିଲେ। ପରବର୍ତ୍ତୀ ସମୟରେ ବ୍ୟାଟିଂ କୋଚ୍ ଭାବେ ଦଳର ସଫଳତାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିବା ପୋଲାର୍ଡ ଏବେ ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ତୁଲାଇବେ। ରେକର୍ଡ ପାଞ୍ଚଥର ଟାଇଟଲ୍ ଜିତିଥିବା ମୁମ୍ବାଇ ଦଳର ସେ ପ୍ରମୁଖ ସଦସ୍ୟ ରହିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସର ମାଲିକାଣି ନୀତା ଅମ୍ବାନୀ ପୋଲାର୍ଡଙ୍କ ନିଯୁକ୍ତିକୁ ନେଇ ଖୁସି ପ୍ରକାଶ କରି କହିଛନ୍ତି। ଉଲ୍ଲେଖଯୋଗ୍ୟ, ଶେଷଥର ଲାଗି ୨୦୨୦ରେ ଆଇପିଏଲ ଟାଇଟଲ ଜିତିଥିଲା। ଜୟବର୍ଦ୍ଧନେଙ୍କ ଦୁଇ ବର୍ଷର କାର୍ଯ୍ୟକାଳ ମଧ୍ୟରେ ମୁମ୍ବାଇ ଫ୍ରାଞ୍ଚାଇଜ ଆଇପିଏଲରେ ଆଶାନୁରୂପକ ପ୍ରଦର୍ଶନ କରିପାରି ନ ଥିଲା।

ମେସିଙ୍କୁ ସ୍ପେନର ସମ୍ମାନଜନକ 'ପ୍ରିନ୍‌ସେସ୍ ଅଫ୍ ଆଷ୍ଟୁରିଆସ୍' ପୁରସ୍କାର

ମାଦ୍ରିଦ୍,୨୪।୧୦(ଏଜେନ୍ସି): ଫୁଟ୍‌ବଲ୍ ଜଗତର କିଂବଦନ୍ତୀ ଖେଳାଳି ଲିଓନେଲ୍ ମେସିଙ୍କୁ ସ୍ପେନ୍‌ର ସମ୍ମାନଜନକ 'ପ୍ରିନ୍‌ସେସ୍ ଅଫ୍ ଆଷ୍ଟୁରିଆସ୍' କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଛି। ସ୍ପେନ୍‌ର ରାଜକୁମାରୀ ଲିଓନର୍ ତାଙ୍କୁ ଏହି ପୁରସ୍କାର ଦେଇଛନ୍ତି। ଜୁନ୍ ମାସରେ ୩୯ ବର୍ଷୀୟ ମେସିଙ୍କୁ ଏହି ସମ୍ମାନ ପାଇଁ ମନୋନୀତ କରାଯାଇଥିଲା। ଫୁଟ୍‌ବଲ୍‌ରେ ତାଙ୍କର ଅସାଧାରଣ ସଫଳତା ସହ ଅବହେଳିତ ଶିଶୁଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ସହଯୋଗ ପାଇଁ ମେସିଙ୍କୁ ଏହି ସମ୍ମାନ ମିଳିଛି।

ପୁରସ୍କାର ପ୍ରଦାନ ଉତ୍ସବରେ ପତ୍ନୀ ଆଣ୍ଟୋନେଲା ରୋକୁଜୋଙ୍କ ସହ ମେସି ଉପସ୍ଥିତ ଥିଲେ। ପୁରସ୍କାର ବାବଦରେ ତାଙ୍କୁ ୫୦ ହଜାର ୟୁରୋ (ପ୍ରାୟ ୫୩ ଲକ୍ଷ ଟଙ୍କା) ଅର୍ଥରାଶି ପ୍ରଦାନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ମେସି ଅଗଷ୍ଟ ୩୧ରେ ଅନ୍ତର୍ଜାତୀୟ ଫୁଟବଲରୁ ଅବସର ନେଇଥିଲେ।

ଅଜୟ ସିଂହଙ୍କ ବିରୋଧରେ ଆସିବ ଅନାସ୍ଥା ପ୍ରସ୍ତାବ

ନୂଆଦିଲ୍ଲୀ,୨୪।୧୦(ଏଜେନ୍ସି): ଭାରତୀୟ ବକ୍ସିଂ ମହାସଂଘ (ବିଏଫ୍‌ଆଇ) ସଭାପତି ଅଜୟ ସିଂହଙ୍କ ବିରୋଧରେ ଅକ୍ଟୋବର ୨୮ ରେ ଅନାସ୍ଥା ପ୍ରସ୍ତାବ ଆସିବାକୁ ଯାଉଛି। ମହାସଂଘର ନିଲମ୍ବିତ ମହାସଚିବ ପ୍ରମୋଦ କୁମାରଙ୍କ ଗୋଷ୍ଠୀ ଏହି ପ୍ରସ୍ତାବ ଆଣୁଛି। ଏହାର ଫଳାଫଳ ଉପରେ ଅନ୍ତର୍ଜାତୀୟ ବକ୍ସିଂ ସଂସ୍ଥା 'ୱାର୍ଲ୍ଡ ବକ୍ସିଂ' ନଜର ରଖିଛି। ପ୍ରମୋଦଙ୍କ ଅନୁସାରେ, ମହାସଂଘର କାର୍ଯ୍ୟପ୍ରଣାଳୀ ନେଇ ସଦସ୍ୟ ସଂଘଗୁଡ଼ିକ ମଧ୍ୟରେ ଗମ୍ଭୀର ଅସନ୍ତୋଷ ରହିଛି। ନିୟମିତ ପ୍ରତିଯୋଗିତା ଆୟୋଜନ ନ ହେବା, ଦୀର୍ଘମିଆଦୀ ଯୋଜନାର ଅଭାବ ଏବଂ ଖେଳାଳି ଚୟନରେ ସ୍ୱଚ୍ଛତା ନ ରହିବା ନେଇ ତାଙ୍କ ଗୋଷ୍ଠୀ ଅଭିଯୋଗ କରିଛି। ଅନାସ୍ଥା ପ୍ରସ୍ତାବ ପାରିତ କରିବାକୁ ବିଏଫ୍‌ଆଇର ୩୩ଟି ସଦସ୍ୟ ସଂଘ ମଧ୍ୟରୁ ୨୨ଟିର ସମର୍ଥନ ଆବଶ୍ୟକ। ୱାର୍ଲ୍ଡ ବକ୍ସିଂ ସଭାକୁ ପର୍ଯ୍ୟବେକ୍ଷକ ପଠାଇପାରିବ ନାହିଁ ବୋଲି କହିଥିଲେ ମଧ୍ୟ ଫଳାଫଳ ଅନୁଧ୍ୟାନ କରି ପରବର୍ତ୍ତୀ ନିଷ୍ପତ୍ତି ନେବ ବୋଲି ପ୍ରମୋଦ କହିଛନ୍ତି। ଭାରତୀୟ ଅଲିମ୍ପିକ୍ ସଂଘ ଓ କ୍ରୀଡ଼ା ମନ୍ତ୍ରଣାଳୟକୁ ମଧ୍ୟ ପର୍ଯ୍ୟବେକ୍ଷକ ପଠାଇବାକୁ ଆମନ୍ତ୍ରଣ କରାଯାଇଛି। ଅନାସ୍ଥା ପ୍ରସ୍ତାବ ପାରିତ ହେଲେ ନୂଆ ନିର୍ବାଚନ କରାଯିବ।

ତିଳକ୍, ନମନ୍, ନୀତୀଶଙ୍କ କମାଲ୍; ନ୍ୟୁଜିଲାଣ୍ଡର କ୍ରମାଗତ ପରାଜୟ

୩୦୦ତମ ମ୍ୟାଚ୍‌ରେ ଭାରତର ୨୦୦ତମ ବିଜୟ

ଖ୍ରୀଷ୍ଟଚର୍ଚ୍ଚ, ୨୪।୧୦ (ଏଜେନ୍ସି)

ସ୍ଥାନୀୟ ହେଗଲୀ ଓଭାଲ ଗ୍ରାଉଣ୍ଡରେ ଶନିବାର ଅନୁଷ୍ଠିତ କଡ଼ା ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ ଟି-୨୦ ମ୍ୟାଚରେ ଭ୍ରମଣକାରୀ ଭାରତ ୪ ୱିକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଘରୋଇ ନ୍ୟୁଜିଲାଣ୍ଡ ପ୍ରଦତ୍ତ ୧୮୧ ରନର ଟାର୍ଗେଟକୁ ଭାରତୀୟ ଦଳ ଗୋଟିଏ ବଲ୍ ବାକିଥାଇ ୬ ୱିକେଟ ହରାଇ ହାସଲ କରିନେଇଥିଲା। ତିଳକ ବର୍ମା ୨୬ ବଲରେ ଅପରାଜିତ ୫୧ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଭାରତ ପାଇଁ ଦୁଇଟି କାରଣରୁ ଏହି ମ୍ୟାଚ୍ ସ୍ମରଣୀୟ ହୋଇଛି। ଅନ୍ତର୍ଜାତୀୟ ଟି-୨୦ କ୍ରିକେଟ୍‌ରେ ଭାରତର ଏହା ୩୦୦ତମ ମ୍ୟାଚ୍ ଥିଲା। ସେହିଭଳି ଏହି ମାଇଲଖୁଣ୍ଟ ମୁକାବିଲାରେ ଭାରତ ୨୦୦ତମ ଟି-୨୦ ମ୍ୟାଚ (ସୁପର ଓଭର ବିଜୟକୁ ଛାଡ଼ି) ଜିତି ଏହାକୁ ଅଧିକ ସ୍ମରଣୀୟ କରିଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ମଧ୍ୟ ଭାରତ ସମାନ ଭାବରେ ୪ ୱିକେଟରେ ଜିତିଥିଲା। ଫଳରେ ପାଞ୍ଚ ମ୍ୟାଚବିଶିଷ୍ଟ ସିରିଜରେ ଭାରତ ୨-୦ରେ ଅଗ୍ରଣୀ ରହିଛି। ସିରିଜର ତୃତୀୟ ମ୍ୟାଚ୍ ମଙ୍ଗଳବାର ୱେଲିଂଟନରେ ଖେଳାଯିବ।

ଫିଲିପ୍ସ-ଜ୍ୟାକବ୍ସ ଲଢ଼ିଲେ:

ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ନ୍ୟୁଜିଲାଣ୍ଡ ପାୱାର ପ୍ଲେ'ରେ ୪୧ ରନ ମଧ୍ୟରେ ଟିମ୍ ସେଇଫର୍ଟ (୭ରନ), ଫିନ୍ ଆଲେନ (୧୬) ଓ ଡାରୀଲ ମିଚେଲ (୬)ଙ୍କ ୱିକେଟ ହରାଇ ସଙ୍କଟରେ ପଡ଼ିଥିଲା। ତେବେ ମଧ୍ୟକ୍ରମରେ ଗ୍ଲେନ ଫିଲିପ୍ସ ଓ ବେଭନ ଜ୍ୟାକବ୍ସଙ୍କ ଲଢୁଆ ଅର୍ଦ୍ଧଶତକ ସହାୟତାରେ ଦଳ ୫ ୱିକେଟରେ ୧୮୦ ରନର ସମ୍ମାନଜନକ ସ୍କୋର କରିପାରିଥିଲା। ଫିଲିପ୍ସ ୪ଟି ଲେଖାଏ ଚୌକା ଓ ଛକା ବଳରେ ୪୩ ବଲରୁ ସର୍ବାଧିକ ୭୦ ଓ ଜ୍ୟାକବ୍ସ ୪୬ ବଲରେ ୫୮ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଚେଲ ସାଣ୍ଟନର ୪ ଓ ମିଚେଲ ବ୍ରେସୱେଲ ୧୦ ରନ କରିଥିଲେ। ଭାରତ ପକ୍ଷରୁ ଅର୍ଶଦୀପ ସିଂହଙ୍କୁ ୨ଟି ଏବଂ ଭୁବନେଶ୍ୱର କୁମାର, ପ୍ରିନ୍ସ ଯାଦବ ଓ ନୀତୀଶ ରେଡ୍ଡୀଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା।

ଶେଷ ଓଭରରେ ୧୧ ରନ:

ଜବାବରେ ଭ୍ରମଣକାରୀ ଭାରତ ପାଇଁ ସଞ୍ଜୁ ସାମସନ (୧୭ ବଲରେ ୧୪ ରନ) ଓ ଅଭିଷେକ ଶର୍ମା (୨୧ ବଲରେ ୨୭ ରନ) ଓପନିଂ ୱିକେଟ ଯୋଡ଼ିରେ ୪୦ ରନ ଉଠାଇ ଭଲ ଆରମ୍ଭ ଦେଇଥିଲେ। ତେବେ ପରବର୍ତ୍ତୀ ୩ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ (୮ ବଲରେ ୪ ରନ), ଅଧିନାୟକ ଶ୍ରେୟସ ଆୟର (୧୧ ବଲରେ ୭ରନ) ଓ ଅକ୍ଷର ପଟେଲ (୯ ବଲରେ ୧୧ ରନ) ନିରାଶ କରିବାରୁ ଦଳ ୭୦ ରନରେ ୫ ୱିକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏହାପରେ ତିଳକଙ୍କ ସହ ପୂର୍ବ ମ୍ୟାଚର ହିରୋ ନମନ ଧୀର ଓ ନୀତୀଶ ରେଡ୍ଡୀ ବିସ୍ଫୋରକ ପାଳି ଖେଳିବାରୁ ଭାରତ ଗୋଟିଏ ବଲ୍ ପୂର୍ବରୁ ୬ ୱିକେଟ ହରାଇ ରୋମାଞ୍ଚକ ବିଜୟ ହାସଲ କରିଥିଲା। ଶେଷ ଓଭରରେ ୧୧ ରନ ଆବଶ୍ୟକ ହେଉଥିବାବେଳେ ତିଳକ ଓ ନୀତୀଶ ଯୋଡ଼ି ୫ଟି ବଲରେ ଏହାକୁ ହାସଲ କରିନେଇଥିଲେ। ଛଅଟି ଚୌକା ଓ ଗୋଟିଏ ଛକା ବଳରେ ତିଳକ ୨୬ ବଲରେ ୫୧ ଓ ନୀତୀଶ ୧୩ ବଲରେ ୨୬ ରନ କରି ଅପରାଜିତ ରହିଥିଲେ। ନମନ ୩ଟି ଛକା ଓ ଗୋଟିଏ ଚୌକା ବଳରେ ୧୭ ବଲରୁ ୩୧ ରନ କରିଥିଲେ। ପ୍ରତିପକ୍ଷ ଅଧିନାୟକ ସାଣ୍ଟନର ୨୧ ରନରେ ୪ଟି ୱିକେଟ ନେଇ ପ୍ରଭାବୀ ବୋଲିଂ କରିଥିଲେ ମଧ୍ୟ ଏହା ବୃଥା ଯାଇଥିଲା।

ସର୍ବାଧିକ ଟି-୨୦ ମ୍ୟାଚ୍ ଖେଳିଥିବା ଦେଶ

ଦେଶ	ମ୍ୟାଚ	ବିଜୟ	ପରାଜୟ
ପାକିସ୍ତାନ	୩୦୪	୧୭୫	୧୧୬
ଭାରତ*	୩୦୦	୨୦୦	୮୩
ନ୍ୟୁଜିଲାଣ୍ଡ	୨୬୯	୧୩୫	୧୧୨
ୱେଷ୍ଟଇଣ୍ଡିଜ	୨୬୦	୧୧୧	୧୩୩
ଶ୍ରୀଲଙ୍କା	୨୪୩	୧୦୩	୧୩୦
ଦ.ଆଫ୍ରିକା	୨୩୫	୧୨୯	୧୦୧
ଇଂଲଣ୍ଡ	୨୩୩	୧୨୮	୯୨
ଅଷ୍ଟ୍ରେଲିଆ	୨୨୯	୧୨୭	୯୨

ସଂକ୍ଷିପ୍ତ ସ୍କୋର

ନ୍ୟୁଜିଲାଣ୍ଡ : ୧୮୦/୫, ୨୦ ଓଭର (ଫିଲିପ୍ସ- ୭୦, ଜ୍ୟାକବ୍ସ- ୫୮, ଆଲେନ- ୧୬, ସେଇଫର୍ଟ- ୭, ଅର୍ଶଦୀପ୍- ୨/୩୩, ଭୁବନେଶ୍ୱର- ୧/୫୦)।

ଭାରତ : ୧୮୧/୬, ୧୯.୫ ଓଭର (ତିଳକ- ୫୧*, ନୀତୀଶ- ୨୬*, ନମନ- ୩୧, ଅଭିଷେକ- ୨୭, ସୂର୍ଯ୍ୟବଂଶୀ- ୪, ସଞ୍ଜୁ- ୧୪, ସାଣ୍ଟନର- ୪/୨୧)।

ପ୍ଲେୟର ଅଫ୍ ଦି ମ୍ୟାଚ୍: ତିଳକ ବର୍ମା

ଟି-୨୦ରେ ଗୋଟିଏ ବର୍ଷରେ ତିଳକଙ୍କ ରେକର୍ଡ କ୍ୟାଚ୍

ଖ୍ରୀଷ୍ଟଚର୍ଚ୍ଚ, ୨୪।୧୦ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳ ଅନ୍ତର୍ଜାତୀୟ ଟି-୨୦ କ୍ରିକେଟରେ ୨୦୦ତମ ବିଜୟ ହାସଲ କରିଛି। ନିଜର ୩୦୦ତମ ମ୍ୟାଚରେ ଭାରତ ଶନିବାର ନ୍ୟୁଜିଲାଣ୍ଡକୁ ହରାଇ ଏହି ମାଇଲଖୁଣ୍ଟ ହାସଲ କରିଛି। ଏହି ମ୍ୟାଚ୍‌ରେ ୨୬ ବଲରେ ୫୧ ରନର ଅପରାଜିତ ବିସ୍ଫୋରକ ଅପରାଜିତ ପାଳି ଖେଳି ତିଳକ ବର୍ମା ଭାରତକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଆଉ ଏକ ଦୃଷ୍ଟିକୋଣରୁ ଏହି ମ୍ୟାଚ୍ ତିଳକଙ୍କ ପାଇଁ ସ୍ମରଣୀୟ ରହିବ। ତିଳକ ଏହି ମ୍ୟାଚରେ ଟିମ୍ ସେଇଫର୍ଟ ଓ ଡାରୀଲ ମିଚେଲଙ୍କ କ୍ୟାଚ୍ ଧରିଥିଲେ। ଫଳରେ ଚଳିତ ବର୍ଷ ଟି-୨୦ କ୍ରିକେଟରେ ତିଳକଙ୍କ କ୍ୟାଚ୍ ସଂଖ୍ୟା ୨୬ରେ ପହଞ୍ଚିଛି।

ଫଳରେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଟି-୨୦ରେ ସର୍ବାଧିକ କ୍ୟାଚ୍ ଧରିଥିବା ଖେଳାଳି ହୋଇଛନ୍ତି ତିଳକ। ଏହିକ୍ରମରେ ସେ ଇଣ୍ଡୋନେସିଆର ଡେନିଲସନ ହାଓ'ଙ୍କୁ ପଛରେ ପକାଇ ଦେଇଛନ୍ତି। ଡେନିଲସନ ୨୦୨୫ରେ ଟି-୨୦ରେ ୨୫ଟି କ୍ୟାଚ୍ ଧରିଥିଲେ।

ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଅନଅଫିସିଆଲ ଟେଷ୍ଟ

ଖାତା ଖୋଲିପାରିଲେନି ଭାରତ-ଏ'ର ୫ଜଣ ବ୍ୟାଟର୍

ଖ୍ରୀଷ୍ଟଚର୍ଚ୍ଚ, ୨୪।୧୦ (ଏଜେନ୍ସି): ନ୍ୟୁଜିଲାଣ୍ଡ ଗସ୍ତରେ ଯାଇଥିବା ଭାରତ-ଏ କ୍ରିକେଟ୍ ଦଳ ଦୟନୀୟ ଆରମ୍ଭ କରିଛି। ଘରୋଇ ନ୍ୟୁଜିଲାଣ୍ଡ-ଏ ବିପକ୍ଷରେ ଆରମ୍ଭ ହୋଇଥିବା ପ୍ରଥମ ଅନଅଫିସିଆଲ ଟେଷ୍ଟର ପ୍ରଥମ ପାଳିରେ ଭାରତ-ଏ ମାତ୍ର ୧୧୩ ରନରେ ଅଲଆଉଟ୍ ହୋଇଯାଇଛି। ଯଶ ରାଠୋଡ ଅପରାଜିତ ୪୪, ଦେବଦତ୍ତ ପଡ଼ିକଲ ୩୨, ଯଶସ୍ୱୀ ଜୟସ୍ୱାଲ ୧୭ ଓ ଅଂଶୁଲ କାମ୍ବୋଜଙ୍କ ୧୦ ରନକୁ ଛାଡ଼ିଦେଲେ ଅନ୍ୟ ୭ଜଣ ବ୍ୟାଟର ଦୁଇଅଙ୍କ ଛୁଇଁପାରି ନ ଥିଲେ। ଏପରିକି ଦୁଇ ନିର୍ଭରଯୋଗ୍ୟ ବ୍ୟାଟର ଲୋକେଶ ରାହୁଲ, ସାଇ ସୁଦର୍ଶନ, ୱାଶିଂଟନ ସୁନ୍ଦର, ଆକାଶଦୀପ, ମୁକେଶ ଚୌଧୁରୀ ଖାତା ଖୋଲିବାରେ ବିଫଳ ହୋଇଥିଲେ। ଅଧିନାୟକ ଧ୍ରୁବ ଜୁରେଲ ମାତ୍ର ୧ ଓ ଆକ୍ୱିବ ନବି ୫ ରନ କରି ଆଉଟ୍ ହୋଇଥିଲେ। ଘରୋଇ ନ୍ୟୁଜିଲାଣ୍ଡ-ଏ'ର ଦ୍ରୁତ ବୋଲର ସିମନ କିନି ୫ ଓ ଜ୍ୟାକ୍ ଗିବସନ ୩ଟି ୱିକେଟ ନେଇଥିଲେ। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ନ୍ୟୁଜିଲାଣ୍ଡ-ଏ ପ୍ରଥମ ଦିବସ ଷ୍ଟମ୍ପ ସୁଦ୍ଧା ୪୧ ଓଭରରେ ୩ ୱିକେଟ ହରାଇ ୧୩୫ ରନ ସଂଗ୍ରହ କରିଛି। ୭ ୱିକେଟ ବଳକାଥାଇ ଦଳ ୨୨ ରନରେ ଆଗୁଆ ରହିଛି।

ଫ୍ରେଞ୍ଚ ଓପନ୍ ଫାଇନାଲରେ ପିଭି ସିନ୍ଧୁ

ପ୍ୟାରିସ, ୨୪।୧୦ (ଏଜେନ୍ସି)

ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁ ଏଠାରେ ଚାଲିଥିବା ଫ୍ରେଞ୍ଚ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ କଡ଼ା ସଂଘର୍ଷପୂର୍ଣ୍ଣ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ସିନ୍ଧୁ ୨୧-୧୦, ୨୦-୨୨, ୨୧-୧୬ ଗେମରେ ବିଶ୍ୱର ୨୨ ନମ୍ବର ଖେଳାଳି ଜାପାନର ହିନା ଆକେଚିଙ୍କୁ ପରାସ୍ତ କରିଥିଲେ। ଏକ ଘଣ୍ଟା ୧୩ ମିନିଟ୍ ଲଢ଼େଇ କରିବା ପରେ ସିନ୍ଧୁ ଏହି ମ୍ୟାଚରେ ବିଜୟ ସ୍ୱାଦ ଚାଖିଥିଲେ। ଚଳିତ ବର୍ଷ ସିନ୍ଧୁଙ୍କ ଏହା ଦ୍ୱିତୀୟ ବିଡବ୍ଲ୍ୟୁଏଫ ୱାର୍ଲ୍ଡ ଟୁର୍ ଫାଇନାଲ। ଏଥିପୂର୍ବରୁ ସିନ୍ଧୁ ଗତ ଜୁଲାଇରେ ଜାପାନ ଓପନରେ ଚାମ୍ପିଅନ ହୋଇଥିଲେ। ବିଶ୍ୱର ୧୧ତମ ଖେଳାଳି ସିନ୍ଧୁ ଫାଇନାଲରେ ରବିବାର ଡିଫେଣ୍ଡିଂ ଚାମ୍ପିଅନ ଦକ୍ଷିଣ କୋରିଆର ଆନ୍ ସେ-ୟଙ୍ଗ୍'ଙ୍କୁ ଭେଟିବେ। ଅନ୍ୟ ଏକ ସେମିଫାଇନାଲରେ ୟଙ୍ଗ ୨୧-୧୨, ୨୧-୧୯ ସିଧାସଳଖ ଗେମରେ ଜାପାନର ନୋଜୋମି ଓକୁହାରାଙ୍କୁ ହରାଇଥିଲେ। ବିଶ୍ୱର ଏକ ନମ୍ବର ଖେଳାଳି ୟଙ୍ଗ୍'ଙ୍କ ବିପକ୍ଷରେ ସିନ୍ଧୁଙ୍କ ରେକର୍ଡ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ୟଙ୍ଗ୍'ଙ୍କ ସହ ସିନ୍ଧୁ ମୋଟ୍ ଉପରେ ୧୦ଥର ସାମ୍ନାସାମ୍ନି ହୋଇଥିବାବେଳେ ସମସ୍ତ ମ୍ୟାଚ୍ ହାରିଛନ୍ତି।

ଭାରତ-ଜିମ୍ବାୱେ ଦ୍ୱିତୀୟ ମହିଳା ଦିନିକିଆ ଆଜି

ଭଦୋଦରା, ୨୪।୧୦ (ଏଜେନ୍ସି): ଘରୋଇ ଭାରତ ଓ ଜିମ୍ବାୱେ ମହିଳା କ୍ରିକେଟ୍ ଦଳ ମଧ୍ୟରେ ଦ୍ୱିତୀୟ ଦିନିକିଆ ମ୍ୟାଚ ରବିବାର କୋଟାମ୍ବିସ୍ଥିତ ବିସିଏ ଷ୍ଟାଡିୟମରେ ଖେଳାଯିବ। ସ୍ମୃତି ମନ୍ଧାନାଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ପୂର୍ବରୁ ପ୍ରଥମ ମ୍ୟାଚକୁ ୯ ୱିକେଟର ବୃହତ୍ ବ୍ୟବଧାନରେ ବିଜୟୀ ହୋଇଥିଲା। ସେହିଭଳି ଟି-୨୦ ସିରିଜରେ ମଧ୍ୟ ହ୍ୟାଟ୍ରିକ ବିଜୟ ସହ ୩-୦ରେ କ୍ଲିନସୁଇପ୍ କରିଥିଲା। ତେଣୁ ଏହି ଅପରାଜେୟଧାରାକୁ ବଜାୟ ରଖି ଭାରତ ରବିବାର ଦ୍ୱିତୀୟ ଦିନିକିଆରେ ବିଜୟୀ ହୋଇ ସିରିଜକୁ ଆଗୁଆ କବଜା କରିବା ଲକ୍ଷ୍ୟରେ ରହିଛି। ପ୍ରଥମ ଦିନିକିଆରେ ଶତକ ହାସଲକାରୀ ପ୍ରତୀକା ରାୱଲଙ୍କଠାରୁ ଟିମ୍ ମ୍ୟାନେଜମେଣ୍ଟ ଆଉ ଏକ ବଡ଼ ଇନିଂସ ଆଶା ରଖିଛି। ଅପରପକ୍ଷରେ ଭ୍ରମଣକାରୀ ଜିମ୍ବାୱେ ଦଳ ଏହି ଗସ୍ତରେ କ୍ରମାଗତ ୪ଟି ମ୍ୟାଚ୍ ହାରି ପ୍ରତୀକ୍ଷିତ ବିଜୟ ଅପେକ୍ଷାରେ ରହିଛି। ଅପେକ୍ଷାକୃତ ଦୁର୍ବଳ ଜିମ୍ବାୱେ ପାଇଁ ବିଜୟ ବେଶ୍ କଷ୍ଟସାଧ୍ୟ ମନେ ହେଉଛି।

ନାଗୋୟାରେ ପାରା ଏସିଆନ ଗେମ୍ସ ଉଦ୍‌ଯାପିତ

ନାଗୋୟା,୨୪।୧୦(ଏଜେନ୍ସି)

ତ୍ରିରଙ୍ଗା ଧରିଲେ କଲେ ନିଶାଦ, ମୋନା

୨୦୩୦ରେ ଦୋହାରେ ପରବର୍ତ୍ତୀ ସଂସ୍କରଣ

ଜାପାନର ଆଇଚି-ନାଗୋୟାସ୍ଥିତ ପାଲୋମା ମିଜୁହୋ ଷ୍ଟାଡିୟମରେ ଶନିବାର ଭବ୍ୟ ସମାରୋହରେ ଉଦ୍‌ଯାପିତ ହୋଇଛି ୨୦୨୬ ପାରା ଏସିଆନ ଗେମ୍ସ। ରଙ୍ଗାରଙ୍ଗ ଉଦଯାପନୀ ଉତ୍ସବର ପ୍ୟାରେଡରେ ଦୁଇଟି ଲେଖାଏଁ ସ୍ୱର୍ଣ୍ଣପଦକ ଜିତିଥିବା ଆଥଲେଟ ନିଶାଦ କୁମାର ଓ ଶୁଟର ମୋନା ଅଗ୍ରୱାଲ ଭାରତୀୟ ଦଳର ପତାକାବାହକ ରହିଥିଲେ। ଉଭୟ ଖେଳାଳି ତ୍ରିରଙ୍ଗା ଧରି ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ଏହି ସମାରୋହରେ ଖେଳାଳି, କ୍ରୀଡ଼ା ଅଧିକାରୀ ଓ ବିଭିନ୍ନ ଦେଶର ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଏସୀୟ ପାରାଲିମ୍ପିକ୍ କମିଟିର ସଭାପତି ମାଜିଦ୍ ରଶିଦ୍ ଆନୁଷ୍ଠାନିକ ଭାବେ କ୍ରୀଡ଼ାର ସମାପ୍ତି ଘୋଷଣା କରିଥିଲେ। ଏସିଆରେ ପାରା କ୍ରୀଡ଼ାର ବଢୁଥିବା ଶକ୍ତି ଏବଂ ଏକ ସମାବେଶୀ ସମାଜ ଗଠନରେ ଏହାର ଭୂମିକାକୁ ସେ ଗୁରୁତ୍ୱ ଦେଇଥିଲେ। ଜାପାନର ପ୍ରଧାନମନ୍ତ୍ରୀ ସାନାଏ ତାକାଇଚି ଖେଳାଳିମାନଙ୍କ ଦୃଢ଼ ସଂକଳ୍ପ, ଦଳଗତ ସହଯୋଗ ଓ କ୍ରୀଡ଼ାସୁଲଭ ମନୋଭାବର ପ୍ରଶଂସା କରିଥିଲେ। ପାରା କ୍ରୀଡ଼ାବିତ୍‌ଙ୍କ ପ୍ରଦର୍ଶନ ଏହି କ୍ରୀଡ଼ାର ଅନନ୍ୟ ସୌନ୍ଦର୍ଯ୍ୟକୁ ପ୍ରତିଫଳିତ କରୁଛି ବୋଲି ସେ ମତ ଦେଇଥିଲେ। ୨୦୧୦ରେ ଚୀନ୍‌ର ଗୁଆଙ୍ଗଝୋଉରୁ ଏସୀୟ ପାରା କ୍ରୀଡ଼ାର ଆରମ୍ଭ ହୋଇଥିଲା। ନାଗୋୟାରେ ଆୟୋଜିତ ଏହି ପଞ୍ଚମ ସଂସ୍କରଣରେ ୪୫ଟି ଦେଶ ଓ ଅଞ୍ଚଳର ପ୍ରାୟ ୪ ହଜାର ଖେଳାଳି ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ୧୮ ଟି କ୍ରୀଡ଼ା ବିଭାଗକୁ ନେଇ ଆୟୋଜିତ ଏହି ପ୍ରତିଯୋଗିତାରେ ୨୦ରୁ ଅଧିକ ବିଶ୍ୱରେକର୍ଡ ସ୍ଥାପନ ହୋଇଛି। ଏହାର ଷଷ୍ଠ ସଂସ୍କରଣ ୨୦୩୦ରେ କତାରର ଦୋହାରେ ଅନୁଷ୍ଠିତ ହେବ।

୨୦୨୬ ଏସୀୟ ପାରା କ୍ରୀଡ଼ାରେ ଭାରତ ଐତିହାସିକ ସଫଳତା ହାସଲ କରିଛି। ସାତ ଦିନିଆ ଏହି କ୍ରୀଡ଼ା ମହାକୁମ୍ଭରେ ଭାରତୀୟ ଖେଳାଳିମାନେ ମୋଟ ୧୧୪ଟି ପଦକ ଜିତି ଅଭିଯାନ ଶେଷ କରିଛନ୍ତି। ଯାହାକି ଭାରତର ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ। ଭାରତ ୩୦ଟି ସ୍ୱର୍ଣ୍ଣ, ୩୫ଟି ରୌପ୍ୟ ଓ ୪୯ଟି କାଂସ୍ୟ ସହ ପଦକ ତାଲିକାରେ ଚତୁର୍ଥ ସ୍ଥାନ ଅଧିକାର କରିଛି। ଏହା ପୂର୍ବରୁ ୨୦୨୨ ହାଙ୍ଗଝୋଉ ଏସୀୟ ପାରା କ୍ରୀଡ଼ାରେ ଭାରତ ୧୦୮ଟି ପଦକ ଜିତିଥିଲା। ଭାରତର ପଦକ ଅଭିଯାନରେ ପାରା ଆଥଲେଟିକ୍ସ ସବୁଠାରୁ ଅଧିକ ଅବଦାନ ରଖିଛି। ଏହି ବିଭାଗରୁ ଭାରତ ୨୨ଟି ସ୍ୱର୍ଣ୍ଣ, ୧୯ଟି ରୌପ୍ୟ ଓ ୨୪ଟି କାଂସ୍ୟ ସହ ମୋଟ ୬୫ଟି ପଦକ ଜିତିଛି। ପଦକ ତାଲିକାରେ ଚୀନ୍ ୨୦୭ଟି ସ୍ୱର୍ଣ୍ଣ ସହ ମୋଟ ୪୩୫ଟି ପଦକ ଜିତି ପ୍ରଥମ ସ୍ଥାନରେ ରହିଛି। ଆୟୋଜକ ଜାପାନ ୧୮୬ଟି ପଦକ ସହ ଦ୍ୱିତୀୟ ଓ ଉଜବେକିସ୍ତାନ ୧୪୫ଟି ପଦକ ସହ ତୃତୀୟ ସ୍ଥାନରେ ରହିଛି।

ପଦକ ତାଲିକା ଟପ୍-୧୦

ର୍ୟାଙ୍କ	ଦେଶ	ସ୍ୱର୍ଣ୍ଣ	ରୌପ୍ୟ	କାଂସ୍ୟ	ମୋଟ୍
୧	ଚାଇନା	୨୦୭	୧୧୭	୧୧୧	୪୩୫
୨	ଜାପାନ	୬୪	୬୦	୬୨	୧୮୬
୩	ଉଜବେକିସ୍ତାନ	୪୫	୪୯	୫୧	୧୪୫
୪	ଭାରତ	୩୦	୩୫	୪୯	୧୧୪
୫	ଦ.କୋରିଆ	୨୯	୩୮	୩୩	୧୦୦
୬	ଇରାନ	୨୬	୩୬	୪୦	୧୦୨
୭	ଥାଇଲାଣ୍ଡ	୧୯	୪୦	୬୬	୧୨୫
୮	ଇଣ୍ଡୋନେସିଆ	୧୫	୧୭	୩୬	୬୮
୯	କାଜାଖସ୍ତାନ	୧୨	୧୬	୨୧	୪୯
୧୦	ମାଲେସିଆ	୬	୭	୧୨	୨୫

ନର୍ଥଇଷ୍ଟକୁ ଅଟକାଇଲା ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର, ୨୪।୧୦ (ସମିସ): ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଶନିବାର ସନ୍ଧ୍ୟାରେ ଘରୋଇ ଓଡ଼ିଶା ଏଫ୍‌ସି ଓ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ଆଇଏସଏଲ୍-୧୩'ର ଏକ ମ୍ୟାଚ୍ ଗୋଲଶୂନ୍ୟ ଭାବରେ ଡ୍ର' ରହିଥିଲା। ଫଳରେ ନର୍ଥଇଷ୍ଟର କ୍ରମାଗତ ବିଜୟଧାରାରେ ଓଡ଼ିଶା ଏଫସି ବ୍ରେକ୍ ଲଗାଇବାରେ ସଫଳ ହୋଇଛି। ନର୍ଥଇଷ୍ଟ ଏଥିପୂର୍ବରୁ ସିଜନର ପ୍ରଥମ ଦୁଇଟି ମ୍ୟାଚରେ ଯଥାକ୍ରମେ ମୋହନ ବାଗାନ (୧-୦) ଓ କେରଳା ବ୍ଲାଷ୍ଟର୍ସ (୪-୧ ଗୋଲ)କୁ ହରାଇଥିଲା। କଳିଙ୍ଗରେ କିନ୍ତୁ ଦଳକୁ ପଏଣ୍ଟ ଭାଗ କରିବାକୁ ପଡ଼ିଛି। ଅପରପକ୍ଷରେ ଓଡ଼ିଶା ଏଫସିର ଏହା ତୃତୀୟ ମ୍ୟାଚରୁ ଦ୍ୱିତୀୟ ଡ୍ର। ପ୍ରଥମ ମ୍ୟାଚରେ ପଞ୍ଜାବ ଏଫ୍‌ସି (୨-୧) ନିକଟରୁ ହାରିଥିବା ଓଡ଼ିଶା ଏଫସି ପରବର୍ତ୍ତୀ ମ୍ୟାଚରେ ଇଣ୍ଟର କାଶୀ ସହ ୧-୧ ଗୋଲରେ ଡ୍ର ରଖିଥିଲା। ଓଡ଼ିଶା ଏଫସି ପରବର୍ତ୍ତୀ ମ୍ୟାଚ୍‌ରେ ନଭେମ୍ବର ୫ରେ ମୋହନ ବାଗାନକୁ ଭେଟିବ।

ଅନିଲ ଓ ଶୁଭମ ଓଡ଼ିଶା ରଣଜୀ ଦଳରେ ସାମିଲ

ଭୁବନେଶ୍ୱର, ୨୪।୧୦ (ସମିସ): ଚଳିତ ରଣଜୀ ଟ୍ରଫିର ତୃତୀୟ ରାଉଣ୍ଡ ସୋମବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବାକୁଯାଉଛି। ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ତୃତୀୟ ରାଉଣ୍ଡରେ ସର୍ଭିସେସକୁ କିଟ୍ ଗ୍ରାଉଣ୍ଡରେ ଭେଟିବ। ଏହି ମ୍ୟାଚ୍ ପୂର୍ବରୁ ରାଜ୍ୟ ରଣଜୀ ଦଳରେ ଛୋଟିଆ ଅଦଳବଦଳ କରାଯାଇଛି। ସର୍ଭିସେସ ଓ ଝାଡ଼ଖଣ୍ଡ ବିପକ୍ଷ ଆଗାମୀ ଦୁଇଟି ମ୍ୟାଚ୍ ଲାଗି ବ୍ୟାଟର ଅନିଲ ପରିଡ଼ା ଓ ଶୁଭମ ନାୟକଙ୍କୁ ଦଳରେ ସାମିଲ କରାଯାଇଛି। ୱିକେଟକିପର ଆଶୀର୍ବାଦ ସ୍ୱାଇଁ ଓ ସମ୍ବିତ ବେହେରାଙ୍କ ସ୍ଥାନରେ ଏହି ଦୁଇ ଖେଳାଳିଙ୍କୁ ସୁଯୋଗ ମିଳିଛି। ଆଶୀର୍ବାଦ ଓ ସମ୍ବିତ ସିକେ ନାଇଡୁ ଟ୍ରଫି ଲାଗି ଓଡ଼ିଶା ୨୩ ବର୍ଷରୁ କମ୍ ଦଳରେ ସ୍ଥାନ ପାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY